ବର୍ଷ-୨୫, ସଂଖ୍ୟା-୧୩୬
ଭୁବନେଶ୍ୱର
୧୯, ମଇ, ୨୦୨୫ ସୋମବାର
ପୃଷ୍ଠା-୦୮, ମୂଲ୍ୟ : ୨ଟଙ୍କା

Vol.-25, Issue No. 136
Bhubaneswar
19,May, 2025, Monday
Page-08, Rs.: 2.00


# ମହାଭାରତ


RNI Regd. No.: ODIODI2000/03863
Website : www.mahabharataepaper.com


Mahabharat

ପ୍ଲେ ଅଫ୍‌ରେ ୩ ଦଳ




# ହରଡ଼ଘଣାରେ ଓଡ଼ିଆ ୟୁଟ୍ୟୁବର ପ୍ରିୟଙ୍କା ସେନାପତି

ପୁରୀ,୧୮।୫(ମହାଭାରତ): ପାକିସ୍ତାନ ଗୁପ୍ତଚର ତଥା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ସହିତ ଲିଙ୍କ୍ ରେ ପୁରୀ କାଳୀକାଦେବୀ ସାହିର ୟୁଟ୍ୟୁବର ପ୍ରିୟଙ୍କା ସେନାପତିଙ୍କୁ ପଚରା ଉଚରା କରିଛି ପୁରୀ ପୋଲିସ। ପ୍ରିୟଙ୍କାଙ୍କ ଘରେ ଅତିରିକ୍ତ ଏସପି ଓ ସିଟି ଡିଏସପି ପହଂଚି ପଚରା ଉଚରା କରିଛନ୍ତି। ସାଇବର୍ ୟୁନିଟ୍ ପକ୍ଷରୁ ମଧ୍ୟ ପ୍ରିୟଙ୍କାଙ୍କୁ ପଚରାଉଚରା କରାଯାଇଛି। ପ୍ରିୟଙ୍କାଙ୍କ ସମେତ ତାଙ୍କ ପରିବାର ସଦସ୍ୟଙ୍କୁ ମଧ୍ୟ ପଚରାଉଚରା କରାଯାଇଛି। ଜ୍ୟୋତି ମାଲହୋତ୍ରାଙ୍କ ସହିତ ତାଙ୍କର ସମ୍ପର୍କ କଣ ରହିଥିଲା ସେନେଇ ପ୍ରିୟଙ୍କାଙ୍କୁ ଜେରା କରାଯାଇଛି। ସେଂଟ୍ରାଲ ଓ ଷ୍ଟେଟ ଇଂଟେଲିଜେନ୍ସ ସହିତ ଯୋଗାଯୋଗରେ ରହିଛି ପୁରୀ ପୋଲିସ। ଘଟଣାର ତଦନ୍ତ ପାଇଁ ଏକ ସ୍ୱେଶାଲ ଟିମ୍ ଗଠନ କରାଯାଇଛି। ପୁରୀ ଏସପି ଭିନୀତ ଅଗ୍ରୱାଲ ଏହାର ନେତୃତ୍ୱ ନେଉଛନ୍ତି।

ହରିୟାଣା ପୋଲିସ ସହିତ ଯୋଗାଯୋଗରେ ରହିଛି ଓଡ଼ିଶା ପୋଲିସ। ଜ୍ୟୋତିଙ୍କ ସହିତ ପ୍ରିୟଙ୍କା କାହିଁକି ଯୋଗାଯୋଗରେ ଥିଲେ ଏବଂ ପ୍ରିୟଙ୍କା କଣ ପାଇଁ ପାକିସ୍ତାନର କର୍ତାରପୁର ଯାଇଥିଲେ। ଏବଂ ଜ୍ୟୋତି ଗତ ୨୦୨୪ ମସିହା ସେପ୍ଟେମ୍ବର ୨୯ ତାରିଖରେ ପୁରୀ ଆସିଥିବା ବେଳେ ପ୍ରିୟଙ୍କା ତାଙ୍କ ସହିତ ବୁଲାବୁଲି କରିଥିଲେ। ସେ ପୁରୀ ଆସିଥିବା ବେଳେ ଶ୍ରୀମନ୍ଦିରକୁ ଯାଇଥିଲେ କି ନାହିଁ, କେଉଁହୋଟେଲରେ ରହୁଥିଲେ, କେଉଁକେଉଁ ସ୍ଥାନକୁ ବୁଲିବାକୁ ଯାଇଥିଲେ ଏବଂ କଣ ତଥ୍ୟ ସଂଗ୍ରହ କରିଥିଲେ, ଏ ସମ୍ପର୍କରେ ପୁରୀ ପୋଲିସ ଛାନଭିନ୍ ଜାରି ରଖିଛି। ତଦନ୍ତ ନସରିବା ପର୍ଯ୍ୟନ୍ତ ପୁରୀ ଛାଡି ନଯିବାକୁ ପ୍ରିୟଙ୍କାଙ୍କୁ ନିର୍ଦ୍ଦେଶ ରହିଛି। ସମସ୍ତ ଦିଗରୁ ଏହାର ତଦନ୍ତ ଚାଲିଥିବା ପୁରୀ ଏସପି ଭିନୀତ ଅଗ୍ରୱାଲ କହିଛନ୍ତି। ପୁରୀ ଏସପି ଶ୍ରୀ ଅଗ୍ରୱାଲ ଆହୁରି ମଧ୍ୟ କହିଛନ୍ତି ଯେ, ଏହି ଘଟଣା ଆମ ନଜରକୁ ଆସିବା ପରେ ବର୍ତ୍ତମାନ ଆମେ ଭେରିଫାଏ କରୁଛୁ । ଜ୍ୟୋତି ମାଲହୋତ୍ରା ସହିତ ପୁରୀର ୟୁଟ୍ୟୁବର ପ୍ରିୟଙ୍କା ସେନାପତିଙ୍କ ସେଭଳି କିଛି ସମ୍ପର୍କ ରହିଛି କି, ସେନେଇ ସବୁ ଦିଗରୁ ଯାଂଚ୍ କରାଯାଉଛି। ଏହା ସହିତ ରାଜ୍ୟର ଇଂଟେଲିଜେନ୍ସ ଏଜେନ୍ସି ଓ ସେଂଟ୍ରାଲ ଇଂଟେଲିଜେନ୍ସ ଏଜେନ୍ସି ଓ ହରିୟାଣା ପୋଲିସ ସହିତ ମଧ୍ୟ ଆମେ ଯୋଗାଯୋଗରେ ରହିଛୁ । ଯାହା ବର୍ତମାନ ଜଣାପଡୁଛି ଜ୍ୟୋତି ମାଲହୋତ୍ରା ଗତ ବର୍ଷ ପୁରୀ ଆସିଥିଲେ। ପ୍ରକାଶ ଥାଉକି, ପାକିସ୍ତାନ ପାଇଁ ଗୁଇନ୍ଦାଗିରି ଅଭିଯୋଗରେ ଗିରଫ ହୋଇଛନ୍ତି ଜ୍ୟୋତି ମାଲହୋତ୍ରା । ଗତକାଲି ଜ୍ୟୋତି ସମେତ ୭ ଜଣଙ୍କୁ ଗିରଫ କରିଥିଲା ପୋଲିସ ।



ତେବେ ଏ ନେଇ ପ୍ରିୟଙ୍କାଙ୍କ ବାପା କହିଛନ୍ତି, ମୋ ଝିଅ କେବଳ ଅନଲାଇନରେ ସାଙ୍ଗ ହୋଇଛି ଏବଂ ଆମେ ଏସମସ୍ତ ଘଟଣାରେ ପୋଲିସକୁ ତଦନ୍ତରେ ସହଯୋଗ କରିବୁ ବୋଲି କହିଛନ୍ତି। ପ୍ରିୟଙ୍କାଙ୍କ ବାପା ରାଜ କିଶୋର ସେନାପତି।

ସେହିପରି ଜ୍ୟୋତିଙ୍କ ସମ୍ପର୍କରେ ବିଭିନ୍ନ ଗଣମାଧ୍ୟମରୁ ଜାଣିବା ପରେ ପ୍ରିୟଙ୍କା ନିଜ ଇନ୍‌ଷ୍ଟାଗ୍ରାମରେ ସ୍ପଷ୍ଟୀକରଣ ଦେଇ ଲେଖିଛନ୍ତି, ୟୁଟ୍ୟୁବ ମାଧ୍ୟମରେ ମୁଁ ଜ୍ୟୋତିଙ୍କୁ ଚିହ୍ନିଥିଲି। ତାଙ୍କ ସମ୍ପର୍କରେ ମୁଁ ଏତେ ମାତ୍ରାରେ ଅବଗତ ନ ଥିଲି। ସେ ପାକିସ୍ତାନ ଗୁପ୍ତଚର ଭାବେ କାମ କରୁଛନ୍ତି ବୋଲି ମୁଁ ଜାଣିଥିଲେ କେବେ ବି ତାଙ୍କ ସହ ଯୋଗାଯୋଗରେ ଆସି ନ ଥାନ୍ତି। ତାଙ୍କ ସମ୍ପର୍କରେ ଏସବୁ ଜାଣିବା ପରେ ଏବେ ମୋତେ ମଧ୍ୟ ଆଶ୍ଚର୍ଯ୍ୟ ଲାଗୁଛି। ଯଦି କୌଣସି ତଦନ୍ତକାରୀ ସଂସ୍ଥା ମୋତେ ପ୍ରଶ୍ନ ପଚାରନ୍ତି ତେବେ ମୁଁ ସମ୍ପୂର୍ଣ ସହଯୋଗ କରିବି। ଅନ୍ୟପଟେ ଘଟଣା ସମ୍ପର୍କରେ ସ୍ଥାନୀୟ ଲୋକେ ଏବଂ ସାହି ବାସିନ୍ଦାଙ୍କ ମଧ୍ୟରେ ମିଶ୍ର ପ୍ରତିକ୍ରିୟା ପ୍ରକାଶ ପାଇଛି। ଘଟଣାର ଉପଯୁକ୍ତ ତଦନ୍ତ ସହ ଦୋଷୀଙ୍କ ବିରୋଧରେ କାର୍ଯ୍ୟାନୁଷ୍ଠାନ ପାଇଁ ଦାବି କରିଛନ୍ତି।

## ଖୋଲୁଛି ଜ୍ୟୋତିଙ୍କ ଗୁମର

ଚଣ୍ଡିଗଡ଼,୧୮।୫: ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ଗିରଫ ହୋଇଥିବା ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କ ମାମଲାରେ ଏବେ ଗୋଟିଏ ପରେ ଗୋଟିଏ ସାଂଘାତିକ ଖୁଲାସା ହେଉଛି। ସେ ହରିୟାଣାର ହିସାରର ବାସିନ୍ଦା। ଜ୍ୟୋତି ପାକିସ୍ତାନୀ ଗୁଇନ୍ଦା ସଂସ୍ଥା ଆଇଏସ୍‌ଆଇ ତିନି ଜଣ ଅଧିକାରୀଙ୍କ ସହ ସମ୍ପର୍କରେ ଥିଲେ ଏବଂ ସେମାନଙ୍କ ତିନି ଜଣଙ୍କ ସହିତ ବହୁତ ନିକଟତର ଥିଲେ। ପାକିସ୍ତାନ ଦୂତାବାସରେ କାମ କରୁଥିବା ଦାନିଶ ଜ୍ୟୋତିଙ୍କୁ ଏହି ଅଧିକାରୀମାନଙ୍କ ସହିତ ପରିଚିତ କରାଇଥିଲେ। ପାକିସ୍ତାନ ପାଇଁ ଗୁପ୍ତଚର ଅଭିଯୋଗରେ ହରିୟାଣା ହିସାରର ପ୍ରସିଦ୍ଧ ଭ୍ରମଣକାରୀ ୟୁଟ୍ୟୁବର ଜ୍ୟୋତି ମାଲହୋତ୍ରାଙ୍କୁ ଗିରଫ କରାଯାଇଛି। 'ଟ୍ରାଭେଲ ୱିଥ୍ ଜୋ' ଟ୍ରାଭେଲ ଚ୍ୟାନେଲ ପାଇଁ ପ୍ରସିଦ୍ଧ ଜ୍ୟୋତିଙ୍କର ୩ ଲକ୍ଷ ୭୭,୦୦୦ରୁ ଅଧିକ ସବସ୍କ୍ରାଇବର୍ ଅଛନ୍ତି। ପାକିସ୍ତାନ ଯିବା ପରେ ସେ ଅନେକ ଭିଡିଓ ମଧ୍ୟ ତିଆରି କରିଛନ୍ତି। ଏବେ ତାଙ୍କର ଏକ ଭିଡିଓ ଭାଇରାଲ ହୋଇଛି ଯେଉଁଥିରେ ସେ ଜଣେ ପାକିସ୍ତାନୀ ଝିଅ ସହିତ ନଜର ଆସିଛନ୍ତି। ଏହି ପାକିସ୍ତାନୀ ଝିଅର ନାମ ହୀରା ବାତୁଲ।ଏହି ଭିଡିଓରେ ଦୁହେଁ ପରସ୍ପରକୁ ଭଉଣୀ ବୋଲି ଡାକିଛନ୍ତି। କହିଛନ୍ତି ହିନ୍ଦୁସ୍ତାନୀ-ପାକିସ୍ତାନୀ, ଭଉଣୀ-ଭଉଣୀ। ଆମେ ଭିନ୍ନ ଅଛୁ ବୋଲି ମନେ ହେଉନାହିଁ। ଏହି ବର୍ଷର କୋଉ୍‌ୱାର୍ଡ ହେବା ଉଚିତ।ଜ୍ୟୋତି ଇନ୍‌ଷ୍ଟାଗ୍ରାମର ଏହି ଭିଡିଓରେ ହୀରାକୁ ମଧ୍ୟ ଟ୍ୟାଗ୍ ବି କରିଛନ୍ତି। ହୀରାଙ୍କ ଇନ୍‌ଷ୍ଟାଗ୍ରାମ ଆଇଡି ଅନୁସାରେ, ସେ ଜଣେ ସାମ୍ବାଦିକାୟ ଏହି ଭିଡିଓଟି ୧୦ ସପ୍ତାହ ପୁରୁଣାୟ ଜ୍ୟୋତିଙ୍କୁ ଗିରଫ କରାଯିବା ପରଠାରୁ ଏହି ଭିଡିଓଟି ପୁଣି ଭାଇରାଲ ହେବାରେ ଲାଗିଛି। ଉତ୍ତର ଭାରତରେ କାର୍ଯ୍ୟ କରୁଥିବା ଏକ କଥିତ ପାକିସ୍ତାନ-ସଂଯୁକ୍ତ ଗୁପ୍ତଚର ନେଟ୍‌ୱର୍କର ତଦନ୍ତରେ ଜ୍ୟୋତି ଏବେ ଏକ ପ୍ରମୁଖ କେନ୍ଦ୍ରବିନ୍ଦୁ ପାଲଟିଛନ୍ତି। ପାକିସ୍ତାନୀ ଗୋଇନ୍ଦା ସଂସ୍ଥାଗୁଡ଼ିକୁ ଗୁପ୍ତଚର ଏବଂ ସମ୍ବେଦନଶୀଳ ଭାରତୀୟ ସୂଚନା ପ୍ରଦାନ କରିବା ଅଭିଯୋଗରେ ହିସାର ପୋଲିସ ଜ୍ୟୋତି ମାଲହୋତ୍ରାଙ୍କୁ ଗିରଫ କରିଥିଲା। ଜ୍ୟୋତିଙ୍କ ସ୍ୱୀକାରୋକ୍ତି ଏବଂ ଗିରଫଦାରୀ ପରେ, ତାଙ୍କୁ ୫ ଦିନିଆ ପୋଲିସ ରିମାଣ୍ଡରେ ନିଆଯାଇଥିଲା ଏବଂ

## ମୋଷ୍ଟ୍ ୱାଣ୍ଟେଡ୍ ସୈଫୁଲ୍ଲା ଖାଲିଦ୍ ନିହତ

ନୂଆଦିଲ୍ଲୀ,୧୮।୫(ମହାଭାରତ): ଆତଙ୍କବାଦୀ ସଂଗଠନ ଲସ୍କର-ଏ-ତୈବାକୁ ବଡ଼ ଝଟକା ମିଳିଛି। ଆତଙ୍କୀ ସୈଫୁଲ୍ଲା ଖାଲିଦ୍ ନିହତ ହୋଇଛି। ଅଜ୍ଞାତ ଆତତାୟୀଙ୍କ ଗୁଳି ମାଡ଼ରେ ପ୍ରାଣ ହରାଇଛି ହାର୍ଡକୋର୍ ଆତଙ୍କାବାଦୀ। ଭାରତରେ ତିନୋଟି ବଡ଼ ହମଲାରେ ସାମିଲ ଥିଲା ସୈଫୁଲ୍ଲା ଖାଲିଦ୍ ନେପାଳରେ ରହି ଲସ୍କରକୁ ଅପରେଟ୍ କରିବା ସହିତ ଭାରତ ବିରୋଧରେ ଷଡ଼ଯନ୍ତ୍ର ରଚୁଥିଲା। ବର୍ତ୍ତମାନ ସେ ସିନ୍ଧ୍ ପ୍ରାନ୍ତର ମତଲୀ, ବଦୀନରେ କାର୍ଯ୍ୟ କରୁଥିଲା।



ଲସ୍କର-ଏ-ତୈବାର ଆତଙ୍କବାଦୀ ସୈଫୁଲ୍ଲା ଖାଲିଦ୍, ମହାରାଷ୍ଟ୍ର ନାଗପୁରରେ ଥିବା ଆରଏସଏସ ମୁଖ୍ୟାଳୟ ହମଲାର ମାଷ୍ଟର ମାଇଣ୍ଡ ଥିଲା । ୨୦୦୬ରେ ଷଡ଼ଯନ୍ତ୍ର ରଚି ସ୍ୱୟଂ ସେବକ ସଂଘ କାର୍ଯ୍ୟାଳୟକୁ ଟାର୍ଗେଟ୍ କରିଥିଲା । ସେହିପରି ୨୦୦୧ରେ ରାମପୁର ସିଆରପିଏଫ୍ କ୍ୟାମ୍ପକୁ ଟାର୍ଗେଟ୍ କରିଥିଲା। ୨୦୦୫ରେ ଷଡ଼ଯନ୍ତ୍ର ରଚି ବେଙ୍ଗାଲୁରୁରେ ହମଲା କରାଇଥିଲା। ଭାରତୀୟ ବିଜ୍ଞାନ ସଂସ୍ଥାନର ଅଡିଟୋରିୟମରୁ ଅତିଥିମାନେ ବାହାରୁ ଥିବାବେଳେ ଆତଙ୍କବାଦୀମାନେ ଟାର୍ଗେଟ୍ କରି ଗୁଳିମାଡ଼ କରିଥିଲେ।ଏହି ଆକ୍ରମଣରେ ଜଣେ ପ୍ରଫେସରଙ୍କ ମୃତ୍ୟୁ ହୋଇଥିଲା ଏବଂ ଅନେକ ଲୋକ ଆହତ ହୋଇଥିଲେ।ସୈଫୁଲ୍ଲା ଖାଲିଦ୍ ଲସ୍କର-ଏ-ତୈବାକୁ ଅପରେଟ୍ କରୁଥିଲା। ଭାରତ ବିରୋଧୀ ଷଡ଼ଯନ୍ତ୍ର ରଚିବା ଓ ହମଲା କରିବା ତାର ମୁଖ୍ୟ କାର୍ଯ୍ୟ ଥିଲା। ଏନେଇ ସେ ନେପାଳରେ ରହି ବାରମ୍ବାର ଭାରତରେ ହମଲା କରାଯାଉଥିଲା। ସୈଫୁଲ୍ଲା ଖାଲିଦ୍ ବାବଦରେ ଏନଆଇଏକୁ ଗୁଇନ୍ଦା ତଥ୍ୟ ମିଳିବା ପରେ ଭୟରେ ନେପାଳ ଛାଡ଼ି ଫେରାର୍ ହୋଇଯାଇଥିଲା। ସେ ଭାରତର ମୋଷ୍ଟ୍ ୱାଣ୍ଟେଡ୍ ଆତଙ୍କୀ ଥିଲା। ରବିବାର ପାକିସ୍ତାନରେ ଆତଙ୍କୀକୁ କେହି ଅଜ୍ଞାତ ଆତତାୟୀ ଗୁଳି କରି ହତ୍ୟାକରିଛି।

## କାଠଯୋଡି ନଦୀରେ ବୁଡିଗଲେ ୨ ଇଞ୍ଜିନିୟର

କଟକ,୧୮।୫(ମହାଭାରତ): କାଠଯୋଡି ନଦୀରେ ଗାଧୋଇବା ବେଳେ ପାଣିରେ ବୁଡି ୨ ଜଣ ଇଞ୍ଜିନିୟର ନିଖୋଜ ହୋଇଯାଇଥିଲେ । ଖବର ପାଇ ଅଗ୍ନିଶମ ବାହିନୀ ଘଟଣାସ୍ଥଳରେ ପହଂଚି ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଛି । ଜଣକର ମୃତଦେହ ଉଦ୍ଧାର କରାଯାଇଛି । ଅନ୍ୟ ଜଣେ ଅଦ୍ୟାବଧି ନିଖୋଜ ଅଛନ୍ତି। ଆଜି ସିଡ଼ିଏ ୧୧ ନିକଟ କାଠଯୋଡି ନଦୀରେ ଏମାନେ ଗାଧୋଉଥିବା ବେଳେ ପାଣିରେ ବୁଡି ଯାଇଥିଲେ । ଦୁଇ ଇଞ୍ଜିନିୟରଙ୍କ ମଧ୍ୟରୁ ଜଣକର ନାମ ରତିକେଶ ମାତାଲ ଓ ଅନ୍ୟ ଜଣକର ନାମ ରତିକ୍ ଭଞ୍ଜୋ ।

## ହାଇଦ୍ରାବାଦରେ ଭୀଷଣ ଅଗ୍ନିକାଣ୍ଡ

# ୧୭ ଜୀବନ୍ତ ଦଗ୍ଧ

ହାଇଦ୍ରାବାଦ,୧୮।୫(ଏଜେନ୍ସି): ହାଇଦ୍ରାବାଦ ସହରର ଚାରମିନାର ଅଂଚଳରେ ଥିବା ମିରଚୌକ ଅଂଚଳର ଗୁଲଜାର ହାଉସ୍‌ରେ ଭୟଙ୍କର ଅଗ୍ନିକାଣ୍ଡ ଘଟିଛି। ଏହି ଘଟଣାରେ ୧୭ ଜଣଙ୍କ ମୃତ୍ୟୁ ଘଟିଛି ଏବଂ ଅନେକ ଗୁରୁତର ଭାବେ ପୋଡି ଯାଇଛନ୍ତି। ମୃତକମାନଙ୍କ ମଧ୍ୟରେ ମହିଳା ଓ ଶିଶୁମାନେ ମଧ୍ୟ ଅଛନ୍ତି।




ଘଟଣାସ୍ଥଳରେ ପହଂଚିଥିବା ଅଗ୍ନିଶମ ବାହିନୀ ନିଆଁକୁ ନିୟନ୍ତ୍ରଣ କରିଛି। ଅଗ୍ନିଶମ ଦଳ ବିଲ୍ଡିଂରେ ଅଟକିଥିବା କିଛି ଲୋକଙ୍କୁ ବଂଚାଇବା ପାଇଁ ଉଦ୍ୟମ କରିଛନ୍ତି। ତେଲେଙ୍ଗାନାର ମୁଖ୍ୟମନ୍ତ୍ରୀ ରେଭନ୍ତ ରେଡ୍ଡି ଏହି ଦୁର୍ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ସେ କହିଛନ୍ତି ଯେ, ରାଜ୍ୟ ସରକାର ଆହତମାନଙ୍କୁ ଉତମ ଚିକିତ୍ସା ପାଇଁ ସମସ୍ତ ପ୍ରୟାସ କରିବେ।

ପୁଲିସ ସୂଚନା ଅନୁଯାୟୀ, ନିଆଁ ଚାରମିନାର ଅଂଚଳରେ ଗୁଲଜାର ହାଉସ୍ ନିକଟରେ ଥିବା ଏକ ବିଲ୍ଡିଂରେ ରବିବାର ସକାଳ ୬ଟା ପାଖାପାଖି ଲାଗିଥିଲା। ଘଟଣାରେ ପୋଡିଯାଇଥିବା ମଧ୍ୟରୁ ଆଠଜଣଙ୍କ ଘଟଣାସ୍ଥଳରେ ମୃତ୍ୟୁ ଘଟିଥିଲା, ଓ ଅନ୍ୟମାନଙ୍କର ଚିକିତ୍ସା ସମୟରେ ଜୀବନ ଯାଇଛନ୍ତି। ନିଆଁ ଲାଗିବା ସୂଚନା ମିଳିଥିବା ପରେ ପୁଲିସ ଓ ଅଗ୍ନିଶମ ବାହିନୀ ରାହତ ଓ ଉଦ୍ଧାର କାର୍ଯ୍ୟ ଆରମ୍ଭ କରିଦେଇଥିଲେ।ନିଆଁ ବିଲ୍ଡିଂ ପ୍ରଥମ ମହଲାରେ ଲାଗିଥିଲା, ଯାହା ପରେ ଦ୍ରୁତଗତିରେ ଭୟଙ୍କର ଆକାର ଧାରଣ କରିଥିଲା। ନିଆଁ କାହିଁକି ଲାଗିଲା ତାହାର ସ୍ପଷ୍ଟ କାରଣ ଜଣାପଡ଼ିନାହିଁ, କିନ୍ତୁ ଅନୁମାନ କରାଯାଉଛି ଯେ ଏସିରେ ଶର୍ଟ ସର୍କିଟ୍ ହେବା ଦ୍ୱାରା ଏହି ନିଆଁ ଲାଗିଛି।

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ମଧ୍ୟ ଏହି ଘଟଣାରେ ଦୁଃଖ ପ୍ରକାଶ କରିଛନ୍ତି। ଏହା ସହିତ, ମୃତକଙ୍କ ପରିବାରକୁ କ୍ଷତିପୂରଣ ଘୋଷଣା କରିଛନ୍ତି। ପ୍ରଧାନମନ୍ତ୍ରୀ ଟୁଇଟ୍ କରି କହିଛନ୍ତି, ତେଲଙ୍ଗାନାର ହାଇଦ୍ରାବାଦରେ ଅଗ୍ନିକାଣ୍ଡ ଘଟଣାରେ ଲୋକଙ୍କ ମୃତ୍ୟୁରେ ମୁଁ ଗଭୀର ଦୁଃଖିତ। ଯେଉଁମାନେ ସେମାନଙ୍କର ପ୍ରିୟଜନଙ୍କୁ ହରାଇଛନ୍ତି ସେମାନଙ୍କ ପ୍ରତି ମୋର ସମବେଦନା ଜଣାଇବା ସହ ଆହତମାନଙ୍କ ଆଶୁଆରୋଗ୍ୟ କାମନା କରୁଛି। ପ୍ରତ୍ୟେକ ମୃତକଙ୍କ ପରିବାର ସଦସ୍ୟଙ୍କୁ ପ୍ରଧାନମନ୍ତ୍ରୀ ଜାତୀୟ ରିଲିଫ ପାଣ୍ଠିରୁ ୨ ଲକ୍ଷ ଟଙ୍କା ଅନୁକମ୍ପା ରାଶି ପ୍ରଦାନ କରାଯିବ। ଆହତମାନଙ୍କୁ ୫୦,୦୦୦ ଟଙ୍କା ଦିଆଯିବ ବୋଲି ପ୍ରଧାନମନ୍ତ୍ରୀ ଘୋଷଣା କରିଛନ୍ତି।

## ଇସ୍ରୋର ୧୦୧ତମ ଉତ୍‌କ୍ଷେପଣରେ ତ୍ରୁଟି

ଶ୍ରୀହରିକୋଟା,୮।୫(ମହାଭାରତ): ଭାରତୀୟ ମହାକାଶ ଗବେଷଣା ସଂଗଠନ (ଇସ୍ରୋ) ଆନ୍ଧ୍ରପ୍ରଦେଶର ଶ୍ରୀହରିକୋଟାରୁ ପିଏସଏଲଭି-ସି୬୧ ଉତ୍‌କ୍ଷେପଣ କରିଥିଲା। ଯାହା ଇଓଏସ-୦୯(ପୃଥିବୀ ପର୍ଯ୍ୟବେକ୍ଷଣ ସାଟେଲାଇଟ୍-୦୯)କୁ ଏସଏସପିଓ କକ୍ଷପଥକୁ ନେଇଯିବାକୁ ଯାଉଥିଲାୟ କିନ୍ତୁ ଏହି ମିସନରେ ଇସ୍ରୋ ସଫଳତା ପାଇ ପାରି ନାହିଁ। ଇଓଏସ-୦୪ର ଏକ ଦ୍ୱୈତ ଉପଗ୍ରହ, ଓଇଏସ-୦୯, ଦୂର ସେନ୍ସିଂ ତଥ୍ୟ ସୁନିଶ୍ଚିତ କରିବା ଏବଂ କାର୍ଯ୍ୟକ୍ଷମ ପ୍ରୟୋଗରେ ନିୟୋଜିତ ଉପଭୋକ୍ତା ବର୍ଗଙ୍କ ପାଇଁ ପର୍ଯ୍ୟବେକ୍ଷଣର ଫ୍ରିକ୍ୱେନ୍ସିକୁ ଉନ୍ନତ କରିବା ଲକ୍ଷ୍ୟରେ ଡିଜାଇନ୍ କରାଯାଇଛି।

ଇସ୍ରୋ ସୋସିଆଲ ମିଡିଆ ପ୍ଲାଟଫର୍ମ ଏକ୍ସରେ ଲେଖିଛି ଯେ, ଆଜି ୧୦୧ତମ ଉତ୍‌କ୍ଷେପଣ ପ୍ରୟାସ ଥିଲା, ଦ୍ୱିତୀୟ ପର୍ଯ୍ୟାୟ ପର୍ଯ୍ୟନ୍ତ ପିଏସଏଲଭି-ସି ୬୧ର କାର୍ଯ୍ୟଦକ୍ଷତା ସ୍ୱାଭାବିକ ଥିଲା। ତୃତୀୟ ପର୍ଯ୍ୟାୟରେ ପର୍ଯ୍ୟବେକ୍ଷଣ ଯୋଗୁ ମିସନ ସମାପ୍ତ ହୋଇପାରିଲା ନାହିଁ। ପିଏସଏଲଭି-ସି ୬୧ ର ଉଡ଼ାଣ କ୍ରମରେ ବିଭିନ୍ନ ପର୍ଯ୍ୟାୟ ରହିଛି। ଯାହା ଭୂମିରେ ପିଏସ-୧ ଏବଂ ପିଏସଏମଓର ପ୍ରଜ୍ୱଳନ ଠାରୁ ଆରମ୍ଭ କରି ବିଭିନ୍ନ ଅଂଶକୁ ପୃଥକ କରିବା ଏବଂ ଶେଷରେ ରକେଟ୍ରୁ ଉପଗ୍ରହକୁ ପୃଥକ କରିବା ପର୍ଯ୍ୟନ୍ତ ପର୍ଯ୍ୟାୟ ରହିଥାଏ।

# ପାକିସ୍ତାନ ପାଇଁ ଆଇଏମଏଫର ୧୧ ସର୍ତ୍ତ

ଇସଲାମାବାଦ,୧୮।୫(ମହାଭାରତ): ଅନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଆଇଏମଏଫ) ପାକିସ୍ତାନକୁ ୧ ବିଲିୟନ ଡଲାର ବେଲଆଉଟ ପ୍ୟାକେଜ ଘୋଷଣା କରିଛି। ବେଲଆଉଟ ପ୍ୟାକେଜର ପରବର୍ତ୍ତୀ ପର୍ଯ୍ୟାୟ ଜାରି କରିବା ପାଇଁ ଆଇଏମଏଫ ପାକିସ୍ତାନ ଉପରେ ୧୧ଟି ନୂତନ ସର୍ତ୍ତ ରଖିଛି। ଏହା ସହିତ, ଓଗର ପାକିସ୍ତାନକୁ କଡ଼ା ଚେତାବନୀ ଦେଇଛି।




ଆଇଏମଏଫ ପାକିସ୍ତାନକୁ ଚେତାବନୀ ଦେଇଛି ଯେ, ଭାରତ ଏବଂ ପାକିସ୍ତାନ ମଧ୍ୟରେ ବଢୁଥିବା ଉତ୍ତେଜନା କାର୍ଯ୍ୟକ୍ରମର ଆର୍ଥିକ, ବାହ୍ୟ ଏବଂ ସଂସ୍କାର ଲକ୍ଷ୍ୟ ପ୍ରତି ବିପଦ ବଢ଼ାଇପାରେ। ଏପରକି ନୂତନ ସର୍ତ୍ତଗୁଡ଼ିକ ମଧ୍ୟରେ ଆଗାମୀ ଆର୍ଥିକ ବର୍ଷର ବଜେଟ ପାଇଁ ସଂସଦର ଅନୁମୋଦନ ଅନ୍ତର୍ଭୁକ୍ତ। ଆଇଏମଏଫ ରିପୋର୍ଟରେ କୁହାଯାଇଛି ଯେ, ପାକିସ୍ତାନର ମୋଟ ବଜେଟ ଆକାର ୧୭,୬୦୦ ବିଲିୟନ ଟଙ୍କା। ଏଥିମଧ୍ୟରୁ ୧,୦୭୦୦ ବିଲିୟନ ଟଙ୍କା ବିକାଶମୂଳକ କାର୍ଯ୍ୟ ପାଇଁ ରହିବ। ଏପରିକି ବିଦ୍ୟୁତ ବିଲ ଉପରେ ଋଣ ସେବା ସରଚାର୍ଜରେ ବୃଦ୍ଧି କରାଯାଇଛିୟ ସେହିପରି ତିନି ବର୍ଷରୁ ପୁରୁଣା କାର୍ ଆମଦାନୀ ଉପରେ ପ୍ରତିବନ୍ଧକ ଉଠାଇବା ଅନ୍ତର୍ଭୁକ୍ତ ରହିଛି।

ଆଇଏମଏଫ ରିପୋର୍ଟରେ ଆଗାମୀ ଆର୍ଥିକ ବର୍ଷ ପାଇଁ ପ୍ରତିରକ୍ଷା ବଜେଟ ୨,୪୧୪ ବିଲିୟନ ଟଙ୍କା ଦର୍ଶାଯାଇଛି, ଯାହା ୨୫୨ ବିଲିୟନ ଟଙ୍କା କିମ୍ବା ୧୨ ପ୍ରତିଶତ ବୃଦ୍ଧି ହୋଇଛି। ଭାରତ ସହିତ ବିବାଦ ବୃଦ୍ଧି ପାଇବା ପରେ ପାକିସ୍ତନ ସରକାର ଏହି ମାସର ଆରମ୍ଭରେ ପ୍ରତିରକ୍ଷା କ୍ଷେତ୍ର ପାଇଁ ଆଇଏମଏଫ ଆକଳନ ଅପେକ୍ଷା ୨,୫୦୦ ବିଲିୟନ ଟଙ୍କା କିମ୍ବା ୧୮ ପ୍ରତିଶତ ଅଧିକ ବ୍ୟୟବରାଦ କରିବାକୁ ସୂଚିତ କରିଛନ୍ତି। ୨୨ ଏପ୍ରିଲରେ ପହଲଗାମ ଆତଙ୍କବାଦୀ ଆକ୍ରମଣର ଜବାବରେ, ଭାରତ ୬ ଏବଂ ୭ ମେ ମଧ୍ୟରାତ୍ରିରେ 'ଅପରେଶନ ସିନ୍ଦୂର' ଅଧୀନରେ ପାକିସ୍ତାନରେ ଥିବା ଆତଙ୍କବାଦୀ ଶିବିରଗୁଡ଼ିକ ଉପରେ ଆକ୍ରମଣ କରିଥିଲା। ଏହା ପରେ, ପାକିସ୍ତାନ ୮, ୯ ଏବଂ ୧୦ ମେରେ ଭାରତୀୟ ସାମରିକ ଘାଟି ଉପରେ ଆକ୍ରମଣ କରିବାକୁ ଚେଷ୍ଟା କରିଥିଲା। ୧୦ ମେରେ, ସାମରିକ କାର୍ଯ୍ୟାନୁଷ୍ଠାନ ବନ୍ଦ କରିବା ପାଇଁ ଦୁଇ ଦେଶ ମଧ୍ୟରେ ସହମତି ହୋଇଥିଲା।

## ଭୁବନେଶ୍ୱରରେ ଖୋଲିବ ଏନଆଇଏ ଶାଖା

**ଭୁବନେଶ୍ୱର,୧୮।୫(ମହାଭାରତ):** ଓଡ଼ିଶାର ରାଜଧାନୀ ଭୁବନେଶ୍ୱରରେ ଜାତୀୟ ତଦନ୍ତକାରୀ ସଂସ୍ଥା (ଏନଆଇଏ) ଶାଖା ଖୋଲିବ ବୋଲି ରାଜ୍ୟ ଗୃହ ବିଭାଗ ପକ୍ଷରୁ ବିଜ୍ଞପ୍ତି ଜାରି କରାଯାଇଛି। ଭୁବନେଶ୍ୱର ଏନଆଇଏ ଶାଖା ପ୍ରାରମ୍ଭିକ ଭାବେ ଭିଏସଏସ ନଗରରେ କାମ କରିବ। ଜଣେ ଏସପି ପାହ୍ୟାର ଅଧିକାରୀ ଏନଆଇଏ ଶାଖାର ମୁଖ୍ୟ ରହିବେ ବୋଲି ରାଜ୍ୟ ଗୃହ ବିଭାଗ ପକ୍ଷରୁ ଜାରି କରାଯାଇଥିବା ବିଜ୍ଞପ୍ତିରେ ଦର୍ଶାଯାଇଛି। ଜାତୀୟ ତଦନ୍ତ ସଂସ୍ଥା (ଏନଆଇଏ) ହେଉଛି ଭାରତର କେନ୍ଦ୍ରୀୟ ଆତଙ୍କବାଦ ବିରୋଧୀ ଆଇନ ପ୍ରବର୍ତ୍ତନ ସଂସ୍ଥା, ଯାହା ୨୦୦୮ ମସିହାରେ ପ୍ରତିଷ୍ଠିତ ହୋଇଥିଲା। ଏହାର ପ୍ରାଥମିକ ଭୂମିକା ହେଉଛି ଆତଙ୍କବାଦ ସହିତ ଜଡିତ ଅପରାଧ ଏବଂ ଜାତୀୟ ସୁରକ୍ଷା ଏବଂ ସାର୍ବଭୌମତ୍ୱକୁ ପ୍ରଭାବିତ କରୁଥିବା ଅନ୍ୟାନ୍ୟ ବିଷୟଗୁଡ଼ିକର ତଦନ୍ତ ଏବଂ ବିଚାର କରିବା। ଏନଆଇଏ ମଧ୍ୟ ଆତଙ୍କବାଦୀ ନେଟ୍‌ୱାର୍କଗୁଡ଼ିକୁ ଭାଙ୍ଗିବା ଉପରେ ଲକ୍ଷ୍ୟ ରଖିଥାଏ।

# ବାଂଲାଦେଶର ଅଂଶ ହେଉଛି ଓଡ଼ିଶା ?

## ତୁର୍କୀର ବଡ଼ ଚକ୍ରାନ୍ତ

ଢାକା,୧୮।୫(ମହାଭାରତ): ତୁର୍କୀ ଦ୍ୱାରା ସମର୍ଥିତ ଏକ ବାଂଲାଦେଶୀ ଇସଲାମିକ ଗୋଷ୍ଠୀ ସଲତାନାତ-ଏ-ବାଂଲା ନାମକ ସଂଗଠନ ଏକ ବିବାଦୀୟ ଗ୍ରେଟର ବାଂଲାଦେଶ ମାନଚିତ୍ର ପ୍ରକାଶ କରିଛି, ଯେଉଁଥିରେ ଭାରତର ପୂର୍ବ ଓ ଉତ୍ତର-ପୂର୍ବାଞ୍ଚଳର କେତେକ ରାଜ୍ୟ ଏବଂ ମିଆଁମାରର ଅରାକାନ ରାଜ୍ୟକୁ ଅନ୍ତର୍ଭୁକ୍ତ କରାଯାଇଛି। ଏହି ମାନଚିତ୍ରରେ ଭାରତର ବିହାର, ଝାଡ଼ଖଣ୍ଡ, ଓଡ଼ିଶା ଏବଂ ସମ୍ପୂର୍ଣ୍ଣ ଉତ୍ତର-ପୂର୍ବାଞ୍ଚଳ (ଅସମ, ତ୍ରିପୁରା ଆଦି) ରାଜ୍ୟଗୁଡ଼ିକୁ ଗ୍ରେଟର ବାଂଲାଦେଶର ଅଂଶ ଭାବେ ଦର୍ଶାଯାଇଛି। ଏହା ସହିତ ମିଆଁମାରର ଅରାକାନ ରାଜ୍ୟକୁ ମଧ୍ୟ ଅନ୍ତର୍ଭୁକ୍ତ କରାଯାଇଛି। ଏହି ମାନଚିତ୍ର ଯୁବକମାନଙ୍କୁ ଟାର୍ଗେଟ କରି ପ୍ରଚାର କରାଯାଉଥିବା ଜଣାପଡ଼ିଛି, ଯାହା ଏକ ଇସଲାମିକ ଏଜେଣ୍ଡାକୁ ପ୍ରୋତ୍ସାହନ ଦେବାରେ ସଂଗଠନର ଉଦ୍ଦେଶ୍ୟକୁ ସୂଚାଇଛି। ଏହି ମାନଚିତ୍ର ଢାକାର ବିଶ୍ୱବିଦ୍ୟାଳୟ ପରିସର ଏବଂ ଯୁବକ ଓ ଛାତ୍ରମାନଙ୍କ ମଧ୍ୟରେ ଜନପ୍ରିୟ ସ୍ଥାନଗୁଡ଼ିକରେ ପ୍ରଦର୍ଶିତ ହୋଇଛି, ଯାହା ଭାରତ-ବାଂଲାଦେଶ ସମ୍ପର୍କ ଏବଂ ଆଞ୍ଚଳିକ ସୁରକ୍ଷା ଉପରେ ଗମ୍ଭୀର ପ୍ରଶ୍ନ ଉଠାଇଛି।

ମହମ୍ମଦ ୟୁନୁସଙ୍କ ନେତୃତ୍ୱାଧୀନ ଅନ୍ତରୀଣ ସରକାର ବାଂଲାଦେଶରେ କ୍ଷମତାକୁ ଆସିବା ପରେ ତୁର୍କୀ ଏହାର ପ୍ରଭାବ ବୃଦ୍ଧି କରିବାରେ ଲାଗିଛି ତୁର୍କୀର ଶାସକ ଏକେପି ଦଳ ସହ ଜଡ଼ିତ ଏନଜିଓଗୁଡ଼ିକ ବାଂଲାଦେଶରେ ସକ୍ରିୟ ହୋଇଛନ୍ତି।ଏହା ସହିତ, ପାକିସ୍ତାନ ମଧ୍ୟ ତୁର୍କୀ ଓ ବାଂଲାଦେଶ ମଧ୍ୟରେ ସମ୍ପର୍କ ଗାଢ଼ କରିବାରେ ପରୋକ୍ଷ ଭୂମିକା ନେଉଥିବା ଅଭିଯୋଗ ରହିଛି। ତୁର୍କୀ ବାଂଲାଦେଶ ସୈନ୍ୟବାହିନୀ ପାଇଁ ସାମରିକ ସାମଗ୍ରୀ ଯୋଗାଣ ପ୍ରସ୍ତାବ ଦେଇଛି, ଯାହା ଏହାର ରଣନୀତିକ ଉଦ୍ଦେଶ୍ୟକୁ ସୂଚାଇଛି।

ଏହି ଘଟଣା ଭାରତ ପାଇଁ ଗୁରୁତର ଚିନ୍ତାର ବିଷୟ ହୋଇଛି, କାରଣ ସିଲିଗୁଡ଼ି କରିଡର, ଯାହାକୁ ଚିକେନ ନେକ ମଧ୍ୟ କୁହାଯାଏ, ଭାରତର ଉତ୍ତର-ପୂର୍ବାଞ୍ଚଳକୁ ମୁଖ୍ୟ ଭୂଖଣ୍ଡ ସହ ସଂଯୋଗ କରୁଥିବା ଏକ ସମ୍ବେଦନଶୀଳ ଅଞ୍ଚଳ ଏହି ମାନଚିତ୍ର ଏବଂ ତୁର୍କୀ-ପାକିସ୍ତାନର ବୃଦ୍ଧିପ୍ରାପ୍ତ ପ୍ରଭାବ ଭାରତୀୟ ସୁରକ୍ଷା ବ୍ୟବସ୍ଥା ପାଇଁ ଏକ ଆହ୍ୱାନ ସୃଷ୍ଟି କରିଛି।

ମହମ୍ମଦ ୟୁନୁସଙ୍କ ସରକାର କ୍ଷମତାକୁ ଆସିବା ପରେ ବାଂଲାଦେଶରେ ଇସଲାମିକ ଚରମପନ୍ଥ ବୃଦ୍ଧି ପାଇଛି ହିନ୍ଦୁ ସମ୍ପ୍ରଦାୟ ଉପରେ ଆକ୍ରମଣ ଏବଂ ସାଂସ୍କୃତିକ ପରିଚୟ ନଷ୍ଟ କରିବାର ଘଟଣା ବୃଦ୍ଧି ପାଇଛି, ଯାହା ଭାରତ-ବାଂଲାଦେଶ ସମ୍ପର୍କକୁ ଆହୁରି ଖରାପ କରିଛି ଉଦାହରଣ ସ୍ୱରୂପ, ଜଣେ ବାଂଲାଦେଶୀ ଚରମପନ୍ଥୀ ମୌଲାନା ଅବଦୁଲ କୁଦ୍ଦୁସ ଫାରୁକୀ କୋଲକାତାରେ ଆତ୍ମଘାତୀ ଆକ୍ରମଣର ଧମକ ଦେଇଥିବା ଭିଡିଓ ସାମ୍ନାକୁ ଅସିଛି, ଯାହା ଆଞ୍ଚଳିକ ଉତ୍ତେଜନାକୁ ବୃଦ୍ଧି କରିଛି।

# ବୌଦ୍ଧରେ ବିଭିନ୍ନ ପ୍ରକଳ୍ପର ସମୀକ୍ଷା କଲେ ମୁଖ୍ୟମନ୍ତ୍ରୀ

ଭୁବନେଶ୍ୱର,୧୮।୫(ମହାଭାରତ): ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀ ବୌଦ୍ଧ ଜିଲ୍ଲା ଗସ୍ତ କରି ଜିଲ୍ଲାପାଳଙ୍କ ସଦଭାବନା ସଭାଗୃହ ଠାରେ ଜିଲ୍ଲା ପ୍ରଶାସନର ସମସ୍ତ ଉନ୍ନତିମୂଳକ କାର୍ଯ୍ୟର ସମୀକ୍ଷା କରିଛନ୍ତି ଏବଂ ଜିଲ୍ଲାର ପ୍ରଶାସନର କାର୍ଯ୍ୟ ବିଷୟରେ ସମୀକ୍ଷା କରି ବୈଠକ ରେ ନିଜର ସନ୍ତୋଷ ପ୍ରକାଶ କରିଛନ୍ତି। ସମୀକ୍ଷାରୁ ଜଣା ଯାଇଛି ଯେ ବୌଦ୍ଧ ଜିଲ୍ଲାବାସୀଙ୍କୁ ଉନ୍ନତ ଗମନାଗମନ ସୁବିଧା ଉପଲବ୍ଧ କରିବା ପାଇଁ ପ୍ରାୟ ୨୮ କୋଟି ଟଙ୍କା ମୂଲ୍ୟର ସଡ଼କ ପ୍ରକଳ୍ପ ପାଇଁ ନିକଟରେ ଶିଳାନ୍ୟାସ ଦିଆଯାଇଛି । ଖୁବ୍ ଶୀଘ୍ର ବୌଦ୍ଧରେ ଏକ ୩୦୦ ଶଯ୍ୟା ବିଶିଷ୍ଟ ଡାକ୍ତରଖାନା, ବୌଦ୍ଧର ନୂଆ ବସ୍‌ଷ୍ଟାନଣ୍ଡ ଏବଂ ବୌଦ୍ଧ ରେଲଷ୍ଟେସନ କାର୍ଯ୍ୟ ପ୍ରାୟତଃ ସଂପୂର୍ଣ୍ଣ ହୋଇଛି। ଖୁବ୍ ଶୀଘ୍ର ଏହି ସବୁ ପ୍ରକଳ୍ପ ଗୁଡ଼ିକ ଉଦଘାଟନ ହେବା ପାଇଁ ଯାଉଛି ବୋଲି ବୈଠକର ଆଲୋଚନାରୁ ଜଣାଯାଇଛି । ଜିଲ୍ଲାରେ କାର୍ଯ୍ୟକାରୀ ହେଉଥିବା ସମସ୍ତ ବିଭାଗୀୟ କାର୍ଯ୍ୟ ଗୁଡିକ ସମ୍ବନ୍ଧରେ ଜିଲ୍ଲାପାଳ ଓ ସମ୍ପୃକ୍ତ ଅଧିକାରୀଙ୍କ ଠାରୁ ତଥ୍ୟ ନେବା ସହିତ କାର୍ଯ୍ୟର ଅଗ୍ରଗତି ସମ୍ବନ୍ଧରେ ପ୍ରଶ୍ନ କରିଥିଲେ ଏବଂ ଯେଉଁ କାର୍ଯ୍ୟ ଗୁଡିକ ମନ୍ଥର ଗତିରେ କାର୍ଯ୍ୟକାରୀ ହେଉଛନ୍ତି ତାହାକୁ ତ୍ୱରାନ୍ୱିତ କରିବା ପାଇଁ ପ୍ରଶାସନକୁ ନିର୍ଦ୍ଦେଶ ଦେଇଥିଲେ।

ବୈଠକରେ ମୁଖ୍ୟମନ୍ତ୍ରୀ, ଗ୍ରାମ୍ୟ ଉନ୍ନୟନ, ସଡ଼କ, ପରିବହନ, ସ୍ୱାସ୍ଥ୍ୟ, ଶିକ୍ଷା, ଜଳସେଚନ, ମହିଳା ସଶକ୍ତିକରଣ, କୃଷି ସମେତ ଶିଳ୍ପ ସମ୍ବନ୍ଧ ରେ ବିଶଦ ଭାବେ ଜିଲ୍ଲାପାଳ ଓ ଅଧିକାରୀଙ୍କ ସହ କଥା ହୋଇଥିଲେ। ବୌଦ୍ଧ ଜିଲ୍ଲା ରେ ଏହି ସବୁ କାର୍ଯ୍ୟର ଉପଯୁକ୍ତ କାର୍ଯ୍ୟନ୍ୱୟନ ଏବଂ ଏହାର କାର୍ଯ୍ୟକାରୀ ହାର ଦେଖି ମୁଖ୍ୟମନ୍ତ୍ରୀ ପ୍ରଶଂସା କରିବା ସହିତ ଏହାର ଆହୁରି ପ୍ରଗତି ପାଇଁ ନିର୍ଦ୍ଦେଶ ଦେଇଥିଲେ।

ମୁଖ୍ୟମନ୍ତ୍ରୀ କହିଥିଲେ ଯେ, ବୌଦ୍ଧ ଜିଲ୍ଲାରେ ଅନେକ ବିକାଶମୂଳକ ପ୍ରକଳ୍ପ ଯଥା ରାସ୍ତା ଓ ପୋଲ ନିର୍ମାଣ, ପାନୀୟ ଜଳ ଯୋଗାଣ, ଶିକ୍ଷା ଓ ସ୍ୱାସ୍ଥ୍ୟ ଭିତ୍ତିଭୂମି ନିର୍ମାଣରେ ଉଲ୍ଲେଖନୀୟ ପ୍ରଗତି ହୋଇଛି। ଏହା ସହିତ ଜନ ଶୁଣାଣୀ, ଭତ୍ତା ବଂଟନ, ବରିଷ୍ଠ




ଅଧିକାରୀ ଓ ମାନ୍ୟବର ମନ୍ତ୍ରୀ ଙ୍କ ପରିଦର୍ଶନ, ମଧ୍ୟାହ୍ନ ଭୋଜନ ଯୋଜନା, ମୁଖ୍ୟମନ୍ତ୍ରୀ ଅନ୍ତ୍ୟୋଦୟ ଯୋଜନା, ମିଶନ ଶକ୍ତି ଇତ୍ୟାଦି ରେ ଉଲ୍ଲେଖନିୟ ସଫଳତା ପାଇଁ ସମସ୍ତ ଅଧିକାରୀ ଓ କର୍ମଚାରୀଙ୍କୁ ମୁଁ ଅଭିନନ୍ଦନ ଜଣାଉଛି। ଏହି କାର୍ଯ୍ୟଗୁଡ଼ିକ ଜନସାଧାରଣଙ୍କ ଜୀବନଧାରାକୁ ଉନ୍ନତ କରୁଛି।

କିଛି ପ୍ରକଳ୍ପରେ ବିଳମ୍ବ ହେଉଥିବା ଜଣାପଡୁଛି। ମୁଁ ନିର୍ଦ୍ଦେଶ ଦେଉଛି ଯେ ସମସ୍ତ ପ୍ରକଳ୍ପ ନିର୍ଦ୍ଦିଷ୍ଟ ସମୟ ସୀମା ମଧ୍ୟରେ ଶେଷ ହେବା ଆବଶ୍ୟକ। ସେହିପରି, କାର୍ଯ୍ୟର ଗୁଣବତ୍ତା ସହ କୌଣସି ସାଲିସ କରାଯିବ ନାହିଁ। ଗୁଣବତ୍ତା ଯାଂଚ ପାଇଁ ନିୟମିତ ନିରୀକ୍ଷଣ ବ୍ୟବସ୍ଥା କଡ଼ାକଡ଼ି କରାଯାଉ। ବିକାଶ କାର୍ଯ୍ୟ ସଫଳ ହେବା ପାଇଁ ସ୍ଥାନୀୟ ଜନସାଧାରଣଙ୍କ ସହଭାଗିତା ଅତ୍ୟନ୍ତ ଜରୁରୀ। ପ୍ରକଳ୍ପ ସମ୍ପର୍କରେ ସ୍ଥାନୀୟ ଲୋକଙ୍କୁ ଅବଗତ କରାଯାଉ ଏବଂ ସେମାନଙ୍କ ମତାମତକୁ ଗ୍ରହଣ କରାଯାଉ। ଏହା ଦ୍ୱାରା ପ୍ରକଳ୍ପଗୁଡ଼ିକ ଅଧିକ ସ୍ୱଚ୍ଛ ଓ ଲୋକାଭିମୁଖୀ ହେବ ବୋଲି ସେ କହିଥିଲେ।

ଜମି ଅଧିଗ୍ରହଣ, ଅର୍ଥ ଯୋଗାଣ ଓ ଜନବଳ ଅଭାବ ଭଳି ଚ୍ୟାଲେଞ୍ଜଗୁଡ଼ିକ ସମ୍ପର୍କରେ ଉଲ୍ଲେଖ କରାଯାଇଛି। ତେଣୁ, ମୁଁ ଜିଲ୍ଲା ପ୍ରଶାସନକୁ ନିର୍ଦ୍ଦେଶ ଦେଉଛି ଯେ ଏହି ସମସ୍ୟାଗୁଡ଼ିକର ତୁରନ୍ତ ସମାଧାନ ପାଇଁ ରାଜ୍ୟ ସରକାରଙ୍କ ସହ ସମନ୍ୱୟ କରନ୍ତୁ। ଆବଶ୍ୟକ ହେଲେ ମୁଁ ନିଜେ ଏହି ବିଷୟରେ ହସ୍ତକ୍ଷେପ କରିବି। ବୌଦ୍ଧ ଜିଲ୍ଲାରେ ଶିକ୍ଷା, ସ୍ୱାସ୍ଥ୍ୟ, କ୍ରୀଡ଼ା ଓ କୃଷିକ୍ଷେତ୍ରରେ ଅଧିକ ଧ୍ୟାନ ଦେବାର ଆବଶ୍ୟକତା ରହିଛି। ସ୍କୁଲ ଓ ହସ୍ପିଟାଲଗୁଡ଼ିକରେ ଭିତ୍ତିଭୂମି ଉନ୍ନତି ଏବଂ କୃଷକମାନଙ୍କ ପାଇଁ ଆଧୁନିକ ସୁବିଧା ଯୋଗାଇ ଦିଆଯାଉ। ଏହି କ୍ଷେତ୍ରଗୁଡ଼ିକୁ ଅଗ୍ରାଧିକାର ଦିଆଯାଇ କାର୍ଯ୍ୟ ଯୋଜନା ପ୍ରସ୍ତୁତ କରନ୍ତୁ ବୋଲି ମୁଖ୍ୟମନ୍ତ୍ରୀ ପରାମର୍ଶ ଦେଇଥିଲେ। ସମସ୍ତ ସରକାରୀ ଯୋଜନା ଓ ପ୍ରକଳ୍ପଗୁଡ଼ିକରେ ସ୍ୱଚ୍ଛତା ବଜାୟ ରଖିବା ଆମର ମୁଖ୍ୟ ଲକ୍ଷ୍ୟ। ସମସ୍ତ ଅଧିକାରୀ ଏହା ନିଶ୍ଚିତ କରନ୍ତୁ ଯେ ସରକାରୀ ଅର୍ଥର ସଠିକ ବ୍ୟବହାର ହେଉଛି ଏବଂ ଜନସାଧାରଣଙ୍କୁ ଏହାର ସୁଫଳ ମିଳୁଛି। କୌଣସି ଅନିୟମିତତା ଦୃଷ୍ଟିଗୋଚର ହେଲେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ।

ସେ ପୁଣି କହିଥିଲେଯେ, ପୂର୍ବ ସରକାର ଏହି ଜିଲ୍ଲା ପ୍ରତି ପାତର ଅନ୍ତର କରିଥିଲେ କିନ୍ତୁ ଆମ ସରକାର, ଏଇ ମୋହନ ସରକାର ପ୍ରତିଶ୍ରୁତିବଦ୍ଧ ଯେ, ଆମେ ବୌଦ୍ଧ ଜିଲ୍ଲାକୁ ଉନ୍ନତିରା ଶିଖର ରେ ପହଂଚାଇବୁ।ଆଗାମୀ ଦିନରେ ବୌଦ୍ଧ ଜିଲ୍ଲାକୁ ଏକ ଆଦର୍ଶ ଜିଲ୍ଲା ଭାବେ ଗଢ଼ି ତୋଳିବା ଆମର ଲକ୍ଷ୍ୟ।

ଉକ୍ତ ସମୀକ୍ଷା ବୈଠକ କାର୍ଯ୍ୟକ୍ରମରେ ସାଂସଦ ସୁକାନ୍ତ କୁମାର ପାଣିଗ୍ରାହୀ, ବିଧାୟକ, ବୌଦ୍ଧ ତଥା ସରକାରୀ ଦଳ ମୁଖ୍ୟ ସଚେତକ, ସରୋଜ କୁମାର ପ୍ରଧାନ, ବିଧାୟକ, କଂଟାମାଳ, କହ୍ନାଇ ଚରଣ ଡାଙ୍ଗ, ଆରକ୍ଷୀ ମହା ନିରୀକ୍ଷକ, ନୀତି ଶେଖର, ଜିଲ୍ଲାପାଳ ସୁବ୍ରତ କୁମାର ପଣ୍ଡା, ଆରକ୍ଷୀ ଅଧିକ୍ଷକ ରାହୁଲ ଗୋଏଲ, ଅତିରିକ୍ତ ଜିଲ୍ଲାପାଳ ଅନିରୁଦ୍ଧ ପ୍ରଧାନ, ସିଡିଓ ପ୍ରଭାସ ଚନ୍ଦ୍ର ଦଣ୍ଡସେନା, ଉପଜିଲ୍ଲାପାଳ ପ୍ରବୀଣ କୁମାର ବାଣୁଆଙ୍କ ସମେତ ସମସ୍ତ ଜିଲ୍ଲା ସ୍ତରୀୟ ଅଧିକାରୀ ଓ ପ୍ରଶାସନିକ କର୍ମଚାରୀ ପ୍ରମୁଖ ଉପସ୍ଥିତ ଥିଲେ।

## ଛେନା ପୁର ମଣ୍ଡା ପିଠା

**ଆବଶ୍ୟକ ସାମଗ୍ରୀ :** ଅଟା, ଆଳୁ, କଟାକଂଚାଲଙ୍କା, ଅଳ୍ପ ହଳଦୀ, ଲାଲ୍ ଲଙ୍କାଗୁଣ୍ଡ, ତେଲ, ଲୁଣ, ଜୁଆଣୀ ଓ କସ୍ତୁରୀ ମେଥି ।

**ପ୍ରସ୍ତୁତ ପ୍ରଣାଳୀ :** ପ୍ରଥରେ ଅରୁଆ ଚାଉଳକୁ ପାଣିରେ ଭିଜାଇ ରଖନ୍ତୁ । କିଛି ଘଂଟା ପରେ ଏହାକୁ ଗ୍ରାଇଣ୍ଡିଂ କରି ଦିଅନ୍ତୁ । ଏବେ ଏହାକୁ ଏକ ପାତ୍ରରେ ରଖନ୍ତୁ । ଏହା ପରେ ପୁର ପ୍ରସ୍ତୁତ କରିବା ପାଇଁ ନଡ଼ିଆ କୋରି ଦିଅନ୍ତୁ । ଗ୍ୟାସରେ କଡ଼େଇ ବସାଇ ନଡ଼ିଆ। କୋରା, ଚିନି, ଛେନା ଏବଂ ଗୁଜୁରାତି ଗୁଣ୍ଡ ପକାଇ ଭାଜି ଦିଅନ୍ତୁ । ଆପଣ ଏଠାରେ ଚାହିଁଲେ ଚିନି ଜାଗାରେ ଗୁଡ଼ ମଧ ପକାଇ ପାରିବେ । ଏହାପରେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରନ୍ତୁ । ସେଥିରେ ଆବଶ୍ୟକ ଅନୁସାରେ ଲୁଣ ପକାନ୍ତୁ । ପାଣି ଫୁଟିଯିବା ପରେ ଚାଉଳ ଚୂନା ପକାନ୍ତୁ ଓ ତାକୁ ଭଲ ଚଲାନ୍ତୁ଼ ଜନ୍ତା ପ୍ରସ୍ତୁତି ହୋଇଯିବା ପରେ କଡ଼େଇକୁ ଚୁଲିରୁ ଓହ୍ଲାଇ ଦିଅନ୍ତୁ । ଜନ୍ତା ସାମାନ୍ୟ ଥଣ୍ଡା ହେବା ପରେ ସେଥିରେ ପୂର ଦେଇ ଗୋଲ ଗୋଲ କରନ୍ତୁ । ଏବେ ଗ୍ୟାସରେ ଏକ କଡ଼େଇରେ ପାଣି ଗରମ କରି କରନ୍ତୁ । ପାଣି ଫୁଟିଯିବା ପରେ ସେଗୁଡ଼ିକୁ ସେଥିରେ ପକାନ୍ତୁ । କିଛି ସମୟ ପରେ ସେଗୁଡ଼ିକୁ ପାଣିରୁ କାଢ଼ି ଆଣନ୍ତୁ । ପ୍ରସ୍ତୁତ ହୋଇଗଲା ଛେନା ପୁର ଦିଆ ମଣ୍ଡାପିଠା ।



..... ପରଦା ଖବର .....

## ଆସିଲା 'ହରି ହର ବୀରା ମଲ୍ଲୁ'ର ପ୍ରଥମ ଝଲକ୍, ପ୍ରଶଂସକ ଉତ୍ସାହିତ





ଦକ୍ଷିଣ ଭାରତୀୟ ପାୱାରଷ୍ଟାର ପବନ କଲ୍ୟାଣଙ୍କ ବହୁପ୍ରତୀକ୍ଷିତ ଚଳଚ୍ଚିତ୍ର 'ହରି ହର ବୀରା ମଲ୍ଲୁ' ଭାଗ-୧ର ପ୍ରଥମ ଝଲକ୍ ସାମ୍ନାକୁ ଆସିଛି । ଫିଲ୍ମର ଅଫିସିଆଲ 'ଏକ୍ସ' ହ୍ୟାଣ୍ଡେଲରେ ଏହାର ପ୍ରଥମ ଝଲକ୍ ଶେୟାର କରାଯାଇଛି, ଯାହାକୁ ଦେଖିବାପରେ ଚଳଚ୍ଚିତ୍ରକୁ ନେଇ ପ୍ରଶଂସକଙ୍କ ଉତ୍ସାହ ଦୁଇଗୁଣା ବୃଦ୍ଧି ପାଇଛି । 'ହରି ହର ବୀରା ମଲ୍ଲୁ' ଏକ ଆକ୍ସନ୍ ଆଡଭେଞ୍ଚର୍ ଫିଲ୍ମ, ଯେଉଁଥିରେ ପବନ କଲ୍ୟାଣ ମୁଖ୍ୟ ଭୂମିକାରେ ଅଭିନୟ କରିଛନ୍ତି । 'ହରି ହର ବୀରା ମଲ୍ଲୁ' ଅଫିସିଆଲ୍ 'ଏକ୍ସ' ଆକାଉ□ରେ ଏକ ଏଓର ଶେୟାର କରାଯାଇଛି, ଯେଉଁଥିରେ ପବନଙ୍କ ପିଠି ଦେଖାଯାଉଛି ଏବଂ ଏକ ବଡ଼ ପକ୍ଷୀ ତାଙ୍କ କାନ୍ଧରେ ଆସି ବସିଛି, ସତେ ଯେମିତି ସେ ଅଭିନେତାଙ୍କ ବନ୍ଧୁ । ତେବେ ଏହି ପକ୍ଷୀଟି ଚିଲ ନା ଛ□ାଣ ତାହା ସ୍ପଷ୍ଟ ଭାବେ ଜଣାପଡୁନାହିଁ, କାରଣ ଏଓରରେ ସାମ୍ନାର ଝଲକ୍ ଦେଖାଯାଉ ନାହିଁ । ଏହି ଛୋଟ ଏଓର ଝଲକ୍ ପାଇ ପବନଙ୍କ ପ୍ରଶଂସକମାନେ ବେଶ୍ ଖୁସି ଓ ଉତ୍ସାହିତ ହୋଇଛନ୍ତି । 'ହରି ହର ବୀରା ମଲ୍ଲୁ'ର ନିର୍ଦ୍ଦେଶନା ଦେଇଛନ୍ତି କ୍ରିଶ୍ ଜଗରଲାମୁଡି ଓ ଏଏମ ଜ୍ୟୋତି କୃଷ୍ଣାୟ ଏହି ଚଳଚ୍ଚିତ୍ରରେ ପ୍ରସିଦ୍ଧ ଡାକୁ ବୀରା ମଲ୍ଲୁଙ୍କ ଜୀବନକୁ ଚିତ୍ରଣ କରାଯାଇଛି । ଫିଲ୍ମରେ ପବନ କଲ୍ୟାଣଙ୍କ ବ୍ୟତୀତ ବବି ଦେଓଲ, ନିଧି ଅଗ୍ରୱାଲ, ନରଗିସ୍ ଫାଖରୀ ଓ ନୋରା ଫତେହୀ ପ୍ରମୁଖ କଳାକାର ଗୁରୁତ୍ୱପୂର୍ଣ୍ଣ ଭୂମିକାରେ ଅଭିନୟ କରିଛନ୍ତି । ମେ' ୩୦ ତାରିଖରେ ତେଲୁଗୁ, ହିନ୍ଦୀ, ତାମିଲ, କଉଡ଼ ଓ ମାଲାୟାଲମ୍ ଭାଷାରେ ମୁକ୍ତିଲାଭ କରିବ ଏହି ଚଳଚ୍ଚିତ୍ର ।

## ଶିବଙ୍କ ପ୍ରସିଦ୍ଧ ଶିଷ୍ୟ

ଭଗବାନ ଶିବଙ୍କୁ ଆଦି ଗୁରୁ କୁହାଯାଏ । ମହାଦେବଙ୍କ କୌଣସି ଆଦି କିମ୍ବା ଅନ୍ତ ନାହିଁ । ତାଙ୍କ ଉତ୍ପତି କିମ୍ବା ଅନ୍ତ ବିଷୟରେ କିଛି ଜଣାଯାଏ ନାହିଁ । ସେ ପରମପିତା ପରମେଶ୍ୱର । ଭଗବାନ ଶିବ ଗୁରୁ ଭାବେ ଅନେକ ଶିଷ୍ୟଙ୍କୁ ଜ୍ଞାନ ପ୍ରଦାନ କରିଥିଲେ । ତାଙ୍କୁ ସୃଷ୍ଟିର ପ୍ରଥମ ଗୁରୁ କୁହାଯାଏ । ଭଗବାନ ବିଷ୍ଣୁଙ୍କ ଅବତାର ପର୍ଶୁରାମ ଅସ୍ତ୍ରଶସ୍ତ୍ର ଶିକ୍ଷା ମହାଦେବଙ୍କ ଠାରୁ ଗ୍ରହଣ କରିଥିଲେ । ଶିବଙ୍କ ଦ୍ୱାରା ପ୍ରଦତ୍ତ ପର୍ଶୁ(ପର୍ଶୁ) କାରଣରୁ ଋଷି ଜମଦଗ୍ନିଙ୍କ ପୁତ୍ର ରାମଙ୍କ ନାମ ପର୍ଶୁରାମ ହୋଇଥିଲେ । ଏହି ମହା ଅସ୍ତ୍ର ଦ୍ୱାରା ପର୍ଶୁରାମ ପୃଥିବୀକୁ ୨୧ ଥର କ୍ଷତ୍ରିୟ ମୁକ୍ତ କରିଥିଲେ । ବ୍ରହ୍ମବୈବର୍ତ୍ତ ପୁରାଣରେ ଥିବା ବର୍ଣ୍ଣନା ଅନୁଯାୟୀ, ନାଗରାଜ ବାସୁକୀଙ୍କ ଭଉଣୀ ଜରତ୍କାରୁଙ୍କ ଗୁରୁ ମଧ ଭଗବାନ ଶିବ ଥିଲେ । ଦାନବମାନଙ୍କର ଗୁରୁ ଶୁକ୍ରାଚାର୍ଯ୍ୟ



ଭଗବାନ ଶିବଙ୍କ ଠାରୁ ମୃତ ସଞ୍ଜିବନୀ ବିଦ୍ୟା ଗ୍ରହଣ କରିଥିଲେ । ଥରେ ଦେବତା ଏବଂ ଦାନବଙ୍କ ମଧ୍ୟରେ ଭୟଙ୍କର ଯୁଦ୍ଧ ହୋଇଥିଲା । ଦେବତାମାନେ ବିଜୟୀ ହେବା ସହିତ ରାକ୍ଷସମାନଙ୍କୁ ବଧ କରିଥିଲେ । ମାତ୍ର ଶୁକ୍ରାଚାର୍ଯ୍ୟ ନିଜ ମୃତ ସଞ୍ଜିବନୀ ବିଦ୍ୟା ବଳରେ ପୁଣିଥରେ ଅସୁରମାନଙ୍କୁ ଜୀବନଦାନ ଦେଇଥିଲେ । ଏହା ଦେଖି ଶୁକ୍ରାଚାର୍ଯ୍ୟଙ୍କୁ ଭଗବାନ ଶିବ ଗିଳି ଦେଇଥିଲେ । ଯୁଦ୍ଧ ଶେଷ ହେବା ପରେ ତାଙ୍କୁ ବାହାରକୁ ବାହାର କରିଥିଲେ । ଶିବଙ୍କ ଦ୍ୱାରା ପୁନଃ ଉତ୍ପନ୍ନ ହୋଇଥିବା କାରଣରୁ ମାତା ପାର୍ବୀତ ଶୁକ୍ରାଚାର୍ଯ୍ୟଙ୍କୁ ନିଜ ପୁତ୍ର ରୂପେ ଗ୍ରହଣ କରିଥିଲେ ।

## ଘରେ ପ୍ରସ୍ତୁତ କରନ୍ତୁ ଗୁଡୁଚି କାଢ଼ା

ଆୟୁର୍ବେଦ ଅନୁସାରେ ଶରୀରରେ ରୋଗ ପ୍ରତିରୋଧ ଶକ୍ତି ବୃଦ୍ଧି କରିବା ପାଇଁ ଗିଲୋଇ ବା ଗୁଡୁଚି ରସ ସାହାଯ୍ୟ କରିଥାଏ । ମହାମାରୀ କରୋନାରୁ ରକ୍ଷା ପାଇବା ପାଇଁ ଆୟୁଷ ମନ୍ତ୍ରଣାଳୟ ମଧ ଗିଲୋଇ କାଢ଼ା ପିଇବା ପାଇଁ ଲୋକଙ୍କୁ ପରାମର୍ଶ ଦେଇଛି । ଗୁଡୁଚି କାଢ଼ା ପିଇଲେ ଡେଙ୍ଗୁ, ଚିକେନଗୁନିଆ ଓ ଜ୍ୱର ଆଦି ଭଲ ହୋଇଥାଏ । ତେବେ ବଜାରରେ ମିଳୁଥିବା ଗିଲୋଇ ରସ ନକିଣି ଆପଣ ଚାହିଁଲେ ଗିଲୋଇ ଗଛର ପତ୍ର ଓ ଡାଳ ମିଶାଇ ଘରେ ମଧ ଗିଲୋଇ କାଢ଼ା ପ୍ରସ୍ତୁତ କରିପାରିବେ । ଆସନ୍ତୁ ଜାଣିବା ଗୁଡୁଚି କାଢ଼ା କିପରି ପ୍ରସ୍ତୁତ ହୋଇଥାଏ ।

ଗୁଡୁଚି କାଢ଼ା ପାଇଁ ଆବଶ୍ୟକ ସାମଗ୍ରୀ: ଦୁଇ କପ୍ ପାଣି, ଗିଲୋଇ ଡାଳ ବା ପତ୍ରରୁ କିଛି,





୧ ଚାମଚ ହଳଦୀ, ଦୁଇ ଇଞ୍ଚର ଅଦା, ୬ରୁ ୭ଟି ତୁଳସୀ ପତ୍ର ଓ ସ୍ୱାଦ ଅନୁସାରେ ଗୁଡ଼ ।

ପ୍ରସ୍ତୁତି ପ୍ରଣାଳୀ: ପ୍ରଥମେ ଦୁଇ କପ୍ ପାଣିକୁ ଅଳ୍ପ ଆଞ୍ଚରେ ଫୁଟାଇ ଦିଅନ୍ତୁ । ଏହି ପାଣିରେ ଗିଲୋଇ, ଅଦା, ହଳଦୀ, ତୁଳସୀ ପତ୍ର ଓ ଗୁଡ଼ ପକାଇ କିଛି ସମୟ ପାଇଁ ଫୁଟାନ୍ତୁ । ପାଣି ଅଧା ହୋଇଗଲେ ଗ୍ୟାସ୍ ବନ୍ଦ କରିଦିଅନ୍ତୁ । ଏହାପରେ ଏକ ସଫା କପଡ଼ା ବା ଛଣାରେ ଏହି କାାକୁ ଛାଣି ଦିଅନ୍ତୁ ।

ଗୁଡୁଚି କାଢ଼ାରୁ ମିଳୁଥିବା ସ୍ୱାସ୍ଥ୍ୟ ଲାଭ

୧. ଗିଲୋଇ କାଢ଼ା ପିଇଲେ ରୋଗ ପ୍ରତିରୋଧ ଶକ୍ତିର କ୍ଷମତା ବଢ଼ିଥାଏ ଏବଂ ଏଥିରେ ଥିବା ଅଦା ଓ ହଳଦୀ ଶରୀରକୁ ଇନଫେକସନଠାରୁ ରକ୍ଷା କରିଥାଏ ।

୨. ଡେଙ୍ଗୁ ହେଲେ ଶରୀରରେ ପ୍ଲେଟ୍ଲେଟ୍ ସଂଖ୍ୟା କମ୍ ହୋଇଥାଏ । ଏହି ସମୟରେ ରୋଗୀଙ୍କୁ ଗିଲୋଇ କାଢ଼ା ଦେଲେ ପ୍ଲେଟ୍ଲେଟ୍ ସଂଖ୍ୟା ବୃଦ୍ଧି ପାଇଥାଏ ।

ତେବେ ମନେରଖନ୍ତୁ, ପ୍ରତିଦିନ ଗୋଟିଏ କପରୁ ଅଧିକ ଗୁଡୁଚି କାଢ଼ା ପିଅନ୍ତୁ ନାହିଁ ।

## ସମାଜ ମଙ୍ଗଳ ଉଦ୍ଦେଶ୍ୟରେ କରନ୍ତୁ ଜ୍ଞାନର ଉପଯୋଗ

ବେଦ ହେଉଛି ହିନ୍ଦୁ ମାନଙ୍କ ଧର୍ମ ଗ୍ରନ୍ଥ ଭାବେ ଧରାଯାଏ । ଋକ୍ , ଯଜୁର, ସାମ, ଅଥର୍ବ ଭାବେ ବେଦକୁ ଚାରି ଭାଗରେ ବିଭକ୍ତ କରାଯାଇଛି । କିନ୍ତୁ ହିନ୍ଦୁ ଧର୍ମରେ ମହାଭାରତକୁ ପଞ୍ଚମ ବେଦ ଭାବେ ପରିଗଣିତ କରାଯାଏ । ଆଉ ମଧ ବିଶ୍ୱାସ କରାଯାଏ କି ପ୍ରତ୍ୟେକ ଭାରତୀୟ ନିଜ ଜୀବନ କାଳ ଭିତରେ ନିହାତି ଭାବେ ମହାଭାରତ ପଢିବା ଉଚିତ । କାରଣ ଏଥିରେ ସାଧାରଣ ଜୀବନ ଚର୍ଯ୍ୟା, ଧର୍ମ, ରାଜନୀତି ଭଳି ଅତି ଗୁରତ୍ୱପୂର୍ଣ୍ଣ ବିଷୟ ଗୁଡିକ ଉପରେ ବ୍ୟାଖ୍ୟା କରାଯାଇଛି । ଆଉ ମଧ କୁହାଯାଏ ମହାଭାରତ ହିଁ ଜୀବନ ବଞ୍ଚିବାର ପ୍ରକୃତ ମାର୍ଗ ଶିଖେଇଥାଏ । ଏହାକୁ ପଢିବା ପରେ ଯେଉଁ ଶିକ୍ଷା ଆମକୁ ମିଳିଥାଏ ତାକୁ ନିହାତି ଭାବେ ମନେ ରଖିବା ଉଚିତ ।

ପ୍ରତିଟି ବ୍ୟକ୍ତି ନିଜ ଜୀବନକୁ ଏକ ନିର୍ଦ୍ଦିଷ୍ଟ ଯୋଜନା ମୁତାବକ ହିଁ ବଞ୍ଚିବା ଉଚିତ । ପ୍ରତିଟି କାମ ଯଦି ନିର୍ଦ୍ଦିଷ୍ଟ ଯୋଜନା ଅନୁଯାୟୀ କରାଯାଏ



ତେବେ ସଫଳତା ନିଶ୍ଚିତ ଭାବେ ମିଳିଥାଏ । ନଚେତ ଭବିଷ୍ୟତ ଅନ୍ଧକାର ମୟ ହୋଇଥାଏ । ଉଦାହରଣ ସ୍ୱରୂପ ଭଗବାନ କୃଷ୍ଣ ଯଦି ବିନା କୌଣସି ଯୋଜନାରେ ପାଣ୍ଡବ ମାନଙ୍କ ସପକ୍ଷରେ ଲଢ଼ିଥାନ୍ତେ । ତେବେ ହୁଏତ କେବେ ବି ପାଣ୍ଡବ ମାନେ କୌରବଙ୍କ ଉପରେ ବିଜୟ ଲାଭ କରିପାରିନଥାନ୍ତେ । ସେହିପରି ଜୀବନ ବଞ୍ଚିବା ପାଇଁ ଏକ ଭଲ ମିତ୍ରର ଆବଶ୍ୟକତା ରହିଥାଏ । ଯାହା ସାହାଯ୍ୟରେ ଜୀବନ ସୁରୁଖୁରୁରେ ପରିଚାଳିତ ହୋଇପାରେ । ଆପଣ ଯେତେ ଭଲ ହେଲେବି ଆପଣଙ୍କ ସାଥି ଯଦି ଭଲ ନ ରୁହେ ତେବେ ଜୀବନ ଏକ ପ୍ରକାର ବରବାଦ ହୋଇଯାଏ । ଏହା ଏକ ବଳିଷ୍ଠ ଉଦାହରଣ ହେଉଛି ଦୁର୍ଯ୍ୟୋଧନ ଚରିତ୍ର । ଯିଏ କି ନିଜ ମାମୁଁ ଶକୁନି ବୁଦ୍ଧିରେ ପଡି ହିଁ ନିଜ ସର୍ବନାଶକୁ ଡାକି ଆଣିଥିଲେ । ଏହା ବାଦ ଜଣେ ବ୍ୟକ୍ତିର କିଏ ପ୍ରକୃତ ମିତ୍ର ଓ କିଏ ଶତ୍ରୁ ସେ ବିଷୟରେ କିଞ୍ଚିତ ଜ୍ଞାନ ରହିବା ନିହାତି ଆବଶ୍ୟକ ।

## ଘଟୋତ୍କଚର ପୁତ୍ର

ଦ୍ୱାପର ଯୁଗର କଥା । ଭୀମଙ୍କ ପୁତ୍ର ଘଟୋତ୍କଚ ଏବଂ ତା'ର ପୁତ୍ର ମୋର୍ବୀଙ୍କ ଗର୍ଭରୁ ଏକ ପୁତ୍ର ସନ୍ତାନ ଜନ୍ମ ନେଲା । ଏହି ଶିଶୁର କେଶ ଅଣ୍ଡିରା ସିଂହ (ବବର ଶେର୍) ଭଳି ହୋଇଥିବାରୁ



ତା'ର ନାମ 'ବର୍ବରୀକ' ରଖାଗଲା । ସେ ପାଣ୍ଡବଙ୍କ ପକ୍ଷରୁ କୁରୁକ୍ଷେତ୍ର ଯୁଦ୍ଧରେ ଲଢ଼ିବାକୁ ବାହାରିଲା । ଏହି ସମୟରେ ବର୍ବରୀକକୁ ତା'ର ମା' ଡାକିଲେ ଏବଂ କହିଲେ, ପୁତ୍ର ! ତୁମେ ମହାଭାରତ ଯୁଦ୍ଧରେ ସେହି ପକ୍ଷକୁ ସହାୟତା କରିବ, ଯାହାର ପରାଜୟ ଆଶଙ୍କା ଅଧିକ ରହିଥିବ । ମା' ପୁତ୍ରକୁ ୩ଟି ଶର ଦେଲେ । ସେହି ଶର ଅତ୍ୟନ୍ତ ବିଧ୍ୱଂସକାରୀ ଥିଲା । ଯାହା ଏକାଥରରେ ମହାଭାରତ ଯୁଦ୍ଧ ସମାପ୍ତ କରିବାର କ୍ଷମତା ରଖୁଥିଲା । ଏହି କଥା ଭଗବାନ ଶ୍ରୀକୃଷ୍ଣ ଜାଣିନେଲେ । ସେ ବ୍ରାହ୍ମଣ ବେଶରେ ବର୍ବରୀକଙ୍କ ନିକଟକୁ ଗଲେ । ତାଙ୍କୁ ଦାନସ୍ୱରୂପ ତାଙ୍କ ମୁଣ୍ଡ ମାଗିନେଲେ । ବର୍ବରୀକ ସେହି ମୁଣ୍ଡ ତାଙ୍କୁ ଦାନ ଦେଇଦେଲେ । ଏହାପରେ ଶ୍ରୀକୃଷ୍ଣ ନିଜ ସ୍ୱରୂପରେ ଦେଖାଦେଲେ ଏବଂ କହିଲେ, ବର୍ବରୀକ ତୁମେ ଯଦି ମହାଭାରତ ଯୁଦ୍ଧରେ ଭାଗ ନେଇଥାନ୍ତ, ତେବେ ଏହି ଯୁଦ୍ଧର କୌଣସି ମହତ୍ୱ ରହିନଥାନ୍ତା । ତେଣୁ ଏବେ ତୁମେ ଏହି ଯୁଦ୍ଧରେ ଲଢ଼ିପାରିବ ନାହିଁ । ତୁମର ମସ୍ତକ ଏକ ଉଚ୍ଚ ସ୍ଥାନରେ ରହିବ । ଫଳରେ ତୁମେ ସମଗ୍ର ମହାଭାରତ ଯୁଦ୍ଧ ଦେଖିପାରିବ । ତେବେ ମୋତେ ନିଜ ମସ୍ତକ ପ୍ରଦାନ କରିବାର ବଳିଦାନ ଦେଇଥିବାରୁ ତୁମେ କଳିଯୁଗରେ ଭଗବାନ ରୂପେ ପୂଜା ପାଇବ । ମୋର ନାମ 'ଶ୍ୟାମ' ନାମରେ ତୁମେ ପ୍ରସିଦ୍ଧ ହେବ । ଖାଟୁ ନାମକ ସ୍ଥାନରେ ତୁମର ମସ୍ତକ ପୋତାଯିବ । ତୁମେ ଖାଟୁଶ୍ୟାମ ବାବା ନାମରେ ପରିଚିତ ହେବ । ଏହି ସ୍ଥାନ ବର୍ତ୍ତମାନ ରାଜସ୍ଥାନରେ ରହିଛି । ଖାଟୁ ଶ୍ୟାମ ଭଗବାନ ଏବେ ଅନେକ ଭକ୍ତଙ୍କୁ ଆକୃଷ୍ଟ କରିପାରିଛନ୍ତି । ଖାଟୁ ଶ୍ୟାମଜୀ ମନ୍ଦିର ବର୍ତ୍ତମାନ ରାଜସ୍ଥାନର ସୀକର ଜିଲ୍ଲାରେ ରହିଛି । ମନ୍ଦିରଟି ଶ୍ୱେତ ପ୍ରସ୍ତରରେ ନିର୍ମିତ । ମନ୍ଦିରଟି ଅତି ପ୍ରାଚୀନ ବୋଲି ବିଶ୍ୱାସ କରାଯାଏ । ବର୍ତ୍ତମାନ ଖାଟୁ ଶ୍ୟାମଜୀ ସେହି ସ୍ଥାନରେ ପୂଜା ପାଉଛନ୍ତି, ଯେଉଁଠି ବର୍ବରୀକଙ୍କ ମସ୍ତକ ପୋତା ହୋଇଥିଲା । ଏହି ମନ୍ଦିର ଉପରେ ମୋଗଲ ଶାସକ ଆଉରଙ୍ଗଜେବ୍ ୧୬୭୯ରେ ଆକ୍ରମଣ କରିଥିବା ଜଣାଯାଏ । ତେବେ ୧୭୨୦ରେ ମନ୍ଦିରର ପୁନରୁଦ୍ଧାର କରାଯାଇଥିଲା ।

# ଭୁବନେଶ୍ୱର ଅନ୍ୟ ସହରମାନଙ୍କ ପାଇଁ ଏକ ମଡେଲ ହେବ

**ଭୁବନେଶ୍ୱର,୧୮।୫ (ମହାଭାରତ):** ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ (ବିଏସସିଏଲ)ର ସଂପତ୍ତି ପରିଚାଳନା ପାଇଁ ଗଠିତ କ୍ଷମତାପନ୍ନ କମିଟିର ତୃତୀୟ ବୈଠକ ଆଜି ଖାରବେଳଭବନ ସମ୍ମିଳନୀ କକ୍ଷରେ ଗୃହ ଓ ନଗର ଉନ୍ନୟନ ବିଭାଗ ପ୍ରମୁଖ ସଚିବ ଉଷା ପାଢୀଙ୍କ ଅଧ୍ୟକ୍ଷତାରେ ଅନୁଷ୍ଠିତ ହୋଇଯାଇଛି।

୩୧ ମାର୍ଚ୍ଚ ୨୦୨୫ ରେ ସ୍ମାର୍ଟ ସିଟି ମିଶନର ଔପଚାରିକ ଭାବେ ଅବଧି ସରିବାପରେ ଆଜି ଏହି ବୈଠକ ଅନୁଷ୍ଠିତ ହୋଇଥିଲା ଯେଉଁଥିରେ ଭୁବନେଶ୍ୱରରେ ସୃଷ୍ଟି ହୋଇଥିବା ବ୍ୟାପକ ସମ୍ପତ୍ତିର ପରିଚାଳନା, ରକ୍ଷଣାବେକ୍ଷଣ ଓ ଉତ୍ତମ ବ୍ୟବହାର ଉପରେ ଅଲୋଚନା କରାଯାଇଥିଲା। ବୈଠକରେ ସଦସ୍ୟମାନେ ଦୀର୍ଘକାଳୀନ ସଂପତ୍ତି ପରିଚାଳନା ରଣନୀତି ବିଷୟରେ ଅଲୋଚନା କରିଥିଲେ।

ସଦସ୍ୟମାନେ କହିଥିଲେ ଯେ ସ୍ମାର୍ଟ ସିଟି ମିଶନ ସହରାଞ୍ଚଳ ବିକାଶରେ ନୂତନ ଓ ସମାବେଶୀ ମଡେଲ ମାଧ୍ୟମରେ ସଫଳତା ଆଣିଛି, କିନ୍ତୁ ମିଶନ ପରବର୍ତ୍ତୀ ଅବଧିରେ ସଂପତ୍ତିଗୁଡ଼ିକୁ ସଂରକ୍ଷଣ, ବ୍ୟବହାର ଓ ଆୟ ବୃଦ୍ଧି କରିବା ପାଇଁ ଲକ୍ଷ୍ୟ ଭିତ୍ତିକ ଉଦ୍ୟମ ଆବଶ୍ୟକ। ଏହି ପରିପ୍ରେକ୍ଷିରେ, ଭୁବନେଶ୍ୱର



ସ୍ମାର୍ଟ ସିଟି ଲିମିଟେଡ୍ ଓଡ଼ିଶାର ଅନ୍ୟ ସହରମାନଙ୍କ ପାଇଁ ଏକ ମଡେଲ ହେବ।

ବୈଠକରେ ଆଲୋଚିତ ମୁଖ୍ୟ ବିଷୟବସ୍ତୁଗୁଡ଼ିକ ମଧ୍ୟରେ ବହୁ-ସ୍ତରୀୟ ଗାଡି ରଖିବା ସ୍ଥାନ, ରାସ୍ତା ପରିଦୃଶ୍ୟ, ଓ ପବ୍ଲିକ ପ୍ଲାଜା ପରି ସାଧାରଣ ସଂପତ୍ତିରୁ ଆଦାୟ ହେଉଥିବା ଟିକସ ବଣ୍ଟନ ନୀତି, ବହୁ-ସ୍ତରୀୟ ପାର୍କିଂରେ ବିଜ୍ଞାପନ ଅଧିକାର ଓ ବ୍ୟବହୃତ ନହୋଇଥିବା ସମ୍ପତ୍ତିର ବ୍ୟବସାୟିକ ଉଦ୍ଦେଶ୍ୟରେ ବ୍ୟବହାର କରି ଆୟ ବୃଦ୍ଧି କରିବା ପ୍ରସ୍ତାବ ଆଦି ରହିଥିଲା। ଏଥି ସହିତ ପୂର୍ବରୁ ବ୍ୟୟ ହୋଇଥିବା ମୂଳ ଧନ ଖର୍ଚ୍ଚ ପାଇଁ ପ୍ରତିପୂରଣ ଓ ବର୍ତ୍ତମାନ ଚାଲୁଥିବା ଖର୍ଚ୍ଚ ପାଇଁ ସମ୍ବଳ ଉପାୟ ଉପରେ ଆଲୋଚନା ହୋଇଥିଲା।

ବୈଠକରେ ବର୍ତ୍ତମାନ ଭୁବନେଶ୍ୱର ସ୍ମାର୍ଟ ସିଟି ଲିମିଟେଡ୍ ରକ୍ଷଣା ବେକ୍ଷଣ ଓ ବୈଦ୍ୟୁତିକ ଖର୍ଚ୍ଚ ପାଇଁ ସମ୍ପୂର୍ଣ୍ଣ ଭାର ଉଠାଉଛି, କାରଣ ଅଧିକାଂଶ ପ୍ରକଳ୍ପର ପରିଚାଳନା ଅବଧି ସମାପ୍ତ ହୋଇଛି। ଏହି ସ୍ଥିତି ଏକ ଗୁରୁତର ଆର୍ଥିକ ଚାପ ସୃଷ୍ଟି କରିଛି ଓ ସଂପତ୍ତି ପରିଚାଳନା ପାଇଁ ତୁରନ୍ତ ଯୋଜନା ଓ ସହଯୋଗ ଆବଶ୍ୟକ ବୋଲି ବୈଠକରେ ମତପ୍ରକାଶ ପାଇଛି। ଉକ୍ତ ବୈଠକରେ ବିଏମସି କମିଶନର ରାଜେଶ ପ୍ରଭାକର ପାଟିଲ, ପୁଲିସ୍ କମିଶନର ଏସ୍. ଦେବଦତ୍ତ ସିଂହ, ନନ୍ଦନକାନନର ନିର୍ଦ୍ଦେଶକ ମନୋଜ ଭି. ନାୟର, ଉଚ୍ଚଶିକ୍ଷା ବିଭାଗର ସ୍ୱତନ୍ତ୍ର ସଚିବ ଶ୍ରୀ ଧରଣୀଧର ନନ୍ଦ, ୱାଟକୋ ପରିଚାଳନା ନିର୍ଦ୍ଦେଶକ ଗୁରୁଚରଣ ଦାସ, ଭୁବନେଶ୍ୱର ସ୍ମାର୍ଟସିଟିର ପରିଚାଳନା ନିର୍ଦ୍ଦେଶକ ପୁରନ୍ଦର ନନ୍ଦ ଓ ଅନ୍ୟାନ୍ୟ ବରିଷ୍ଠ ଅଧିକାରୀମାନେ ଉପସ୍ଥିତ ଥିଲେ।

# ୧୫ ବିଶ୍ୱବିଦ୍ୟାଳୟରେ ନିଯୁକ୍ତି ପାଇବେ ଭିସି

**ଭୁବନେଶ୍ୱର,୧୮।୫ (ମହାଭାରତ):** ରାଜ୍ୟ ସରକାର ଖୁବଶୀଘ୍ର ୧୫ଟି ରାଜ୍ୟ ବିଶ୍ୱବିଦ୍ୟାଳୟରେ ଭାଇସ୍‌ଚାନ୍ସଲର(ଭିସି)ଙ୍କ ନିଯୁକ୍ତି ପ୍ରକ୍ରିୟାକୁ ତ୍ୱରାନ୍ୱିତ କରିବାକୁ ଯାଉଛନ୍ତି। ଏଥିସହିତ କଲେଜଗୁଡ଼ିକରେ ଦୀର୍ଘ ଦିନ ଧରି ଖାଲି ପଡ଼ିଥିବା ଅଧ୍ୟାପକ ପଦବୀ ମଧ୍ୟ ପୂରଣ ହେବ । ନିଯୁକ୍ତି ଉପରେ ଲାଗିଥିବା ପୂର୍ବ କଟକଣା ହଟିବା ପରେ ରାଜ୍ୟ ଏହି ପ୍ରମୁଖ ଶିକ୍ଷାଗତ ପଦବୀ ପୂରଣ ନେଇ ଉତ୍ସାହ ଦେଖାଇଛି।

ଓଡ଼ିଶା ବିଶ୍ୱବିଦ୍ୟାଳୟ (ସଂଶୋଧନ) ଆଇନ, ୨୦୨୪ ଅନୁଯାୟୀ, ସରକାର ଭାଇସ୍‌ଚାନ୍ସଲର ନିଯୁକ୍ତି ପାଇଁ ପଦକ୍ଷେପ ଆରମ୍ଭ କରିଛନ୍ତି। ଏ ସମ୍ପର୍କରେ ଏକ ସରକାରୀ ବିଜ୍ଞପ୍ତି ଖୁବ୍ ଶୀଘ୍ର ପ୍ରକାଶ ପାଇବ। ନୂତନ ନିୟମ ଅନୁଯାୟୀ, ବିଶ୍ୱବିଦ୍ୟାଳୟଗୁଡ଼ିକ ପାଇଁ ଭାଇସ୍‌ଚାନ୍ସଲର ବାଛିବା ପାଇଁ ଏକ ତିନି ସଦସ୍ୟ ବିଶିଷ୍ଟ ଚୟନ କମିଟି ଗଠନ କରାଯିବ। ଏହା ବ୍ୟତୀତ, ରାଜ୍ୟ ଉଚ୍ଚଶିକ୍ଷା ମନ୍ତ୍ରୀଙ୍କ ସୂଚନା ଅନୁଯାୟୀ, ବିଭିନ୍ନ ବିଶ୍ୱବିଦ୍ୟାଳୟରେ ପ୍ରାୟ ୧୩୫୩ ଖାଲି ପଡ଼ିଥିବା ଫାକଲଟି ପଦବୀ ପୂରଣ ପାଇଁ ପ୍ରକ୍ରିୟା ମଧ୍ୟ ଆରମ୍ଭ ହେବ। ୨୦୨୦ ସଂଶୋଧନକୁ ରଦ୍ଦ କରିଥିବା ସୁପ୍ରିମକୋର୍ଟଙ୍କ ସାମ୍ପ୍ରତିକ ରାୟ ପରେ, ୨୦୨୪ ସଂଶୋଧନ ଏବେ ଓପିଏସସି ବଦଳରେ ୟୁଜିସି ମାନଦଣ୍ଡ ସହିତ ନିଯୁକ୍ତି ପ୍ରକ୍ରିୟା କାର୍ଯ୍ୟକାରୀ ହେବ।

ତେବେ ବିଶ୍ୱବିଦ୍ୟାଳୟ ସଂଶୋଧନ ବିଲ୍ ୨୦୨୦ ପାସ୍ ସମୟରେ ପୂର୍ବ ସରକାର ଯେତେବେଳେ ବିଶ୍ୱବିଦ୍ୟାଳୟ ଅନୁଦାନ ଆୟୋଗ (ୟୁଜିସି) ମାନଦଣ୍ଡକୁ ଅବମାନନା କରି ଓଡ଼ିଶା ଲୋକସେବା ଆୟୋଗ (ଓପିଏସସି) ମାଧ୍ୟମରେ ନିଯୁକ୍ତି କରିବାକୁ ଚେଷ୍ଟା କରିଥିଲେ, ସେତେବେଳେ ବିବାଦ ଆରମ୍ଭ ହୋଇଥିଲା। ଏହି କାର୍ଯ୍ୟ ୟୁଜିସି ଏବଂ ଅନେକ ପ୍ରଫେସରଙ୍କ ବିରୋଧ ଏବଂ ଆଇନଗତ ଚ୍ୟାଲେଞ୍ଜର ସମ୍ମୁଖୀନ ହୋଇଥିଲା, ଯାହା ପ୍ରଭାବଶାଳୀ ଭାବରେ ନିଯୁକ୍ତି ପ୍ରକ୍ରିୟାକୁ ବନ୍ଦ କରିଦେଇଥିଲା। ଫଳରେ ଉଚ୍ଚଶିକ୍ଷା ବିଭାଗ ଅନେକ ଶିକ୍ଷକ ପଦବୀ ପୂରଣ ପାଇଁ ସଂଘର୍ଷ କରିବାରୁ ଅଚଳାବସ୍ଥା ସୃଷ୍ଟି ହୋଇଥିଲାୟ ତଥାପି, ଗତ ମାସରେ, ସୁପ୍ରିମକୋର୍ଟ ୨୦୨୦ ବିଶ୍ୱବିଦ୍ୟାଳୟ ସଂଶୋଧନ ଆଇନକୁ ଅମାନ୍ୟ କରିଥିଲେ। ନୂତନ ଭାବରେ ଅନୁମୋଦିତ ୨୦୨୪ ସଂଶୋଧନ ପାଇଁ ନିଯୁକ୍ତି ୟୁଜିସି ନିର୍ଦ୍ଦେଶାବଳୀ ପାଳନ କରିବାକୁ ବାଧ, ଯାହାକୁ ଉପ-ଚାନ୍ସେଲର ଏବଂ ଚାକିରି ଆବେଦନକାରୀ ଉଭୟ ସ୍ୱାଗତ କରିଥିଲେ।

ଯାହାକୁ ନେଇ ଉଚ୍ଚଶିକ୍ଷା ମନ୍ତ୍ରୀ ସୁରଜ ସୂର୍ଯ୍ୟବଂଶୀ କହିଛନ୍ତି, ନିଯୁକ୍ତି ସୁପ୍ରିମକୋର୍ଟଙ୍କ ସାମ୍ପ୍ରତିକ ସ୍ପଷ୍ଟୀକରଣ ସହିତ ଦ୍ରୁତ ଏବଂ ସ୍ଥିର ଭାବରେ ଆଗକୁ ବଢ଼ିବ। ଯାହା ପୂର୍ବ ବିଭ୍ରାନ୍ତି ଦୂର କରିବା ସହ ଏକ ସ୍ୱଚ୍ଛ ନିଯୁକ୍ତି ପ୍ରକ୍ରିୟାକୁ ସହଜ କରିବ।

# ବିସ୍କୁଟ କମ୍ପାନୀରେ ଅଗ୍ନିକାଣ୍ଡ



**କଟକ,୧୮।୫ (ମହାଭାରତ):** ଜଗତପୁର ନୂତନ ଶିଳ୍ପାଞ୍ଚଳରେ ଥିବା ଏକ ବିସ୍କୁଟ କମ୍ପାନିରେ ଭୟାବହ ଅଗ୍ନିକାଣ୍ଡ ଘଟି ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ସଂପତ୍ତି ନଷ୍ଟ ହୋଇଥିବା ଜଣାଯାଇଛି। ବିସ୍କୁଟ କମ୍ପାନିର ମାଲିକ ଦୁର୍ଗାମାଧବ ପାଣିଗ୍ରାହୀଙ୍କ ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ସାଢ଼େ ୯ଟାରେ ସର୍ଟସର୍କିଟ୍ ଯୋଗୁ କେତେକ ମୂଲ୍ୟବାନ ଯନ୍ତ୍ରପାତି ଜଳିଯାଇଛି। ଏହାଛଡ଼ା ବିସ୍କୁଟ ପ୍ରସ୍ତୁତି ଲାଗି ଆବଶ୍ୟକୀୟ କଞ୍ଚାମାଲ ବି ପୋଡ଼ିଯାଇଛି। ଜଗତପୁର ନୂତନ ଶିଳ୍ପାଞ୍ଚଳରେ ଥିବା ଏକ ବିସ୍କୁଟ କମ୍ପାନିରେ ଭୟାବହ ଅଗ୍ନିକାଣ୍ଡ ଘଟି ୧ କୋଟିରୁ ଉର୍ଦ୍ଧ୍ୱ ଟଙ୍କା ମୂଲ୍ୟର ସଂପତ୍ତି ନଷ୍ଟ ହୋଇଥିବା ଜଣାଯାଇଛି। ବିସ୍କୁଟ କମ୍ପାନିର ମାଲିକ ଦୁର୍ଗାମାଧବ ପାଣିଗ୍ରାହୀଙ୍କ ସୂଚନା ଅନୁଯାୟୀ, ଆଜି ସକାଳ ପ୍ରାୟ ସାଢ଼େ ୯ଟାରେ ସର୍ଟସର୍କିଟ୍ ଯୋଗୁ କେତେକ ମୂଲ୍ୟବାନ ଯନ୍ତ୍ରପାତି ଜଳିଯାଇଛି। ଏହାଛଡ଼ା ବିସ୍କୁଟ ପ୍ରସ୍ତୁତି ଲାଗି ଆବଶ୍ୟକୀୟ କଞ୍ଚାମାଲ ବି ପୋଡ଼ିଯାଇଛି। କାରଖାନା ମାଲିକ ଦୁର୍ଗା ମାଧବ ପାଣିଗ୍ରାହୀ ନିଆଁ ଲିଭାଇବା ସମୟରେ ଆହତ ହୋଇଛନ୍ତି। ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା ଅଗ୍ନିଶମ ବିଭାଗ। କାରଖାନା ମାଲିକ ଦୁର୍ଗା ମାଧବ ପାଣିଗ୍ରାହୀ ନିଆଁ ଲିଭାଇବା ସମୟରେ ଆହତ ହୋଇଛନ୍ତି । ଖବର ପାଇ ଘଟଣାସ୍ଥଳରେ ପହଞ୍ଚି ନିଆଁକୁ ଆୟତ୍ତ କରିଥିଲା ଅଗ୍ନିଶମ ବିଭାଗ।

# ଶ୍ରମିକ ପଞ୍ଜୀକରଣ ଓ ଶ୍ରମିକ କାର୍ଡ ବଣ୍ଟନ ପାଇଁ ମନ୍ତ୍ରୀଙ୍କ ନିର୍ଦ୍ଦେଶ

**ଭୁବନେଶ୍ୱର,୧୮।୫ (ମହାଭାରତ):** ମୁଖ୍ୟମନ୍ତ୍ରୀ ମୋହନ ଚରଣ ମାଝୀଙ୍କ ନେତୃତ୍ୱରେ ଲୋକଙ୍କ ସରକାର ଲୋକଙ୍କ ଦ୍ୱାର ନିକଟରେ ପହଞ୍ଚି ଲୋକଙ୍କ ଅଭିଯୋଗ ଶୁଣୁଛନ୍ତି। କେବଳ ଅଭିଯୋଗ ଶୁଣିବା ନୁହେଁ ବରଂ ଅଭିଯୋଗ ଗୁଡ଼ିକର ତ୍ୱରିତ ସମାଧାନ ମଧ୍ୟ କରାଯାଉଛି। ସେବା, ସମର୍ପଣ ଓ ସୁଶାସନର ବିଚାରଧାରା ଆଧାରରେ ରାଜ୍ୟ ସରକାର କାର୍ଯ୍ୟ କରୁଛନ୍ତି । ସମାଜରେ ଧାଡ଼ିର ଶେଷରେ ଠିଆ ହୋଇଥିବା ବ୍ୟକ୍ତି ପାଖରେ ମଧ୍ୟ ଯେପରି ସମସ୍ତ ସରକାରୀ ସୁବିଧା ଓ ସରକାରୀ ଯୋଜନା ସହଜରେ ଉପଲବ୍ଧ ହୋଇପାରିବ ସେ ଦିଗରେ ଗୁରୁତ୍ୱାରୋପ କରାଯାଉଛି। ବର୍ତ୍ତମାନର ରାଜ୍ୟ ସରକାର ବାସ୍ତବରେ ଲୋକଙ୍କ ସରକାର। ଗରିବଙ୍କ ପାଇଁ ସମ୍ବେଦନଶୀଳ ସରକାର। ସବା ତଳ ପାହାଚରେ ଥିବା ଲୋକଙ୍କ ପାଇଁ ସଦା ସମର୍ପିତ ସରକାର। ଶ୍ରମିକ ଭାଇଭଉଣୀମାନଙ୍କର ସମସ୍ୟାଗୁଡିକ ବାସ୍ତବ କ୍ଷେତ୍ରରେ ହୃଦୟଙ୍ଗମ କରି ସେଗୁଡ଼ିକର ସମାଧାନ ଦିଗରେ ଉପଯୁକ୍ତ ପଦକ୍ଷେପ ନେବା ନିମନ୍ତେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ବିଭାଗ ତଥା ଜଙ୍ଗଲ, ପରିବେଶ ଓ ଜଳବାୟୁ ପରିବର୍ତ୍ତନ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ଆଜି ସକାଳେ ଅଚନକ ନୟାପଲ୍ଲୀ ଶ୍ରମିକ ହାଟ ପରିଦର୍ଶନ କରିଥିଲେ ଓ ଶ୍ରମ ବିଭାଗ ପକ୍ଷରୁ କାର୍ଯ୍ୟକାରୀ କରାଯାଉଥିବା ବିଭିନ୍ନ କଲ୍ୟାଣକାରୀ ସରକାରୀ ଯୋଜନା ଓ ତା'ର ସୁଫଳ ଶ୍ରମିକମାନଙ୍କ ନିକଟରେ ପହଞ୍ଚୁଛି କି ନାହିଁ ଏବଂ ସେମାନଙ୍କ ଜାଗରୁକତା ଦେଖିବା ଶ୍ରମମନ୍ତ୍ରୀଙ୍କ




କ୍ଷେତ୍ର ପରିଦର୍ଶନର ମୁଖ୍ୟ ଆଭିମୁଖ୍ୟ ଥିଲା।

ଶ୍ରମିକ ହାଟରେ ଶ୍ରମିକମାନଙ୍କ ସହ କଥାବାର୍ତ୍ତା ହୋଇ ସେମାନଙ୍କ ବିଭିନ୍ନ ସମସ୍ୟା ବିଷୟରେ ମନ୍ତ୍ରୀ ଶ୍ରୀ ସିଂ ଖୁଣ୍ଟିଆ। ବିଶଦ ଭାବେ ପଚାରି ବୁଝିଥିଲେ ଓ ବହୁ ଶ୍ରମିକଙ୍କ ଏପର୍ଯ୍ୟନ୍ତ ଲେବର କାର୍ଡ ନ ଥିବା ବିଷୟରେ ସେ ଅବଗତ ହୋଇଥିଲେ। ଶ୍ରମିକ ଭାବେ ପଞ୍ଜୀକୃତ ନ ହେଲେ ନିର୍ମାଣ ଶ୍ରମିକ କଲ୍ୟାଣ ଯୋଜନା ମାଧ୍ୟମରେ ପଞ୍ଜୀକୃତ ନିର୍ମାଣ ଶ୍ରମିକମାନଙ୍କୁ ଶିକ୍ଷା ସହାୟତା, ବିବାହ ସହାୟତା, ମାତୃତ୍ୱକାଳୀନ ସହାୟତା, ମୃତ୍ୟୁକାଳୀନ ସହାୟତା ଓ ଅନ୍ତ୍ୟେଷ୍ଟିକ୍ରିୟା ସହାୟତା ଆଦି ଯେଉଁ ଆର୍ଥିକ ସହାୟତା ପ୍ରଦାନ କରାଯାଉଛି। ସେଗୁଡିକ ପାଇବାରୁ ସେମାନେ ବଞ୍ଚିତ ହେବେ ବୋଲି ମନ୍ତ୍ରୀ ବୁଝାଇଥିଲେ। ଶ୍ରମିକଙ୍କ ପାଇଁ ସେଠାରେ ହେଲ୍ପ ଡ଼େସ୍କ ଖୋଲାଯାଇ ତୁରନ୍ତ ସେମାନଙ୍କ ପଞ୍ଜୀକରଣ କରି ଶ୍ରମିକ କାର୍ଡ ପ୍ରଦାନ କରିବାକୁ ସେ ବିଭାଗୀୟ ଅଧିକାରୀଙ୍କୁ ନିର୍ଦ୍ଦେଶ ଦେଇଥିଲେ। ସେମାନଙ୍କ ଆବେଦନପତ୍ରକୁ ଗ୍ରହଣ କରିବା ଏବଂ ତା ଉପରେ ତୁରନ୍ତ ପଦକ୍ଷେପ ନେବା, ଶ୍ରମିକ ଭାଇଭଉଣୀମାନଙ୍କର ସମସ୍ୟା ଶୁଣିବା ସହିତ ଏହାର ତ୍ୱରିତ ସମାଧାନ କରିବାକୁ ମନ୍ତ୍ରୀ ଶ୍ରୀ ସିଂଖୁଣ୍ଟିଆ। ସମସ୍ତ ଶ୍ରମ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ । ପରେ ମନ୍ତ୍ରୀ ତୁମଡୁମାସ୍ଥିତ ବହୁମୁଖୀ ଶ୍ରମିକ ଆଶ୍ରୟସ୍ଥଳୀ ପରିଦର୍ଶନ କରି ଶ୍ରମିକମାନଙ୍କ ଠାରୁ ବିଭିନ୍ନ ଗଠନମୂଳକ ପ୍ରସ୍ତାବ ଗ୍ରହଣ କରି ତା ଉପରେ ତୁରନ୍ତ ପଦକ୍ଷେପ ନେବା ପାଇଁ ଅଧିକାରୀମାନଙ୍କୁ ନିର୍ଦ୍ଦେଶ ଦେଇଥିଲେ।

ଏହି ପରିଦର୍ଶନ ସମୟରେ ଶ୍ରମ ଆୟୁକ୍ତ ଇନ୍ଦ୍ରମଣି ତ୍ରିପାଠୀ, ଯୁଗ୍ମ ଶ୍ରମ ଆୟୁକ୍ତ ଭୁବନେଶ୍ୱର ପ୍ରଣବ କୁମାର ପାତ୍ର, ଖୋର୍ଦ୍ଧା ଜିଲ୍ଲା ଶ୍ରମ ଅଧିକାରୀ (ପ୍ରବର୍ତ୍ତନ) ପ୍ରଭାକର ବିଶ୍ୱାଳ , ଜିଲ୍ଲା ଶ୍ରମ ଅଧିକାରୀ ( କଲ୍ୟାଣ ) ଶ୍ରୀମତୀ ମୋନାଲିସା ଜେନା ସମେତ ଖୋର୍ଦ୍ଧା ଜିଲ୍ଲା ଶ୍ରମ କାର୍ଯ୍ୟାଳୟର ଅନ୍ୟ ଅଧିକାରୀମାନେ ଉପସ୍ଥିତ ଥିଲେ।

ସୂଚନାଯୋଗ୍ୟ ଯେ, ରାଜ୍ୟ ସରକାରଙ୍କ କୌଣସି ଶ୍ରମମନ୍ତ୍ରୀ ପୂର୍ବରୁ ଶ୍ରମିକ ହାଟ ପରିଦର୍ଶନ କରି ନ ଥିବା ବେଳେ ଶ୍ରମ ଓ ରାଜ୍ୟ କର୍ମଚାରୀ ବୀମା ମନ୍ତ୍ରୀ ଶ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆଙ୍କ ଏହି ପରିଦର୍ଶନ ଶ୍ରମିକମାନଙ୍କ ଦ୍ୱାରା ବେଶ ଆଦୃତ ଓ ପ୍ରଶଂସିତ ହୋଇଛି।

# ନୂତନ ଶୀତଳ ଭଣ୍ଡାର ନୀତି ଉପରେ ଆଲୋଚନାଚକ୍ର



**ଭୁବନେଶ୍ୱର,୧୮।୫ (ମହାଭାରତ):** କୃଷି ଓ କୃଷକ ସଶକ୍ତିକରଣ ବିଭାଗର ପ୍ରମୁଖ ଶାସନ ସଚିବ, ଡ଼ ଅରବିନ୍ଦ କୁମାର ପାଢୀଙ୍କ ଅଧ୍ୟକ୍ଷତାରେ କୃଷି ଭବନ ସ୍ଥିତ ସମ୍ମିଳନୀ କକ୍ଷରେ ଓଡ଼ିଶା ଶୀତଳ ଭଣ୍ଡାର ଆସୋସିଏସନ ସଦସ୍ୟ ଏବଂ ଶୀତଳ ଭଣ୍ଡାର ସ୍ଥାପନ ନିମିତ୍ତ ଇଚ୍ଛୁକ ଉଦ୍ୟୋଗୀଙ୍କ ମଧ୍ୟରେ ଏକ ଆଲୋଚନାଚକ୍ର ଅନୁଷ୍ଠିତ ହୋଇ ଯାଇଅଛି। ଏହି ଅବସରରେ ବିଭାଗୀୟ ଅଧିକାରୀ ମାନେ ଉଦ୍ୟୋଗୀ ମାନଙ୍କ ସହିତ ରାଜ୍ୟ ସରକାରଙ୍କ ନୂତନ ଶୀତଳ ଭଣ୍ଡାର ନୀତି ସମ୍ପର୍କରେ ସବିଶେଷ ଆଲୋଚନା କରିଥିଲେ। ସରକାରଙ୍କ ଏହି ପଦକ୍ଷେପ ଆଗାମୀ ଦିନରେ କୃଷିଜାତ ଦ୍ରବ୍ୟର ସଂରକ୍ଷଣ ସହ କୃଷି ଅର୍ଥନୀତିକୁ ତ୍ୱରାନ୍ୱିତ କରିବାରେ ସହାୟକ ହେବ ବୋଲି ରାଜ୍ୟର ବିଭିନ୍ନ ପ୍ରାନ୍ତରୁ ଆସିଥିବା କୃଷି ଉଦ୍ୟୋଗୀ ମାନେ ମତବ୍ୟକ୍ତ କରିଥିଲେ। ଏହି ପରିପ୍ରେକ୍ଷୀରେ ଓଡ଼ିଶା ଶୀତଳ ଭଣ୍ଡାର ଆସୋସିଏସନର ସଦସ୍ୟବୃନ୍ଦ ସରକାରଙ୍କ ଏହି ଅଭିନବ ପଦକ୍ଷେପକୁ ପ୍ରଶଂସା କରିବା ସହିତ ସେମାନଙ୍କର ମତାମତ ଉପସ୍ଥାପନ କରିଥିଲେ, ଯାହା ଭବିଷ୍ୟତରେ ସରକାରଙ୍କ ଏହି ନୀତିକୁ ଆହୁରି ସହଜ ଏବଂ ସରଳ କରାଯାଇପାରିବ। ଉଦ୍ୟୋଗୀମାନଙ୍କ ସକରାତ୍ମକ ପରାମର୍ଶକୁ ଆଗାମୀ ଦିନରେ କାର୍ଯ୍ୟକାରୀ କରିବା ନେଇ ପ୍ରମୁଖ ଶାସନ ସଚିବ ସୂଚନା ପ୍ରଦାନ କରିଛନ୍ତି। ଏହି ଅବସରରେ ସମସ୍ତ ଯୋଗ୍ୟ ଉଦ୍ୟୋଗୀମାନଙ୍କୁ ବିଭାଗ ତରଫରୁ ସମସ୍ତ ପ୍ରକାର ସହାୟତା ପ୍ରଦାନ କରାଯିବ ବୋଲି ପ୍ରମୁଖ ଶାସନ ସଚିବ, ଡ଼ ପାଢ଼ୀ କହିଛନ୍ତି। ଏଥି ସହିତ ସରକାରୀ ଆର୍ଥିକ ସହାୟତା ଉପଲବ୍ଧ କରିବା ପାଇଁ ଉଦ୍ୟୋଗୀ ମାନଙ୍କୁ ଅବିଳମ୍ବେ ଗୋ-ସୁଗମ ପୋର୍ଟାଲ ରେ ଆବେଦନ କରିବା ପାଇଁ ପରାମର୍ଶ ପ୍ରଦାନ କରାଯାଇଅଛି। ରାଜ୍ୟର ଅଦ୍ୟାବଧି ୨୫ ଗୋଟି ଜିଲ୍ଲାର ୮୨ ଜଣ ଆଗ୍ରହୀ ଉଦ୍ୟୋଗୀ ଏହି ଯୋଜନାରେ ଅନ୍ତର୍ଭୁକ୍ତ ହେବା ପାଇଁ ଗୋ-ସୁଗମ ପୋର୍ଟାଲରେ ପଞ୍ଜୀକରଣ କରିଛନ୍ତି।

# ରାଷ୍ଟ୍ର ନିର୍ମାଣରେ ଏନ୍‌ସିସିର ଭୂମିକା ଗୁରୁତ୍ୱପୂର୍ଣ୍ଣ

**ଭୁବନେଶ୍ୱର,୧୮।୫ (ମହାଭାରତ):** ରାଷ୍ଟ୍ର ନିର୍ମାଣରେ ଏନ.ସି. ସି.ର ଭୂମିକା ଗୁରୁତ୍ୱପୂର୍ଣ୍ଣ ବୋଲି ରାଜ୍ୟପାଳ ଡ଼.ହରି ବାବୁ କମ୍ଭମପାଟି କହିଛନ୍ତି ଓ ଚଳିତ ମଇ ୧୭ ତାରିଖ ଦିନ ଓଡିଶା ଏନ.ସି. ସି. ନିର୍ଦ୍ଦେଶାଳୟ ଆନୁକୂଲ୍ୟରେ ଭୁବନେଶ୍ୱରସ୍ଥିତ ଓ.ୟୁ.ଏ.ଟି. ପ୍ରେକ୍ଷାଳୟରେ ଆୟୋଜିତ ସେମିନାରକୁ ମୁଖ୍ୟ ଅତିଥି ଭାବେ ଉଦଘାଟନ କରି ରାଜ୍ୟପାଳ ଏହା କହିଛନ୍ତି । ଏହି ଅବସରରେ ଉଦବୋଧନ ଦେଇ ରାଜ୍ୟପାଳ କହିଥିଲେ ଯେ ଏନ.ସି. ସି. ଏକ ସକ୍ରିୟ ଯୁବ ଆନ୍ଦୋଳନ ଭାବରେ ଉଭା ହୋଇଛି, ଯାହା ଶୃଙ୍ଖଳା, ଚରିତ୍ର ଗଠନ ଏବଂ ନିଃସ୍ୱାର୍ଥପର ସେବା ମାଧ୍ୟମରେ ଦାୟିତ୍ୱବାନ ନାଗରିକ ଏବଂ ଦେଶର ଭବିଷ୍ୟତକୁ ଗଠନ କରୁଛି। ଦେଶ ଗଠନରେ ଏନ.ସି. ସି. ଏକ ଶକ୍ତି




ଗୁଣାଙ୍କ ଶୀର୍ଷକ ବିଷୟ ବସ୍ତୁ ରଖାଯାଇ ସେମିନାର ଆୟୋଜନ କରାଯାଇଥିବାରୁ ରାଜ୍ୟପାଳ ପ୍ରଶଂସା କରିଥିଲେ ଏବଂ ଏହା ଜାତୀୟ ସୁରକ୍ଷା, ସାମାଜିକ ଏବଂ ସାଂସ୍କୃତିକ ଅବଦାନ, ଯୁବ ବିକାଶ, ଡିଜିଟାଲ ଉପକରଣ ବ୍ୟବହାର ଉପରେ ଅଧିକ ପର୍ଯ୍ୟବେସିତ କରିବା ପାଇଁ ଗୁରୁତ୍ୱାରୋପ କରିଥିଲେ। ଏନ.ସି. ସି. କିପରି ଅଧିକ ଶକ୍ତିଶାଳୀ ରାଷ୍ଟ୍ର ଗଠନରେ ଯୋଗଦାନ ଦିଏ ସେ ସମ୍ପର୍କରେ ରାଜ୍ୟପାଳ ଆଲୋକପାତ କରିଥିଲେ। ମହିଳା ସଶକ୍ତିକରଣ, ଜନଜାତି, ଗ୍ରାମୀଣ ଓ ସହରାଞ୍ଚଳର ଯୁବକମାନଙ୍କୁ ସାମିଲ କରି ରାଜ୍ୟର ସମାଶେ। ବିକାଶ ଲକ୍ଷ ସାଧିତ କରିବା ପାଇଁ ଏନ.ସି. ସି. ର ପ୍ରୟାସକୁ ରାଜ୍ୟପାଳ ପ୍ରଶଂସା କରିଥିଲେ । ଏନ.ସି. ସି. ଅଧିକାରୀ ଓ କ୍ୟାଡେଟମାନଙ୍କର ଉତ୍ସର୍ଗୀକୃତ ସେବା ଏବଂ ଶକ୍ତି ପାଇଁ ଧନ୍ୟବାଦ ଜଣାଇଥିଲେ ଏବଂ ସେମାନଙ୍କର ପ୍ରତିବଦ୍ଧତା ଦେଶର ବର୍ତ୍ତମାନ ଏବଂ ଭବିଷ୍ୟତ ପାଇଁ ପ୍ରେରଣା ଯୋଗାଇବ ବୋଲି କହିଥିଲେ।

# ବଜ୍ରପାତ ରୋକିବାକୁ ଲଗାଯିବ ୬ କୋଟି ତାଳଗଛ

**ଭୁବନେଶ୍ୱର,୧୮।୫ (ମହାଭାରତ):** ବଜ୍ରପାତ ଜନିତ ମୃତ୍ୟୁ ରୋକିବା ପାଇଁ ଅଧିକ ତାଳ ଗଛ ଲଗାଯିବ। ଏ ନେଇ ଜଙ୍ଗଲ ଓ ପରିବେଶ ମନ୍ତ୍ରୀ ଗଣେଶ ରାମ ସିଂ ଖୁଣ୍ଟିଆ। ସୂଚନା ଦେଇଛନ୍ତି । ମନ୍ତ୍ରୀ ଆହୁରି କହିଛନ୍ତି, ବଜ୍ରପାତ ଜନିତ ମୃତ୍ୟୁ ରୋକିବା ପାଇଁ ସରକାର ତତ୍ପର। ଜଙ୍ଗଲ ଓ ପରିବେଶ ବିଭାଗ ପକ୍ଷରୁ ଅଧିକ ତାଳ ଗଛ ଲଗାଇବା ପାଇଁ ପଦକ୍ଷେପ ନିଆଯାଇଛି । ପୂର୍ବ ବର୍ଷ ଟାର୍ଗେଟରୁ ପୂରଣ କରାଯାଇଛି। ପୂର୍ବରୁ ୨୦ ଲକ୍ଷ ଗଛ ଲଗାଯାଇଥିଲା। ଏବର୍ଷ ୫ରୁ ୬ କୋଟି ଟଙ୍କାର ତାଳ ଗଛ ଲଗାଇବା ପାଇଁ ବିଭାଗ ନିଷ୍ପତ୍ତି ନେଇଛି ବୋଲି ମନ୍ତ୍ରୀ କହିଛନ୍ତି। ଉଲ୍ଲେଯୋଗ୍ୟ ଯେ, ଶୁକ୍ରବାର



ଅପରାହ୍ନରେ ବିଭିନ୍ନ ଜିଲ୍ଲାରେ ବର୍ଷା, ପବନ ସାଙ୍ଗକୁ ଘନଘନ ବଜ୍ରପାତରେ ବହୁ ଧନଜୀବନ କ୍ଷୟକ୍ଷତି ହୋଇଛି। ଗତକାଲି ବଜ୍ରପାତ ଘଟି ୧୪ ଜଣଙ୍କ ଜୀବନ ଚାଲିଯାଇଛି। ୨୦ରୁ ଅଧିକ ଆହତ ହୋଇ ବିଭିନ୍ନ ମେଡିକାଲରେ ଚିକିତ୍ସାଧୀନ ଅଛନ୍ତି। ଅନେକ ଗୋରୁ ଗାଈଙ୍କର ବି ମୃତ୍ୟୁ ଘଟିଛି ଯ ଖାଲି ସେତିକି ନୁହେଁ, କାଳବୈଶାଖୀ ପବନ ମାଡ଼ରେ ବହୁ ସ୍ଥାନରେ ଘର କାନ୍ଥ, ଛପର ଭାଙ୍ଗିଯାଇଛି।

# ଇସ୍କନ୍‌ର ଅଦିନିଆ ରଥଯାତ୍ରା ବନ୍ଦ ପାଇଁ ଦାବି

**ଭୁବନେଶ୍ୱର,୧୮।୫ (ମହାଭାରତ):** ଓଡ଼ିଆ ଅସ୍ମିତା ପରିଷଦ ଓଡ଼ିଶା ରାଜ୍ୟ କମିଟି ପକ୍ଷରୁ ଆଜି ସ୍ଥାନୀୟ ମାଷ୍ଟରକ୍ୟାଣ୍ଟିନ୍ ଛକଠାରେ ଏକ ପ୍ରତିବାଦ ବିକ୍ଷୋଭ ଅନୁଷ୍ଠିତ ହୋଇ ଆସନ୍ତାକାଲି ଲଣ୍ଡନଠାରେ ଇସ୍କନ୍ ପକ୍ଷରୁ ଅନୁଷ୍ଠିତ ହେବାକୁ ଯାଉଥିବା ଅଦିନିଆ ରଥଯାତ୍ରାକୁ ବନ୍ଦ କରିବା ପାଇଁ ଦାବି କରି ମୁଖ୍ୟମନ୍ତ୍ରୀ ଶ୍ରୀଯୁକ୍ତ ମୋହନ ଚରଣ ମାଝୀଙ୍କ ଉଦ୍ଦେଶ୍ୟରେ ଏକ ସ୍ମାରକପତ୍ର ପ୍ରଦାନ କରାଯାଇଛି । ଏହି ସ୍ମାରକପତ୍ରରେ କୁହାଯାଇଛି ଯେ, ଇସ୍କନ୍ ବାରମ୍ବାର ଜଗନ୍ନାଥ ସଂସ୍କୃତିର ଗାରିମା ଓ ଅସ୍ମିତାକୁ କ୍ଷୁର୍ଣ୍ଣ କରିବାରେ ଲାଗିଛି । ଗତବର୍ଷ ଆମେରିକାର ହ୍ୟୁଷ୍ଟର୍ଣ୍ଣ ସହରଠାରେ ନଭେମ୍ବର ୯ ତାରିଖ, ୨୦୨୪ ମସିହାରେ ଇସ୍କନ୍ ପକ୍ଷରୁ ଏକ ଅଦିନିଆ ରଥଯାତ୍ରା କରାଯାଇଥିଲା । ପୂଜ୍ୟ ଶଙ୍କରାଚାର୍ଯ୍ୟ ଓ ଗଜପତି ମହାରାଜଙ୍କ




ସମେତ ଜଗନ୍ନାଥ ମନ୍ଦିର ପ୍ରଶାସନ ପକ୍ଷରୁ ଏହି ଅଦିନିଆ ରଥଯାତ୍ରାକୁ ବିରୋଧ କରାଯାଇ ଦୃଢ କାର୍ଯ୍ୟାନୁଷ୍ଠାନ ଦାବି କରାଯାଇଥିଲା ।ଫଳରେ ଇସ୍କନ୍ ଗଜପତି ମହାରାଜାଙ୍କ ସହିତ ଆଲୋଚନା କରି ଆଉ ଏଭଳି ଅଦିନିଆ ରଥଯାତ୍ରା କରିବ ନାହିଁ ବୋଲି ଗଣମାଧ୍ୟମରେ ପ୍ରକାଶ କରିଥିଲା । କିନ୍ତୁ ଦୁଃଖର କଥା, ଆପଣ ଜାଣିଥିବେ 'ଇସ୍କନ୍' ପକ୍ଷରୁ ଆସନ୍ତାକାଲି ଲଣ୍ଡନଠାରେ ଏକ ଅଦିନିଆ ରଥଯାତ୍ରା ହେବାକୁ ଯାଉଛି । ଏହି ଅଦିନିଆ ରଥଯାତ୍ରା ଜଗନ୍ନାଥ ସଂସ୍କୃତି ଓ ଗାରିମା ଉପରେ ଏକ ଚରମ ଆକ୍ରମଣ ବୋଲି ଆମେ ମନେ କରୁ । ଏହା କେବଳ ଜଗନ୍ନାଥ ସଂସ୍କୃତିକୁ ଅପମାନିତ କରୁନାହିଁ ଓଡ଼ିଆ ଜାତିର ଅସ୍ମିତା ଓ ସ୍ୱାଭିମାନକୁ ମଧ୍ୟ କ୍ଷୁର୍ଣ୍ଣ କରୁଛି । ତେଣୁ ଏହାକୁ ଦୃଷ୍ଟିରେ ରଖି ଆସନ୍ତାକାଲି ଇସ୍କନ୍ ପକ୍ଷରୁ ଲଣ୍ଡନଠାରେ ହେବାକୁ ଥିବା ଅଦିନିଆ ରଥଯାତ୍ରାକୁ ବନ୍ଦ କରିବା ପାଇଁ ଦୃଢ ପଦକ୍ଷେପ ନେବାକୁ ଇସ୍କନ୍‌କୁ ନିର୍ଦ୍ଦେଶ ଦେବାକୁ ଆମେ ଦାବି କରୁଅଛୁ ।

# ଇସ୍କନର ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ ପୁରୀ ସେବାୟତଙ୍କ ଦାବି

**ଭୁବନେଶ୍ୱର,୧୮।୫ (ମହାଭାରତ):** ପୁଣି ତେଜିଲା ଇସ୍କନ ର ଅଦିନିଆ ରଥଯାତ୍ରା ବିବାଦ। ଆସନ୍ତାକାଲି ଲଣ୍ଡନରେ ହେବାକୁ ଥିବା ରଥଯାତ୍ରାକୁ ନେଇ ତୀବ୍ର ଅସନ୍ତୋଷ ପ୍ରକାଶ ପାଇଛି । ସେବାୟତମାନେ ରାଜ୍ୟ ଓ କେନ୍ଦ୍ର ସରକାର ହସ୍ତକ୍ଷେପ କରିବାକୁ ଦାବି କରିବା ସହ ତୁରନ୍ତ ଇସ୍କନର ଅଦିନିଆ ରଥଯାତ୍ରା ବନ୍ଦ କରିବାକୁ କହିଛନ୍ତି। କହିଛନ୍ତି ଇସ୍କନ୍ ବାରମ୍ବାର ନିୟମ ବାହାରେ କାର୍ଯ୍ୟ କରୁଛି। ମହାପ୍ରଭୁଙ୍କ ପରମ୍ପରାକୁ ସମସ୍ତେ ମାନିବା ଆବଶ୍ୟକ। ଓଡିଆଙ୍କ ପ୍ରତି କୁଠାରଘାତ କରିଛି ଇସ୍କନ୍।

ଶାସ୍ତ୍ରୀୟ ମତ ଅନୁଯାୟୀ, ପ୍ରତ୍ୟେକ ବର୍ଷ ଆଷାଢ଼ ମାସ ଶୁକ୍ଳପକ୍ଷ ଦ୍ୱିତୀୟା ତିଥିରେ ମହାପ୍ରଭୁ ଶ୍ରୀଜଗନ୍ନାଥଙ୍କ ବିଶ୍ୱ ପ୍ରସିଦ୍ଧ ରଥଯାତ୍ରା ଅନୁଷ୍ଠିତ ହେଉଛି। କିନ୍ତୁ ଇସ୍କନ ପକ୍ଷରୁ ଏହାକୁ ଉଲ୍ଲଙ୍ଘନ କରି ମୁମ୍ବଇ ସମେତ ଦେଶ ବିଦେଶର ବିଭିନ୍ନ ସ୍ଥାନରେ ଅଦିନିଆ। ରଥଯାତ୍ରା ଆୟୋଜନ କରିଆସୁଛି। ଚଳିତ ମାସ ୧୮ରେ ଲଣ୍ଡନରେ ଅଦିନିଆ। ରଥଯାତ୍ରା କରିବ ଇସ୍କନ।ଏହି ପ୍ରସଙ୍ଗକୁ କେନ୍ଦ୍ରକରି ଶ୍ରୀମନ୍ଦିର ପରିଚାଳନା କମିଟି ବୈଠକରେ ପୂର୍ବରୁ ଉଦ୍‌ବେଗ ପ୍ରକାଶ ପାଇଥିଲା। ନିର୍ଦ୍ଧାରିତ ତିଥିରେ ରଥଯାତ୍ରା ଆୟୋଜନ ପାଇଁ ଗଜପତି ମହାରାଜା ଚିଠି ଲେଖି ଇସ୍କନକୁ ପରାମର୍ଶ ଦେଇଥିଲେ। କେବଳ ସେତିକି ନୁହେଁ, ଇସ୍କନ କର୍ମକର୍ତ୍ତାଙ୍କୁ ନେଇ କିଛିଦିନ ପୂର୍ବେ ଭୁବନେଶ୍ୱରରେ ଏକ ଗୁରୁତ୍ୱପୂର୍ଣ୍ଣ ବୈଠକ ହୋଇଥିଲା। ଏସବୁ ସତ୍ତ୍ୱେ ଚଳିତ ମାସ ୧୮ରେ ରଥଯାତ୍ରା ଆୟୋଜନ ପାଇଁ ଇସ୍କନ ଲଣ୍ଡନ ପକ୍ଷରୁ ଘୋଷଣା କରାଯାଇଛି।

# ଲଢ଼େଇ ନିର୍ଣ୍ଣାୟକ ହେଉ

ପହଲଗାମରେ ୨୬ଜଣ ନିରୀହ, ନିରସ୍ତ୍ର ନାଗରିକ ଯେଉଁମାନେ ପର୍ଯ୍ୟଟକ ଭାବେ ସେଠାକୁ ଯାଇଥିଲେ ସେମାନେ ଆତଙ୍କବାଦୀଙ୍କ ଗୁଳିରେ ପ୍ରାଣ ହରାଇବା ପରେ ଭାରତ ସରକାର ପ୍ରଥମେ ପାକିସ୍ତାନ ସହ ସିନ୍ଧୁ ନଦୀ ଜଳ ଚୁକ୍ତି ବାତିଲ କଲେ। ଏହା ସହିତ ପାକିସ୍ତାନରେ ଥିବା ଭାରତୀୟ ଦୂତାବାସରୁ ଅଧିକାଂଶ କର୍ମଚାରୀଙ୍କୁ ପ୍ରତ୍ୟାହାର କରି ଆଣିଲେ। ପାକିସ୍ତାନ ସୀମାକୁ ବନ୍ଦ କରି ଦିଆଗଲା। ଭାରତରେ ଥିବା ପାକ ନାଗରିକମାନଙ୍କୁ ତୁରନ୍ତ ଦେଶ ଛାଡ଼ି ଚାଲିଯିବାକୁ ନିର୍ଦ୍ଦେଶ ଦିଆଗଲା ଏବଂ ସେମାନଙ୍କ ଭିସା ବାତିଲ କରାଗଲା। ଏହା ପରେ ଭାରତ ପ୍ରମୁଖ ବିଦେଶୀ ରାଷ୍ଟ୍ରଙ୍କୁ ସ୍ଥିତି ସମ୍ପର୍କରେ ଅବଗତ କରାଇଲା ଏବଂ ପହଲଗାମ ଆକ୍ରମଣ ପଛରେ ପାକିସ୍ତାନର ହାତ ଥିବାର ପ୍ରମାଣ ଉପସ୍ଥାପନ କଲା। କିନ୍ତୁ ଲୋକେ ଚାହୁଁଥିଲେ ଏଥର ଭାରତ ଆହୁରି କଠୋର ପଦକ୍ଷେପ ନେଉ। ପୁଲୱାମା ଆକ୍ରମଣ ପରେ ଯେପରି ସର୍ଜିକାଲ ଷ୍ଟ୍ରାଇକ ହୋଇଥିଲା ଏଥର ତାହାଠାରୁ ବହୁ ଅଧିକ ଗୁଣ ଆକ୍ରମଣ ସହ ପାକିସ୍ତାନ ବିରୋଧରେ ଭାରତ ଯୁଦ୍ଧ ଘୋଷଣା କରୁବୋଲି ସାଧାରଣ ନାଗରିକମାନେ ଚାହୁଁଥିଲେ। କିନ୍ତୁ ଭାରତ ସରକାର ସବୁ କଥା ବିଚାର ଆଲୋଚନା କରୁଥିଲେ। ଯୁଦ୍ଧ ପାଇଁ ପ୍ରସ୍ତୁତି ବି ଚାଲିଥିଲା। ପହଲଗାମ ଘଟଣାର ଦୁଇ ସପ୍ତାହ ପରେ ଗତ ୬ ତାରିଖ ରାତିରେ ଭାରତ ପାକିସ୍ତାନରେ ଥିବା ଆତଙ୍କୀ ଆଡ୍ଡା ଉପରେ ଆକ୍ରମଣ କଲା। ପାକିସ୍ତାନ ଏବଂ ପିଓକେରେ ଥିବା ୯ଟି ସ୍ଥାନରେ ଏହି ଆକ୍ରମଣ ହୋଇଥିଲା। ଭାରତୀୟ ସେନାର ସୂଚନା ଅନୁଯାୟୀ ମାତ୍ର ୨୫ ମିନିଟରେ ୨୪ଟି ଆତଙ୍କୀ ଶିବୀର ଉପରେ ଭାରତ ଏୟାର ଷ୍ଟ୍ରାଇକ କରିଥିଲା। ଏଥିରେ ସେସବୁ ଆତଙ୍କୀ ଶିବୀର ସମ୍ପୂର୍ଣ୍ଣ ଧ୍ୱସ୍ତ ବିଧ୍ୱସ୍ତ ହୋଇଥିଲା। ଭାରତ ଚାହିଁଥିଲେ ପାକିସ୍ତାନର ସାମରିକ ଘାଟୀ ଏବଂ ସର୍ବସାଧରଣ ସ୍ଥାନରେ ଉପରେ ମଧ୍ୟ ଆକ୍ରମଣ କରିପାରିଥାଆନ୍ତା ଯେପରି ଇସ୍ରାଏଲ କରିଛି। କିନ୍ତୁ ଭାରତ ଏକ ଗଣତାନ୍ତ୍ରିକ ସଭ୍ୟ ରାଷ୍ଟ୍ର ଏବଂ ଶାନ୍ତି ଏହାର ନୀତି ଏବଂ ଆଦର୍ଶ। ଯୁଦ୍ଧ ପୂର୍ବରୁ ସରକାର ବିରୋଧୀ ଦଳ ସହ ଆଲୋଚନା କରି ସେମାନଙ୍କ ସମର୍ଥନ ହାସଲ କରିଥିଲେ। ଭାରତର ଲକ୍ଷ୍ୟ ଥିଲା ପାକିସ୍ତାନରେ ଥିବା ଆତଙ୍କୀ ଶିବୀର ଏବଂ ତାଲିମକେନ୍ଦ୍ରକୁ ଧ୍ୱଂସ କରିବା। ଭାରତୀୟ ବାୟୁସେନା ପକ୍ଷରୁ ଏହାକୁ ଅପରେସନ ସିନ୍ଦୁର ଆଖ୍ୟା ଦିଆଯାଇଥିଲା। ଭାରତୀୟ ସେନାର ଏହି ଏୟାର ଷ୍ଟ୍ରାଇକ ଜବାବରେ ପାକିସ୍ତାନ ୭ ତାରିଖରୁ ଭାରତ ବିରୋଧରେ ଆକ୍ରମଣ ଆରମ୍ଭ କରିଥିଲା। ଦୁଇ ଦେଶ ମଧ୍ୟରେ ପୂର୍ଣ୍ଣ କାଳିନ ଯୁଦ୍ଧ ଆରମ୍ଭ ହୋଇଥିଲା। ଏଲଓସିରେ ପାକ ସେନା ପକ୍ଷରୁ ଗୁଳିଗୋଳା ବର୍ଷଣ କରିବା ସହ ଭାରତ ଉପରେ ମିସାଇଲ ଏବଂ ଡ୍ରୋନ ଆକ୍ରମଣ କରିଥିଲା ଯାହା ଭାରତୀୟ ସେନା ବିଫଳ କରି ଦେଇଥିଲା ଭାରତୀୟ ସେନା ପାକିସ୍ତାନର ୩ଟି ଲଢୁଆ ବିମାନକୁ ଖସାଇଦେବା ସହିତ ଅଧିକାଂଶ ଡ୍ରୋନକୁ ନଷ୍ଟ କରି ଦେଇଥିଲା। ଜଳ,ସ୍ଥଳ, ଆକାଶ ତିନି ଦିଗରୁ ଭାରତ ପ୍ରତିପକ୍ଷ ବିରୋଧରେ ଆକ୍ରମଣ କରିଥିଲା। ଆଇଏନଏସ ବିକ୍ରାନ୍ତ କରାଚୀ ବନ୍ଦର ନିକଟରେ ଆକ୍ରମଣ ଲାଗି ପ୍ରସ୍ତୁତ ହୋଇଥିଲା। ପାକିସ୍ତାନର ଅନେକ ପ୍ରମୁଖ ସହର ଉପରେ ଭାରତ ମିସାଇଲ ମାଡ଼ କରିଥିଲା। କିନ୍ତୁ ପାକିସ୍ତାନ ଭାରତର ସାଧାରଣ ଲୋକଙ୍କୁ ଟାର୍ଗେଟ କରିବା ସହ ଅନେକ ଧାର୍ମିକ ପୀଠକୁ ମଧ୍ୟ ଧ୍ୱଂସ କରିବାକୁ ପ୍ରୟାସ କରିଥିଲା। ଏଭଳି ଭାବେ ଉଭୟ ଦେଶ ମଧ୍ୟରେ ବଡ଼ ଯୁଦ୍ଧ ଆଶଙ୍କା ସୃଷ୍ଟି ହେଉଥିବା ବେଳେ ହଠାତ ୧୦ ତାରିଖ ସନ୍ଧ୍ୟାରେ ଯୁଦ୍ଧ ବିରତି ଘୋଷଣା କରାଯାଇଥିଲା। ଆମେରିକା ରାଷ୍ଟ୍ରପତି ଡୋନାଲ୍ଡ ଟ୍ରମ୍ପଙ୍କ ହସ୍ତକ୍ଷେପ ଫଳରେ ଉଭୟ ଦେଶ ଯୁଦ୍ଧ ବିରତି ଲାଗି ସହମତ ହୋଇଥିଲେ। କିନ୍ତୁ ଭାରତୀୟ ମାନେ ଏଥିରେ ଖୁସି ନାହାଁନ୍ତି। ସେମାନେ ଚାହୁଁଥିଲେ ଏଥର ଲଢ଼େଇ ନିର୍ଣ୍ଣାୟକ ହେଉ।

# ଆମେରିକାର ପ୍ରକଳ୍ପ ୨୦୨୫

॥ ସୌମେନ୍ଦ୍ର ଜେନା ॥

> “ ଆମେରିକାର ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ପାଇଁ ଏହି ପୁସ୍ତକରେ ପରାମର୍ଶ ରହିଛି। ଏଥିରେ ମୁକ୍ତ ବ୍ୟାଙ୍କ ବ୍ୟବସ୍ଥା, ବସ୍ତୁ ଆଧାରିତ ମୂଲ୍ୟ, ମୁଦ୍ରାସ୍ଫୀତି ଉପରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ଟିକସ ହ୍ରାସ ଏବଂ ଚାକିରୀ ଆଇନ ୨୦୧୭କୁ ଆଗକୁ ନେବାକୁ କୁହାଯାଇ ବ୍ୟକ୍ତିଗତ ଆୟ ଟିକସ ୧୫ ପ୍ରତିଶତ ଏବଂ ୩୦ ପ୍ରତିଶତ ଦୁଇ ପ୍ରକାର କରାଯିବାକୁ ପରାମର୍ଶ ଦିଆଯାଇଛି। କର୍ପୋରେଟ ଟିକସକୁ ହ୍ରାସ କରି ୧୮ ପ୍ରତିଶତ ରଖାଯିବାକୁ କୁହାଯାଇଛି।

ଚଳିତ ବର୍ଷ ଆମେରିକାର ରାଷ୍ଟ୍ରପତି ନିର୍ବାଚନ ବର୍ଷର ଶେଷ ଭାଗକୁ ହେବାର ରହିଛି, ଯାହାର ଫଳାଫଳ ପ୍ରକାଶ ପାଇବା ପରେ ଜାନୁଆରୀ ୨୦୨୫ରେ ନୂତନ ରାଷ୍ଟ୍ରପତି ଦାୟିତ୍ୱ ଗ୍ରହଣ କରିବେ। ସବୁଥର ପରି ଏଥର ମଧ ଡେମୋକ୍ରାଟ ଓ ରିପବ୍ଲିକାନ ଦଳର ପ୍ରାର୍ଥୀଙ୍କ ମଧ୍ୟରେ ମୁଖ୍ୟତଃ ନିର୍ବାଚନ ଲଢ଼େଇ ହେଉଛି। ଡେମୋକ୍ରାଟରୁ ଜୋ ଡାଇଡେନ ଏବଂ ରିପବ୍ଲିକାନ୍‌ରୁ ଡୋନାଲ୍ଡ଼ ଟ୍ରମ୍ପ ଦୌଡରେ ରହିଛନ୍ତି। ଆମେରିକାର ରାଷ୍ଟ୍ରପତି ନିର୍ବାଚନ ଚାରିବର୍ଷରେ ଥରେ ହେଉଥିଲେ ମଧ ଦୁଇବର୍ଷ ପୂର୍ବରୁ ନିର୍ବାଚନ ପ୍ରସ୍ତୁତି ଆରମ୍ଭ ହୋଇଥାଏ। ଦୁଇ ଦଳର ପ୍ରାର୍ଥୀମାନେ ସମ୍ମୁଖରେ ରହିଥିବା ସ୍ଥଳେ ସେମାନଙ୍କ ସମର୍ଥନପାଇଁ ପଛରେ ଅନେକ ସଂଗଠନ, ବ୍ୟାବସାୟିକ ଅନୁଷ୍ଠାନ, ପ୍ରତିଷ୍ଠିତ ବ୍ୟକ୍ତି ବିଶେଷ ରହିଥାନ୍ତି। ସେହି କ୍ରମରେ ଡୋନାଲଡ଼ ଟ୍ରମ୍ପଙ୍କ ସମର୍ଥକମାନେ ମଧ ୨୦୨୦ ପରଠାରୁ ତାଙ୍କ ଭବିଷ୍ୟତର ଯୋଜନାକୁ ରୂପରେଖ ଦେବାରେ ଲାଗିଛନ୍ତି। ଆମେରିକାର ସରକାର କ'ଣ କରିବା ଦରକାର ସେ ବିଷୟକୁ ନେଇ ହେରିଟେଜ୍ ଫାଉଣ୍ଡେସନ୍ ୧୯୮୧ ରୁ 'ମାଣ୍ଡେଟ ଫର୍ ଲିଡରସିପ୍' ଶୀର୍ଷକରେ ଯେଉଁ ଦଲିଲକୁ ପ୍ରକାଶ କରିଆସିଛି। ଅନୁଷ୍ଠାନ ପକ୍ଷରୁ ତାକୁ 'ପଲିସୀ ବାଇବେଲ' ବୋଲି ଆଖ୍ୟା ଦେଇଥାଏ। ନୀତିନିର୍ଦ୍ଧାରଣର ଏହା ସରକାରଙ୍କ ପାଇଁ ମାର୍ଗଦର୍ଶିକା ବୋଲି ହେରିଟେବୋ ଫାଉଣ୍ଡେସନ କହିଥାଏ। ଅନୁଷ୍ଠାନର ଅଧକ୍ଷ କେଭିନ ରବର୍ଟସ ୨୦୨୪ ନିର୍ବାଚନକୁ ଆଖି ଆଗରେ ରଖି ୨୧ ଏପ୍ରିଲ ୨୦୨୩ରେ 'ପ୍ରକଳ୍ପ-୨୦୨୫' ଶୀର୍ଷକରେ ଏକ ତଥ୍ୟ ଆଧାରଭୂତ ବିଚାର ଶୃଙ୍ଖଳା ଆରମ୍ଭ କରିଥିଲେ।

ପୂର୍ବରୁ ୨୦୨୦ରେ ଡୋନାଲଡ଼ ଟ୍ରମ୍ପଙ୍କ ଶାସନ କାଳରେ ତାଙ୍କ ନିର୍ଦ୍ଦେଶକୁ ଅଧିକାରୀ ଗ୍ରହଣ କରିବାକୁ ମନାକରିବା, ଜର୍ଜ ଫ୍ଲଏଡ୍ ବିକ୍ଷୋଭ ବେଳେ ଲୁଟତରାକାରୀଙ୍କ ଉପରକୁ ଗୁଳି ଚଳାଇବା ପରି ନିର୍ଦ୍ଦେଶ କାର୍ଯ୍ୟକାରୀ ନହେବା ଆଦି ଘଟଣାରେ ଆମେରିକାର ରାଷ୍ଟ୍ରପତି ନୀତି ଦୃଷ୍ଟିରୁ ଦୁର୍ବଳଥିବା ଲକ୍ଷ୍ୟକରି ସେବେଠାରୁ ହେରିଟେଜ୍ ଫାଉଣ୍ଡେସନ ଟ୍ରମ୍ପଙ୍କ ପାଇଁ ଏକ ଶାସନ ବ୍ୟବସ୍ଥାର ନୀତି ପୁସ୍ତିକା ପ୍ରକାଶ ପାଇଁ କାର୍ଯ୍ୟ କରିବାକୁ ସ୍ଥିରକରି ପରେ ଯେଉଁ ପଦକ୍ଷେପ ନେଲା ତହିଁରୁ ନଅଶହରୁ ଅଧିକ ପୃଷ୍ଠା ବିଶିଷ୍ଟ 'ପ୍ରକଳ୍ପ-୨୦୨୫' ରୂପ ନେଲା, ଯାହା କି ପରେ ପ୍ରକାଶ ପାଇଛି। ଏଥିରେ ଟ୍ରମ୍ପଙ୍କ ସରକାର ସହ ଥିବା ଅନେକ ବ୍ୟକ୍ତିବିଶେଷ ସେମାନଙ୍କ ବିଚାର ବ୍ୟକ୍ତ କରିଛନ୍ତି। କେତେକ ବିଶ୍ୱ ବିଦ୍ୟାଳୟର ପ୍ରାଧାପକ ନିଜେ ଏହି ପ୍ରକଳ୍ପରେ ସାମିଲ ହୋଇ ୨୦୨୫ରେ ଶାସନକୁ ଆସିଲେ ଟ୍ରମ୍ପ କ'ଣ ପଦକ୍ଷେପ ଗ୍ରହଣ କରିବା ଦରକାର ତାହା ଏଥିରେ ଉଲ୍ଲେଖ କରିଛନ୍ତି। ଏହି ପ୍ରକଳ୍ପର ନିର୍ଦ୍ଦେଶକ ପଲ୍ ଡାନ୍ସ ରହିଛନ୍ତି। ୱାସିଂଟନ ଡିସିସ୍ଥିତ କନ୍‌ଜରଭେଟିଭ୍ ବୌଦ୍ଧିକ ଗୋଷ୍ଠୀର ସଂସ୍ଥା ହେଉଛି ହେରିଟେଜ୍ ଫାଉଣ୍ଡେସନ୍, ଯାହା ଅତୀତରେ ଅନେକଗୁଡ଼ିଏ ପୁସ୍ତକ ପ୍ରକାଶ କରିଛି ଆମେରିକାର ସଫଳ ନେତୃତ୍ୱ ପାଇଁ।

ପ୍ରକଳ୍ପ-୨୦୨୫ ପୁସ୍ତକର ସଂପାଦକ ପଲ ଡାନ୍ସ ଏବଂ ଷ୍ଟିଭେନ ଗ୍ରୋଭସ ରହିଥିଲା ବେଳେ ମୁଖବନ୍ଧ ଲେଖିଛନ୍ତି କେଭିନା ରବର୍ଟସ। ୯୨୨ ପୃଷ୍ଠାର ଏହି ନୀତି ନିର୍ଦ୍ଧାରଣ ସଂକ୍ରାନ୍ତୀୟ ପୁସ୍ତକଟି ସରକାର ପରିଚାଳନା, ସାଧାରଣ ପ୍ରତିରକ୍ଷା, ଜନସାଧାରଣଙ୍କ କଲ୍ୟାଣ, ଅର୍ଥନୀତି, ସ୍ୱାଧୀନଭାବେ କାର୍ଯ୍ୟରତ ଏଜେନ୍ସୀ ଆଦି ବିଷୟକୁ କେନ୍ଦ୍ରକରି ମୋଟ ୩୦ଟି ଲେଖା ଏଥିରେ ରହିଛି ଯାହା, ଭିନ୍ନ ଭିନ୍ନ ଲୋକେ ଲେଖିଛନ୍ତି। ୫୦ରୁ ଅଧିକ ଅନୁଷ୍ଠାନର ଏଥିରେ ସଂପୃକ୍ତି ରହିଥିବା କଥା କୁହାଯାଇଛି। ଏଥିରେ ରସେଲ ଭଘଟ ଲେଖିଛନ୍ତି ଯେ 'ଖ୍ରୀଷ୍ଟିଆନ ଜାତୀୟତାବାଦ'କୁ ଆଧାର କରି ଆମେରିକା ଆଗେଇବା ଆବଶ୍ୟକ। ୱିଲିୟମ୍ ୱଲପଂଙ୍କ ପରି ଖ୍ରୀଷ୍ଟିଆନ ଜାତୀୟତାବାଦୀଙ୍କ ମତରେ ଦେଶରେ ବାଇବେଲ ଆଧାରିତ ଶାସନ ବ୍ୟବସ୍ଥାର ପ୍ରଚଳନ ଆବଶ୍ୟକ, ବିଚାରପତିମାନେ ମଧ ବାଇବେଲ ଆଧାରରେ ନ୍ୟାୟ ପ୍ରଦାନ କରିବା ଉଚିତ। ଏଥିରେ ଜଳବାୟୁ ପରିବର୍ତ୍ତନ ପାଇଁ ଗଠିତ ପରିବେଶ ସୁରକ୍ଷା ସଂସ୍ଥା (ଇପିଏ)କୁ ସଂକୁଚିତ କରିବାକୁ କୁହାଯାଇଛି। ଗ୍ରୀନ ହାଉସ ଗ୍ୟାସ ଦ୍ୱାରା ପ୍ରଦୂଷଣ ବଢ଼ିବାକୁ କେନ୍ଦ୍ରକରି ଆମେରିକା ଯେପରି କାର୍ଯ୍ୟକରୁଛି ସେଥିରୁ କ୍ଷାନ୍ତରହିବା ଆବଶ୍ୟକ ବୋଲି କୁହାଯାଇଛି। ସହଯୋଗୀ ରାଷ୍ଟ୍ରମାନଙ୍କୁ କୋଇଲା ବ୍ୟବହାର କରିବାକୁ ପ୍ରୋତ୍ସାହନ ଦେବାକୁ ଏଥିରେ ଉଲ୍ଲେଖ କରାଯାଇଛି। ଜଳବାୟୁ ପରିବର୍ତ୍ତନକୁ କେନ୍ଦ୍ରକରି ବିଶ୍ୱରେ ଅଧିକ ରାଜନୀତି ହେଉଛି ଏବଂ ଅଧିକ କ୍ଷୟକ୍ଷତି ହେବାର ଭୟ ଦେଖାଇ ଦିଆଯାଉଛି ବୋଲି ଏହି ପ୍ରକଳ୍ପର ଲେଖକ ମାଣ୍ଡି ଗୁଣଶେଖର କହିଛନ୍ତି। ପରିବେଶ ସୁରକ୍ଷା ସଂସ୍ଥା (ଇପିଏ)ର ପୂର୍ବତନ ମୁଖ୍ୟ ଭାବେ କାର୍ଯ୍ୟକରିଥିବା ଗୁଣଶେଖରଙ୍କ ପରାମର୍ଶକ୍ରମେ ଆମେରିକା ୨୦୧୭ରେ ପ୍ୟାରିସ ଆଲୋଚନାରୁ ବାହାରି ଆସିଥିଲା।

ଆମେରିକାର ଅର୍ଥନୀତିରେ ବ୍ୟାପକ ପରିବର୍ତ୍ତନ ପାଇଁ ଏହି ପୁସ୍ତକରେ ପରାମର୍ଶ ରହିଛି। ଏଥିରେ ମୁକ୍ତ ବ୍ୟାଙ୍କ ବ୍ୟବସ୍ଥା, ବସ୍ତୁ ଆଧାରିତ ମୂଲ୍ୟ, ମୁଦ୍ରାସ୍ଫୀତି ଉପରେ ଅଧିକ ଗୁରୁତ୍ୱ ଦେବାକୁ କୁହାଯାଇଛି। ଟିକସ ହ୍ରାସ ଏବଂ ଚାକିରୀ ଆଇନ ୨୦୧୭କୁ ଆଗକୁ ନେବାକୁ କୁହାଯାଇ ବ୍ୟକ୍ତିଗତ ଆୟ ଟିକସ ୧୫ ପ୍ରତିଶତ ଏବଂ ୩୦ ପ୍ରତିଶତ ଦୁଇ ପ୍ରକାର କରାଯିବାକୁ ପରାମର୍ଶ ଦିଆଯାଇଛି। କର୍ପୋରେଟ ଟିକସକୁ ହ୍ରାସ କରି ୧୮ ପ୍ରତିଶତ ରଖାଯିବାକୁ କୁହାଯାଇଛି। ମୂଳଲାଭ ଉପରେ ୧୫ ପ୍ରତିଶତ ଟିକସ୍ ଲଗାଇବାକୁ ଉଲ୍ଲେଖ କରାଯାଇଛି। କିନ୍ତୁ ବାଇଡେନ ପ୍ରଶାସନ ଏହି ଟିକସକୁ ୪୫ ପ୍ରତିଶତ କରିବାକୁ କହିଛନ୍ତି। ବାଣିଜ୍ୟ ବିଭାଗରେ ଥିବା ଆର୍ଥିକ ବିକାଶ ପ୍ରଶାସନକୁ ହଟାଇ ଦେବାକୁ ପରାମର୍ଶ ଦିଆଯାଇଛି। ଟ୍ରମ୍ପଙ୍କ ପ୍ରଶାସନ ତୁଳନାରେ ବାଇଡେନ ପ୍ରଶାସନ ଅଧିକରୁ ଅଧିକ ତୈଳଖନନ ଓ ଉତ୍ପାଦନ ପାଇଁ ଅନୁମତି ପ୍ରଦାନ କରି ଗ୍ରାମାଞ୍ଚଳର କ୍ଷତି କରିଛି। ତେଣୁ ଆଗାମୀ ଦିନରେ ବେସାମରିକ ଆଣବିକ ଶିଳ୍ପ ଉପରେ ଜୋର ଦେଲେ ଶକ୍ତି ସଂକ୍ରାନ୍ତୀୟ ସଂକଟ ଦୂରହେବ ବୋଲି କୁହାଯାଇଛି।

ପ୍ରକଳ୍ପ ୨୦୨୫ରେ ବୈଦେଶିକ ବାଣିଜ୍ୟ ସଂକ୍ରାନ୍ତରେ କୁହାଯାଇଛି ଯେ ଆମେରିକା ୟୁରୋପୀୟ ସଂଘ, ଚୀନ ଓ ଭାରତରୁ ଆମଦାନୀ ହେଉଥିବା ବସ୍ତୁ ଉପରେ ଅଧିକ ଟିକସ ଲାଗୁ କରିବା ଦରକାର, ଯାହା ଫଳରେ ବୈଦେଶିକ ବାଣିଜ୍ୟରେ ସନ୍ତୁଳନ ଆସିବ। ଗୋଲ୍ଡମ୍ୟାନ ସାଚ୍‌ର ଆକଳନ ଅନୁସାରେ ଆମେରିକା ଟ୍ରମ୍ପଙ୍କ ସୁରକ୍ଷାତ୍ମକ ନୀତି ଗ୍ରହଣ କରିପାରିଲେ ଅଧିକ ଅର୍ଥ ସଞ୍ଚୟ ହେବା ସହ ଟିକସ ହାରକୁ ହ୍ରାସ କରାଯାଇପାରେ, ଯାହା ଟ୍ରମ୍ପଙ୍କ ସମର୍ଥକମାନେ ଆଶା କରୁଛନ୍ତି। ଅନ୍ୟ ପକ୍ଷରେ କେଣ୍ଟ ଲାସମ୍ୟାନଙ୍କ ଯୁକ୍ତିହେଲା ଯେ ସରକାର ବିଦେଶରୁ ହେଉଥିବା ଆମଦାନୀ ଉପରେ ଶୁଳ୍କ କମ୍ ରଖି ଗ୍ରାହକମାନଙ୍କ ପାଇଁ ଶସ୍ତାରେ ବସ୍ତୁ ଉପଲବ୍ଧ କରାଇବା ଦରକାର। ସରକାର ଅଧିକରୁ ଅଧିକ ମୁକ୍ତ ବାଣିଜ୍ୟ ରାଜିନାମା କରିବା ଆବଶ୍ୟକ। ତେବେ ଚୀନଠାରୁ ଦୂରେଇଲେ ହିଁ ଶ୍ରମିକ ଗୋଷ୍ଠୀର କଲ୍ୟାଣ ହେବ। ଏଥିରେ ଉଭୟ ଟ୍ରମ୍ପ ଏବଂ ବାଇଡେନ ଏକମତ ବୋଲି ସେ ଲେଖିଛନ୍ତି।

ପ୍ରକଳ୍ପ ୨୦୨୫ରେ ବିଦ୍ୟାଳୟ ଶିକ୍ଷାକୁ ରାଜ୍ୟ ପ୍ରଶାସନକୁ ଦେବାସହ ଏଥିରେ ଫେଡେରାଲ ପ୍ରଶାସନ ଅଧିକ ମୁଣ୍ଡ ଖେଳାଇବା ଅନାବଶ୍ୟକ ବୋଲି କୁହାଯାଇଛି। ପ୍ରାଥମିକ ଏବଂ ମାଧ୍ୟମିକ ଶ୍ରେଣୀରେ ଅଧ୍ୟୟନରତ ଆର୍ଥିକ ଦୃଷ୍ଟିରୁ ଦୁର୍ବଳ ଛାତ୍ରଛାତ୍ରୀଙ୍କ ପାଇଁ ସରକାର ରଖିଥିବା ୧୮ ବିଲିୟନର ଅର୍ଥକୁ ସରକାର ବନ୍ଦ କରିଦେବା ଉଚିତ ହେବ ବୋଲି କୁହାଯାଇଛି। ଲୋକେ ବେସରକାରୀ ଏବଂ ଧାର୍ମିକ ଶିକ୍ଷାନୁଷ୍ଠାନଗୁଡ଼ିକୁ ନିଜର ପିଲାମାନଙ୍କୁ ପାଠ ପଢ଼ିବାକୁ ପଠାଉଥିବା ହେତୁ ସରକାର ବିଦ୍ୟାଳୟରେ ମାଗଣା ଭୋଜନ ବ୍ୟବସ୍ଥାକୁ ସଂପୂର୍ଣ୍ଣ ବନ୍ଦ କରିବା ଦରକାର ବୋଲି ଉଲ୍ଲେଖ କରାଯାଇଛି। ପ୍ରକଳ୍ପ ୨୦୨୫ରେ ଛାତ୍ରଛାତ୍ରୀଙ୍କ ଋଣଛାଡ କାର୍ଯ୍ୟକ୍ରମକୁ କଠୋର ସମାଲୋଚନା କରାଯାଇଛି। ଲୋକଙ୍କ ଅର୍ଥରେ ହେଉଥିବା ଉଚ୍ଚତର ଗବେଷଣା ଦେଶର ସ୍ୱାର୍ଥରେ ହେବା ଦରକାର, ଅନ୍ୟମାନଙ୍କ ସ୍ୱାର୍ଥରେ ନୁହେଁ। ତେଣୁ ଜଳବାୟୁ ଗବେଷଣାକୁ ଅନୁଦାନ ହ୍ରାସ କରିବାକୁ ଏଥିରେ କୁହାଯାଇଛି। ଜାନୁଆରୀ ୨୦, ୨୦୨୫ ସୁଦ୍ଧା ଡିପାର୍ଟମେଣ୍ଟ ଅଫ୍ ଷ୍ଟେଟରେ ଥିବା ନେତୃସ୍ଥାନୀୟ ସବୁ କର୍ମଚାରୀଙ୍କୁ ବାହାର କରିଦେବାକୁ ପ୍ରକଳ୍ପ ୨୦୨୫ରେ କୁହାଯାଇଛି। ଟ୍ରମ୍ପ ପ୍ରଶାସନରେ ବାମପନ୍ଥୀ କର୍ମଚାରୀଙ୍କ ସ୍ଥାନ ନଥିବା ବିଷୟ ଉଲ୍ଲେଖ କରାଯାଇଛି। କୌଣସି ଏକ ବିଦେଶୀ ରାଷ୍ଟ୍ରକୁ ଅସ୍ତ୍ରଶସ୍ତ୍ର ବିକ୍ରିପାଇଁ କଂଗ୍ରେସର ଅନୁମତି ଆବଶ୍ୟକ ହେବ ନାହିଁ ବୋଲି କୁହାଯାଇଛି। ରାଷ୍ଟ୍ରପତି ନିଜ କ୍ଷମତାକୁ ପ୍ରୟୋଗ କରି ଏହି ଅସ୍ତ୍ରଶସ୍ତ୍ର ତୁରନ୍ତ ବିକ୍ରି କରିବାକୁ ନିଷ୍ପତ୍ତି ନେଇପାରିବେ। ଏ କ୍ଷେତ୍ରରେ କଂଗ୍ରେସ ପ୍ରତିବନ୍ଧକ ସୃଷ୍ଟି କରିପାରିବ ନାହିଁ। ପ୍ରକଳ୍ପ-୨୦୨୫ରେ କୁହାଯାଇଛି ଯେ ପ୍ରଶାସନରେ ଟ୍ରମ୍ପଙ୍କ ଅନୁଗାମୀଙ୍କୁ ସ୍ଥାନ ଦେବା ସହ ପୂର୍ବରୁ ରାଜନୈତିକ ନିଯୁକ୍ତି ପାଇଥିବା ବହୁସଂଖ୍ୟକ କର୍ମଚାରୀଙ୍କୁ ବଦଳାଯିବା ନିହାତି ଜରୁରୀ। ଏଥିପାଇଁ 'ପ୍ରକଳ୍ପ-୨୦୨୫' ଆଗାମୀ ଦିନପାଇଁ ୨୦,୦୦୦ନୂତନ କର୍ମଚାରୀଙ୍କ ନିଯୁକ୍ତି ପାଇଁ ଏକ ଡାଟାବେସ୍ ପ୍ରସ୍ତୁତି ପାଇଁ ପ୍ରୟାସ ଚଳାଇଛି, ଯାହା ୨୦୨୪ ଶେଷ ସୁଦ୍ଧା ହୋଇଯିବ। କିନ୍ତୁ ୨୦୨୪ ସୁଦ୍ଧା ଡାଇଡେନ ପ୍ରଶାସନ ଦ୍ୱାରା ୪୦୦୦ ନିଯୁକ୍ତି ରାଜନୈତିକ ଦୃଷ୍ଟିକୋଣରୁ ହୋଇଥିବା କଥା କୁହାଯାଇଛି।

# ଜଳବାୟୁ ପରିବର୍ତ୍ତନର ପଞ୍ଝାରେ ଆଜିର କୃଷି

॥ କୃଷିକିଶୋର ଚନ୍ଦ୍ର ଜେନା ॥

ବର୍ତ୍ତମାନ ସମୟରେ ପୃଥିବୀରେ ଜଳବାୟୁ ପରିବର୍ତ୍ତନ ଏକ ଗମ୍ଭୀର ଏବଂ ବୈଶ୍ୱିକ ମୁଦାଭାବରେ ଉପସ୍ଥାପିତ ଏବଂ ସମସ୍ତଙ୍କ ଆଗରେ ବଡ଼ ଚିନ୍ତାର କାରଣ ଭାବରେ ସମସ୍ତଙ୍କୁ ବ୍ୟଥିତ ଏବଂ ଚିନ୍ତିତ କରୁଛି। ଏହି ଦୃଶ୍ୟମାନ ପରିବର୍ତ୍ତନ ନା କେବଳ ଭାରତ ଆଗରେ ଆର୍ବିଭୂତା ବଂର ପୁରା ବିଶ୍ୱକୁ ତାର ପଞ୍ଝାରେ ମାଡ଼ି ବସିଛି। ବେଳ ଥାଉଁ ଥାଉଁ ଯଦି ଆମେ ସମସ୍ତେ ମିଳି ମିଶି ପୁରା ବିଶ୍ୱ ଏହା ଉପରେ ଦୃଷ୍ଟି ନିକ୍ଷେପ ନକରିବା, ତେବେ ପୁରା ବିଶ୍ୱରେ ପ୍ରଳୟ ଅବ୍ୟଶମ୍ଭାବୀ। ଏହାର ପ୍ରଭାବରେ ପୁରା ଦୁନିଆରେ ପ୍ରବଳ ବନ୍ୟା, ମରୁଡ଼ି, କୃଷି ସଂକଟ, ଖାଦ୍ୟ ସୁରକ୍ଷା, ବିଭିନ୍ନ ପ୍ରକାର ଭୟାନକ ରୋଗ ବୃଦ୍ଧି ଆଦି ବହୁତ ସମସ୍ୟା ଜଟିଳରୁ ଜଟିଳତର ହେବାରେ ଲାଗିଛି।

ଗ୍ଲୋବାଲ କ୍ଲାଇମେଟ୍ ରିସ୍କ ଇଣ୍ଡେକ୍ସ ୨୦୨୧ ସୂଚୀ ଅନୁସାରେ ଭାରତ ପୃଥିବୀରେ ସବୁଠାରୁ ଅଧିକ କ୍ଷତିଗ୍ରସ୍ତ ଦେଶମାନଙ୍କ ଭିତରେ ଦଶମ ସ୍ଥାନରେ ସ୍ଥାନିତ। ଏହି ଜଳବାୟୁ ପରିବର୍ତ୍ତନରେ କୃଷିକ୍ଷେତ୍ର ସବୁଠାରୁ ପ୍ରଭାବିତ। କୃଷିକ୍ଷେତ୍ରରେ ହେଉଥିବା ଉଲ୍ଲେଖନୀୟ ପରିବର୍ତ୍ତନର ଦିଗ ଗୁଡ଼ିକ ହେଲା :-

କୃଷିର ଉତ୍ପାଦନ ହ୍ରାସ : ଜଳବାୟୁ ପରିବର୍ତ୍ତନ ଉପରେ ଅ' ସରକାରୀ ପେନାଲଟି (ଓଚଉଉ) ଦ୍ୱାରା ଆକଳିତ ସନ୍ଦର୍ଭ ଅନୁସାରେ କୃଷି ଉତ୍ପାଦନ ଲାଭ ଠାରୁ ଅଧିକ କ୍ଷତିଗ୍ରସ୍ତ ହେବ। ଭାରତରେ ୨୦୧୦-୨୦୩୯ ମଧ୍ୟରେ ଜଳବାୟୁ ପରିବର୍ତ୍ତନ କାରଣରୁ ମୋଟା ମୋଟି ୪.୫% - ୯% ପ୍ରତିଶତ ଭିତରେ ଉତ୍ପାଦନ ହ୍ରାସ ପାଇବାର ସମ୍ଭାବନା ଅଛି। ୧% ଜଳବାୟୁ ବଢ଼ିଲେ ଏହା ଗହମ ଉତ୍ପାଦନ ଉପରେ ନକରାତ୍ମକ ପ୍ରଭାବ ପକାଏ ଏବଂ ଉତ୍ପାଦନ ୧୭% କମିବାର ଆସଙ୍କା ଥାଏ। ଯଦି ୨% ତାପମାନ ବୃଦ୍ଧି ଘଟେ, ତେବେ ଧାନ ଉତ୍ପାଦନ ୦.୭୫% ଟନ ପ୍ରତି ହେକ୍ଟେର କମ୍ ହେବାର ସମ୍ଭାବନା ଅଛି।

କୃଷି ଉତ୍ପାଦନ ଯୋଗ୍ୟ ପରିସ୍ଥିତିର ହ୍ରାସ : ଭାରତରେ ଜଳ ସ୍ରୋତର ହ୍ରାସ ଏବଂ କ୍ରମବର୍ଦ୍ଧିଷ୍ଣୁ ଜଳଭଣ୍ଡାରର ହ୍ରାସ ଯେପରି ଭାବରେ ହ୍ରାସ ପାଉଛି ସେ ପରିସ୍ଥିତିରେ ପରମ୍ପରାଗତ ଜଳସେଚିତ ଦିଗରୁ ନଜର ହଟାଇ ନୂତନ ଏବଂ ଆଧୁନିକ କମ ସମୟରେ ଉତ୍ପାଦନକ୍ଷମ ଫସଲ ଉପରେ ଗୁରୁତ୍ୱ ଦେବାକୁ ପଡ଼ିବ। ବର୍ତ୍ତମାନ ଆମେ ଆମର ପୁରୁଣା କୃଷି ପଦ୍ଧତି ଏବଂ ଆମ ଜମିରେ ଅମଳକ୍ଷମ ଜନିତ ବିହନକୁ ହରାଇ ବସିଛୁ। ଆମେ ବର୍ତ୍ତମାନ ନୂତନ ବିହନ ଯାହା କମ୍ ସମୟ ମଧ୍ୟରେ ଅମଳକ୍ଷମ ହେବ ତା'ଉପରେ ନଜର ଦେବାକୁ ପଡ଼ିବ। ଏକ ରିପୋର୍ଟ ଅନୁସାରେ ଜଳବାୟୁ ପରିବର୍ତ୍ତନ ଦ୍ୱାରା, ପ୍ରଦ୍ୟୁଷଣ, କୃଷି ଜମିର କ୍ରମବର୍ଦ୍ଧିଷ୍ଣୁ କ୍ଷୟ ଏବଂ ଜମିର ଉର୍ବରତା ହ୍ରାସ, ଜମି ଶୁଖିଲା ହେବାର ଦୃତ ଅଭିବୃଦ୍ଧି, ପୃଥିବୀରେ ତିନ ଚୌଥାଇ ଭୂମି କ୍ଷେତ୍ରର ଗୁଣବତ୍ତା କମ୍ ହୋଇଯାଇଅଛି। ଦୃତ ଶିଳ୍ପାୟନ, ପୃଥିବୀରେ ତାପମାନ ବୃଦ୍ଧି ୦.୭ଡ଼ିଗ୍ରୀ ସେଲସିୟସ ବୃଦ୍ଧି ଘଟିଛି। ଏହାଫଳରେ କେତେକ ଫସଲ ଯାହା କମ୍ ତାପମାନରେ ଅଧିକ ଅମଳ ହୁଏ, ତାହା ଉପରେ ନକରାତ୍ମକ ପ୍ରଭାବ ପକାଇବ। ସେହି ଫସଲ ଗୁଡ଼ିକ ହେଲା ଗହମ, ସୋରିଷ ଏବଂ ଆଳୁ ଆଦି ଫସଲ। ଏହା ମଧ ମକା, ଯବର ଏବଂ ଧାନ ଆଦି ଫସଲମାନଙ୍କର ସଂରକ୍ଷଣ ଶକ୍ତିକୁ କମାଇବା ସହିତ ଦାନା ପତଳା ଏବଂ ଅଗାଡ଼ି କରେଇବାରେ ଲାଗିଛି।

ବର୍ଷାର ପରିବର୍ତ୍ତନ : ଭାରତରେ କୃଷକ ସାଧାରଣ କୃଷି ଉତ୍ପାଦନରେ ବର୍ଷା ଉପରେ ନିର୍ଭରଶୀଳ। ବର୍ଷାର ପରିବର୍ତ୍ତନ ଯୋଗୁଁ ଏବଂ ଅଦିନିଆ ବର୍ଷାରେ ଫସଲ ହାନି ଏବଂ ଅଧିକ ବର୍ଷରେ ବନ୍ୟା ଏବଂ କମ୍ ବର୍ଷ ଯୋଗୁଁ ଜମି ଶୁଖିଲା ପଡ଼ିବା ବା ମରୁଡ଼ି ଆଦି ପରିସ୍ଥିତି ପରିଲକ୍ଷିତ ହେଉଛି। ତେଣୁ କଥାରେ ଅଛି 'ଜଳ ବିହୁନେ ସୃଷ୍ଟି ନାଶ ଜଳ ଗହଳେ ସୃଷ୍ଟି ନାଶ' ର ପରିସ୍ଥିତିର ସ୍ୱାଭାବିକ ଚିତ୍ର ପ୍ରାୟତଃ କ୍ରମାଗତ ଭାବରେ ପରିଲକ୍ଷିତ। ଏତଦ୍‌ବ୍ୟତିତ କମ୍ ବର୍ଷା ଯୋଗୁ ମଧ ଜମିରେ ଲବଣତା ହ୍ରାସ ପାଇବାରେ ଲାଗିଛି। ମଧ ଭାରତରେ ୨୦୫୦ବର୍ଷ ପର୍ଯ୍ୟ' ଶୀତ ଏବଂ ବର୍ଷାରେ ୧୦ ରୁ ୨୦ ପ୍ରତିଶତ ପର୍ଯ୍ୟନ୍ତ କମ୍ ହେବ।

କାର୍ବନ ଡାଇଅକ୍ସାଇଡର ବୃଦ୍ଧି : ବିଭିନ୍ନ ଗାଡ଼ିରୁ ଏବଂ ଶିଳ୍ପାୟନରୁ ନିର୍ଗତ କାର୍ବନ ଡାଇଅକ୍ସାଇଡ୍ ବିଶ୍ୱ ତାପମାନରେ ୬୦% ପ୍ରତିଶତ ଭାଗିଦାରୀ। ଏହାର କ୍ରମାଗତ ବୃଦ୍ଧି ଯୋଗୁଁ ତାପମାନ ମଧ ବୃଦ୍ଧି ଘଟୁଛି, ଯାହାଫଳରେ ଆମର ଗଛ, ଲତା, ଫସଲ ଉପରେ ଏହାର କୁ ପ୍ରଭାବ ଏବଂ ବିପରୀତ ପ୍ରଭାବ ପଡୁଛି। ଗତ ୩୦-୫୦ ବର୍ଷ ମଧ୍ୟରେ କାର୍ବନ ଡାଇଅକ୍ସାଇଡର ମାତ୍ରା ମୋଟା ମୋଟି ୪୫୦ ପି.ପି.ଏମ୍ (ପଏଣ୍ଟର ମିଲିୟନ) ପର୍ଯ୍ୟନ୍ତ ପହଞ୍ଚି ସାରିଛି। ଏହାର ବୃଦ୍ଧି ଯୋଗୁଁ, ଏହା କେତେକ ଫସଲ ତଥା ଗହମ ଏବଂ ଧାନ ଫସଲ ଉପରେ ବହୁତ ନକାରାତ୍ମକ ପ୍ରଭାବ ଏବଂ କମ୍ ଉତ୍ପାଦକ ପରିସ୍ଥିତି ସୃଷ୍ଟି କରିଛି। କାର୍ବନ ଡାଇକସାଇଡ୍ ବୃଦ୍ଧି-ତାପମାନ ବୃଦ୍ଧି। କୀଟ ଏବଂ ରୋଗର ବୃଦ୍ଧି : ଖାଦ୍ୟ ଏବଂ କୃଷି ସଂଗଠନ (ଋଇଙ୍ଗ) ର ଆକଳନ ଅନୁସାରେ, ୨୦୫୦ ପର୍ଯ୍ୟନ୍ତ ବିଶ୍ୱର ଜନସଂଖ୍ୟା ପାଖାପାଖି ୯ ଆରବ ବଢ଼ିପାରେ। ଜଳବାୟୁ ପରିବର୍ତ୍ତନ ଯୋଗୁଁ, କୃଷି କ୍ଷେତ୍ରରେ ରୋଗ ଏବଂ ପୋକମାନଙ୍କର ଅଭିବୃଦ୍ଧି ଘଟିଛି। ଗରମ ଜଳବାୟୁ ଯୋଗୁଁ, କୀଟ ପତଙ୍ଗ ମାନଙ୍କର ପ୍ରଜନନ କ୍ଷମତା ବୃଦ୍ଧି ଘଟେ ଏବଂ ଏହାଙ୍କ ସଂଖ୍ୟା କ୍ରମଶଃ ବୃଦ୍ଧି ଘଟେ, ଯାହାଫଳରେ ଏମାନେ କୃଷିକ୍ଷେତ୍ରକୁ ପ୍ରଭାବିତ କରନ୍ତି ଯଥା କୀଟନାଶକ ରସାୟନ ପ୍ରୟୋଗରେ କୃଷିଯାତ ଦ୍ରବ୍ୟ କମ୍ ଉତ୍ପାଦନ ହୁଏ। ଏହାଫଳରେ ଶୁଖିଲା ମୃର୍ତ୍ତିକାରେ, କେତେକ ଫସଲ ଯଥା ଦ୍ରବ୍ୟର ଅଧିକ ପରିମାଣରେ ହୁଏ କିନ୍ତୁ ଗାୟମୋଟ ଲାଭ ହିସାବରେ କ୍ଷତି ଅଧିକ ହୁଏ। ତେଣୁ ନିସନ୍ଦେହରେ ଆଜିର କୃଷି ପରିବର୍ତ୍ତିତ ଓ ପରିବର୍ଦ୍ଧିତ ଜଳବାୟୁର ପରବର୍ତ୍ତନର ପଞ୍ଝାରେ ଆବଦ୍ଧ ଓ ଶ୍ୱାସରୁଦ୍ଧ। ତେଣୁ ଯଦି ଆମେ ଏହି ଦିଗଗୁଡ଼ିକ ଉପରେ ଦୃଷ୍ଟି ନିକ୍ଷେପ ନକରିବା, ତେବେ ପୃଥିବୀରେ ଘୋର ସଂକଟକାଳ ଅବଶ୍ୟମ୍ଭାବୀ।

ପୂର୍ବତନ ବରିଷ୍ଠ ଅଧିକାରୀ (ବି.ଏସ୍.ଏନ୍.ଏଲ)
ଓ ଆଇନଜିବୀ

# ଅପମାନ

॥ ଅଜୟ କୁମାର ବେହେରା ॥

ସମ୍ମାନ-ଅପମାନ ଦୁଇଟି ଏକ ରେଖାର ଦୁଇପଟ। ଅପମାନ ଅସମ୍ମାନ କରାଏ, ଲୋକ ନିଜର ଅହମିକା ପ୍ରାବଲ୍ୟ ବେଳେ ଖରାଦିନ ଶୀତ ପରି ବୋଧ କରିଥାଏ କିନ୍ତୁ ସମୟ ଦର୍ପ ଚୂର୍ଣ୍ଣ କଲାବେଳେ କେବଳ ଘରକଣରେ କାନ୍ଦିବା ସାର ହୁଏ। ଅଯାଗା ଘା ପରି ଲୋକର ଅନୁଭବ ରହେ। ପ୍ରକୃତରେ ଅପମାନ ଅଯଗା ଘା।

ସୁଖେ ଦୁଃଖେ ସଦା ସ୍ଥିର ଧର୍ମରାଜ ଯୁଧିଷ୍ଠିର ଜୀବନରେ ରାଜବାଟୀ ଜନ୍ମ ହୋଇ ବି ଜଙ୍ଗଲରେ ଘୁରିବା ଦୀର୍ଘ ବର୍ଷର ଏକ କାମ ଥିଲା। ଏକ ବର୍ଷ ଅଜ୍ଞାତବାସ ଏହା ବି ନାମ ଗୋପନରେ ଅନ୍ୟ ରାଜବାଟୀରେ ସ୍ତ୍ରୀର ଚାକରାଣୀ ଦାସୀ ବୃତ୍ତିକୁ ସହ୍ୟ କରି ରହିଛନ୍ତି। ରାଜ କନ୍ୟାକୁ ବିବାହ ହୋଇ କୁମ୍ଭାର ଘରେ ଶାଳାରେ ମାଆ ସ୍ତ୍ରୀଙ୍କ ସହିତ ରାତ୍ରୀ ଯାପନ କରିଛନ୍ତି। ରାଜାନନ୍ଦ ଋତୁପର୍ଣ୍ଣ ରାଜାଙ୍କର ଘୋଡ଼ାଶାଳରେ ନଣ୍ଡି ପୋଛିଛନ୍ତି। ରାଜା ଶ୍ରୀବସ୍ତ ସର୍ବହରା ହୋଇ ଶେଷରେ କାଠୁରିଆ ହୋଇଛନ୍ତି, ଖାଇବାକୁ ପାଇନାହାଁନ୍ତି, ପୋଡ଼ା, ଚେଙ୍ଗ ଗଡ଼ିଆ ମାଛ ତାଙ୍କ ସ୍ତ୍ରୀଙ୍କ ହାତରୁ ପାଣିରେ ପହଁରି ପଳାଇଛି। ହରିଶ୍ଚନ୍ଦ୍ର ରାଜା ରାଜ୍ୟହରା ହୋଇ କାଳୁଆଡ଼ମ୍ବର ନୌକର ହୋଇ ଶ୍ମଶାନ ଜଗୁଆଳ ଚାକର ସାଜିଛନ୍ତି। ଅନେକ ଅପମାନ ବଡ଼ ବଡ଼ ରାଜାଙ୍କ ଜୀବନରେ ଭୋଗ ହେବା ଶାସ୍ତ୍ର ଦର୍ଶାଉଛି। ଏଇ ଶ୍ରୀକ୍ଷେତ୍ରର କାହାଣୀରେ ଅଛି ପୁରୁଷୋତ୍ତମ ଦେବ କାଞ୍ଚିରେ ଅପମାନିତ ହୋଇଛନ୍ତି। ହେଲେ ସେ ଭକ୍ତିର ଆଶ୍ରୟରେ ପ୍ରଭୁ ଭରସାରେ ପୁନଃ ଜିତିଛନ୍ତି। କାଞ୍ଚି କନ୍ୟାକୁ ପ୍ରଭୁଙ୍କ ରଥଯାତ୍ରାରେ ଛେରା ପହଁରା ବେଳେ ପତ୍ନୀ ରୂପେ ଲାଭ କରିଛନ୍ତି। ପ୍ରଭୁ ମାନ ଉଦ୍ଧାରଣ କରନ୍ତି। ଦ୍ରୌପଦୀଙ୍କ ମାନ ରକ୍ଷା କୁରୁ ସଭାରେ କରିବା ଶାସ୍ତ୍ର କହୁଛି। କେହି ଗର୍ବ ଅହଙ୍କାର କଲେ ସେ ଅହଙ୍କାରକୁ ପ୍ରଭୁ ଟାଳି ଦିଅନ୍ତି ତେବେ ସେ ଇଛାମୟ ପୁଣି ଇଛା କଲେ ପୁନଃ ପଦବୀରେ ସ୍ଥାପନ କରିପାରନ୍ତି। ଏପରି ଠାକୁରଙ୍କ ଦରବାରରେ ନିଜର ଭୁଲର ପ୍ରାୟଶ୍ଚିତ କରିବା ନିହାତି ଆବଶ୍ୟକ।

ଅନେକ ଦର୍ପ ଅହଙ୍କାର ଠାକୁରଙ୍କ ଅସହ୍ୟ ଜାଣି ବି ଲୋକେ ମାନବଙ୍କୁ ହେୟ ମନେ କରିବା ଭୁଲ। ଅନେକ ମାନବ ଶକ୍ତି ହିଁ ମାଧବଙ୍କ ଶକ୍ତି। ଯାହା ଏ ରାଜ୍ୟରେ ବହୁମାନବଙ୍କ ଦ୍ୱାରା ନିତ୍ୟ ଆରାଧନାରେ ଅଛନ୍ତି। ନାରୀଙ୍କର ଗର୍ବ ସମ୍ମାନ ତାଙ୍କର ସ୍ୱାମୀଙ୍କର ସାନ୍ନିଧ ପାଇଁ ହୋଇଥାଏ। ସ୍ୱାମୀହରା ସ୍ତ୍ରୀଲୋକ ବିଧବା, ଦରିଦ୍ର, ଅସହାୟ। ନାରୀର ଯୁଦ୍ଧରେ ବୀରଗତିରେ ସ୍ତ୍ରୀ ଗୌରବାନ୍ୱିତ ସମ୍ମାନିତ ମାତ୍ର କାଳେ ତାଙ୍କ ପ୍ରତି ଅନ୍ୟର ବଳ ତାକୁ ସତୀତ୍ୱରୁ ଟାଳି ଦେବ ଏ ପାଇଁ ସେମାନେ ସ୍ୱାମୀର ସହମରଣ ବା ସ୍ୱାମୀଙ୍କର ନିଧନ ଶୁଣୁ ଶୁଣୁ ଆପେ ଆପେ ଟଳି ପଡ଼ନ୍ତି ବି ଅଗ୍ନୀରେ ଝାସ ଦିଅନ୍ତି ବା ଜହରବ୍ରତ କରିଥାନ୍ତି। ଏଥିରୁ ମାନ ସମ୍ମାନ ପ୍ରକୃତରେ ବିଚାର ଦିଗ ଗୁଡ଼ିକ କଳ୍ପନାକୁ ଆସିଥାଏ। ଅୟସ କରଜ କରି ଘର କିଣିବା, କରଜ କରି ଗାଡ଼ି କିଣିବା, କରଜ କରି ଶେଷରେ ନଶୁଝିଲେ ଆସେ ଗୁରୁତର ଅପମାନର ବିଭିନ୍ନ ସ୍ରୋତ। ଦିନିକିଆ ସୌକରୁ କଣ ମିଳେ ଘେରାଉରେ ପଡ଼ିବା ବେଳେ ଚିନ୍ତନରେ ଆସେ। ମିଥ୍ୟାରେ କପଟରେ ଛଳନାରେ ଏକ ପଦବୀରେ ପ୍ରବେଶ କରିବା ପରେ ଧର ପକଡ଼ରେ ସାର୍ଟିଫିକେଟ ଯାଞ୍ଚରେ ଧରାପଡ଼ିଲେ ଅବସ୍ଥା ଘାୟଲ ସିଂହ ଚମଡ଼ାରେ ଗଡ଼ ଚଳିଲେ, ଶୃଗାଳ ନୀଳରଙ୍ଗରେ ରଙ୍ଗାଇ ହୋଇଗଲେ ଯେ ଗଧ ଗଧ ନୁହେଁ ବା ଶୃଗାଳ ଶୃଗାଳ ନୁହେଁ ଏକଥା ନିଶ୍ଚ ଧରାପଡ଼େ। ଶେଷରେ ଅପମାନ ଦଣ୍ଡ ପ୍ରାଣ ହାନୀ ହିଁ ହୋଇପାରେ। କୃଷ୍ଣସର୍ପ ଫଣାରେ କେତେ ଦିନ ନିଜ ଜାତିଭାଇଙ୍କୁ ମରାଇ ବସିବ, ବନ୍ଧୁ ଭାବିଥିବା କୃଷ୍ଣସର୍ପ ହିଁ ଦିନେ ଅଭାବରୁ ଶେଷ କରିବ ଏକଥା କ'ଣ ସଂସ୍କୃତ ଗଳ୍ପପାଠରୁ ଭୁଲି ଯାଇଛକି ? ବେଙ୍କୁକ ନମ୍ବର ଏକ ଯେ ପର ପାଇଁ ହୁଏ ଟେକ, ଏପରି କେବେ ଭୁଲ କେହି ନକରନ୍ତୁ। ଆମର ବଡ଼ଭାଇ ଅଛନ୍ତି ବଳୁଆ ତାଙ୍କର ବାହୁ ଆଶ୍ରାରେ ଆମେ ସଦା ପାରି ହୋଇପାରିବା ଏ ଆଶା କେହି କରନ୍ତୁନାହିଁ। ଉଦଯୋଗ କରନ୍ତୁ ବୁଦ୍ଧି ପ୍ରୟୋଗ କରି ପ୍ରତିଷ୍ଠିତ ହେବାକୁ ଚେଷ୍ଟା କରନ୍ତୁ। ଶୁଖିଲା ରୁଟି ମୁଢ଼ି ଗଣ୍ଡେ ଖାଇ ବଞ୍ଚନ୍ତୁ କେବେ ପର ପାଇଁ ପଲାଉ ଖେଚେଡ଼ି ପାଇ ବଞ୍ଚିବା ଅଢ଼େଇ ଦିନିଆଁ କରନ୍ତୁ ନାହିଁ। ଲାଞ୍ଚ ମିଛ ଦୁର୍ନୀତିରେ କେବେ ବଞ୍ଚିବାକୁ ଚେଷ୍ଟା କରନ୍ତୁ ନାହିଁ।

ରତ୍ନାକର ଡାକୁ ଦିନେ ଏଇ ମାର୍ଗରେ ଥିଲେ। ବ୍ରହ୍ମା ନାରଦ ତାଙ୍କୁ ଅନେକ ଚେଷ୍ଟାରେ ବାଲ୍ମିକୀ କରିବା ସାଧନାକୁ ଆଣିଥିଲେ। ବ୍ରହ୍ମା ନାରଦ ଏ ଯୁଗରେ କିଏ ? ବ୍ରହ୍ମା ହେଉଛନ୍ତି ସୃଷ୍ଟିର ସ୍ଥିର ନିୟମ ମାନ ଆଉ ନାରଦ ହେଉଛନ୍ତି ଚେତେଇ ଦେଉଥିବା ଖବରମାନ। ଯହିଁରେ ଦୋଷ ରହୁଛି ତ୍ରୁଟି ରହୁଛି। ରତ୍ନାକର କିଏ ରତ୍ନ ତ ମୂଲ୍ୟବାନ ସମ୍ପତ୍ତି, ଏଇ ପ୍ରକ୍ରିୟାରେ ଅନ୍ୟାୟ ପଥ ଆପଣେଇବା ବ୍ୟକ୍ତି ବିଶେଷ। ମାନ-ଅପମାନରେ କେବଳ ମାନ ସଦା ମିଳିବା ସମ୍ଭବ ନୁହେଁ ହେଲେ ମାନ ପାଇଁ ଅହରହ ଚେଷ୍ଟା ପରିଶ୍ରମରେ ଅର୍ଜନ ରହିପାରେ ମାତ୍ର ସବୁଥାଇ କୁଚେଷ୍ଟା କ୍ଷଣକରେ ବାରବର୍ଷ ତପ ଶୁଖୁଆ ଝୋଳରେ ଲୁଟ ହୋଇଯାଏ।

ବରେଣ୍ୟ ବାଣୀ' ପିସି ସରକାର ଲେନ୍, ଅରୁଣୋଦୟ ମାର୍କେଟ, କଟକ, ଦୂରଭାଷ : ୯୪୩୭୦୩୧୨୫୩

## ଅଜଣା ଗାଡି ଧକାରେ ଦୁଇ ଗୁରୁତର

ଆସିକା, (ମହାଭାରତ): ଏକ୍ସିଡେଣ୍ଟ ଜୋନ ପାଲଟିଛି ଗଞ୍ଜାମ ଜିଲ୍ଲା ଆସିକା ଥାନା କେ. ନୂଆପଲ୍ଲୀ ଛକ ଦେଇ ଯାଇଥିବା ଜାତୀୟ ରାଜପଥ । ଏହି ସ୍ଥାନରେ ପ୍ରାୟତଃ ଦୁର୍ଘଟଣାର ଖବର ସମ୍ନାକୁ ଆସୁଥିବା ବେଳେ ଦୁଇ ଦିନରେ ଦୁଇଟି ଦୁର୍ଘଟଣା ଏଠାରେ ଘଟିଥିବା ଦେଖିବାକୁ ମିଳିଛି। ଗତ ରାତିରେ ଏଠି ଗୋଟିଏ ସଡ଼କ ଦୁର୍ଘଟଣା ଘଟଥିବା ବେଳେ ଆଜି ପୁଣି ସେହି ସ୍ଥାନ ନିକଟରେ ଅଜଣା ଗାଡି ଧକ୍କା ରେ ଜଣେ ବ୍ୟକ୍ତି ଗୁରୁତର ହୋଇଥିବା ବେଳେ ଅନ୍ୟଜଣେ ଆହାତ ହୋଇଛନ୍ତି । ଗୁରୁତର ବ୍ୟକ୍ତି କର୍ପୁର ନୂଆଗାଁ ଗ୍ରାମର ଗୋପୀନାଥ ସ୍ୱାଇଁ ହୋଇଥିବା ବେକଳେ ଆହାତ ଫୁଲସରପଲ୍ଲୀ ର ପିଣ୍ଟୁ ଜେନା ହୋଇଥିବା ଜଣାପଡିଛି । ସୂଚନା ଅନୁସାରେ ଗୋପୀନାଥ ଏବଂ ପିଣ୍ଟୁ ନିଜ ନିଜ ଗ୍ରାମ ଅଭିମୁଖେ ଯିବା ସମୟରେ କେ. ନୂଆପଲ୍ଲୀ ଛକ ନିକଟରେ ଅଜଣା ଗାଡି ତାଙ୍କୁ ଧକ୍କା ଦେଇ ଫେରାର ହୋଇଯାଇଥିଲା । ଦୁର୍ଘଟଣା ପରେ ଉଭୟ ରାସ୍ତା ଉପରେ ପଡି ରହିଥିବା ବେଳେ ସ୍ଥାନୀୟ ଲୋକେ ଅଗ୍ନିଶମ ବାହିନୀ କୁ ଖବର ଦେଇଥିଲେ। ଅଗ୍ନିଶମ ବାହିନୀ ଘଟଣା ସ୍ଥଳରେ ପହଞ୍ଚି ଉଭୟ ଙ୍କୁ ଉଧାରକରୀ ଚିକିତ୍ସା ନିମନ୍ତେ ରାତି ୯ ଟା ସମୟରେ ଆସିକା ଉପଖଣ୍ଡ ଚିକିତ୍ସାଳୟ ରେ ଭର୍ତି କରିଥିଲା । ଏଠାରେ ପ୍ରାଥମିକ ଚିକିତ୍ସା ପରେ ସ୍ୱାସ୍ଥ୍ୟବସ୍ଥା ରେ ସୁଧାର ନଆସିବାରୁ ଗୋପୀନାଥ ଙ୍କୁ ଆମ୍ବୁଲାନ୍ସ ଯୋଗେ ବ୍ରହ୍ମପୁର ସ୍ଥିତ ଏମକେସିଜି ମିଡ଼ିକାଲ କୁ ସ୍ଥାନାନ୍ତରିତ କରାଯାଇଥିବା ବେଳେ ଆହାତ ଙ୍କ ଚିକିତ୍ସା ଆସିକା ମେଡିକାଲ ରେ ଜାରିରହିଥିବା ଦେଖିବାକୁ ମିଳିଛି ।। ତେବେ ଜାତୀୟ ରାଜପଥ ର ଗୋଟିଏ ସ୍ଥାନରେ ଏହି ଭଳି ବାରମ୍ବାର ଦୁର୍ଘଟଣା ଘଟୁଥିବା ବେଳେ ସରକାରଙ୍କ ପକ୍ଷରୁ ଲୋକଙ୍କୁ ସଚେତନତା ଲାଗି ପଦକ୍ଷେପ ନିଆଯାଇ ଦୁର୍ଘଟଣା ଉପରେ ରୋକ ଲଗାଇବା ଲାଗି ସାଧାରଣରେ ଦାବି ହେଉଛି ।

## ହାଇୱା ଧକ୍କାରେ ବାଇକ ଚାଳକର ମୃତ୍ୟୁ

ରାଇରଙ୍ଗପୁର, (ମହାଭାରତ): ମୟୂରଭଞ୍ଜ ଜିଲ୍ଲା ବହଲଦା ଥାନା ଅନ୍ତର୍ଗତ ବାସିଙ୍ଗି ଦେଇ ଯାଇଥିବା ୨୨୦ ନଂ ଜାତୀୟ ରାଜପଥରେ ଘଟିଯାଇଛି ମର୍ମନ୍ତୁଦ ସଡ଼କ ଦୁର୍ଘଟଣା। ୧୨ ଚକିଆ ହାଇବା ଏକ ହେବି ଡିଉଟି ଗାଡି ଉପରକୁ ମାଡ଼ି ଯିବା ଫଳରେ ଘଟଣା ସ୍ଥଳରେ ଚାଳକ ମୃତ । ହେବି ଡିଉଟି ଗାଡିକୁ ୩କିଲୋମିଟର ଘୋଷାରି ନେଲା ହାଇବା । ସୂଚନା ଅନୁସାରେ, ବହଲଦା ଥାନା ଅନ୍ତର୍ଗତ ବାସିଙ୍ଗି ର ୫୦ ବର୍ଷିୟ ଅନାଦି ଚରଣ ସାହୁ କୌଣସି କାମରେ ବାସିଙ୍ଗି ଟୁସୁ ପଡ଼ିଆ କଲନି ସାହି ଝିଅ ଘର କୁ ଯାଉଥିବା ସମୟରେ ଝିଅ ଘର ନିକଟରେ ଔଐ ୦୫ଞ୍ଜଉ ୧୯୪୫ ନଂ ଏକ ହାଇୱା, ହେବି ଡିଉଟି ବାଇକ୍ ରେ ଯାଉଥିବା ଅନାଦି ଚରଣ ସାହୁଙ୍କୁ ଧୋକା ଦେଇଥିଲା ତେବେ ବାଇକ ଚାଳକ ଙ୍କ ଘଟଣା ସ୍ଥଳରେ ମୃତ୍ୟୁ ବରଣ କରିଥିବା ବେଳେ ହେବି ଡିଉଟି ବାଇକ କୁ ହାଇୱା ଗାଡ଼ି ଟି ୩ କିଲୋମିଟର୍ କମ୍ପାରିଆ ପର୍ଯ୍ୟନ୍ତ ଘୋଷାରି ନେଇଥିଲା ଏବଂ ଘଟଣାସ୍ଥଳରୁ ଡ୍ରାଇଭର ଫେରାର ଥିବା ସୂଚନା। ତେବେ ଏହି ମର୍ମନ୍ତୁଦ ଘଟଣାକୁ ନେଇ କ୍ଷତିପୂରଣ ଦାବିରେ ମୃତକଙ୍କ ପରିବାର ଲୋକେ ୨୨୦ ନଂ ଜାତୀୟ ରାଜପଥ ଅବରୋଧ କରିଛନ୍ତି। ଘଟଣାସ୍ଥଳରେ ତୀବ୍ର ଉତ୍ତେଜନା ପ୍ରକାଶ ପାଇଛି। ଖବର ପାଇ ବହଲଦା, ତିରିଂ ଓ ରାଇରଙ୍ଗପୁର ଥାନା ପୋଲିସ ଏବଂ ମୟୁରଭଞ୍ଜ ସାଂସଦ ନବ ଚରଣ ମାଝୀ ଓ ରାଇରଙ୍ଗପୁର ବିଧାୟକ ଜଲେନ ନାଏକ ଘଟଣାସ୍ଥଳରେ ପହଞ୍ଚି ବୁଝାସୁଝା କରିବାରେ ଲାଗିଛି ।ସାଂସଦ ଏବଂ ବିଧାୟକ ପାଣ୍ଠି ରୁ ତିରିଶ ହଜାର ଏବଂ ରେଡ଼କ୍ରସ ତରଫରୁ କୋଡିଏ ହଜାର ଟଙ୍କା ଦିଆଯାଇଥିଲା ମୃତକ ପରିବାର ଙ୍କୁ. ତେବେ ଜାତୀୟ ରାଜପଥ ଘଣ୍ଟା ଘଣ୍ଟା ଧରି ଅବରୋଧ ଥିବାରୁ ଦୁଇ ପଟେ ଯାନବାହାନର ଲମ୍ବା ଲାଇନ ଲାଗିଛି। ସାଧାରଣ ଲୋକେ ନାହିଁ ନ ଥିବା ଅସୁବିଧା ର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳିଛି। ଏଭଳି ଦୁର୍ଘଟଣା ବାରମ୍ବାର ଘଟୁଥିବା ବେଳେ ପ୍ରଶାସନ ଏହାର ପ୍ରତିକାର କରିବା ନିତାନ୍ତ ଜରୁରୀ ବୋଲି ସାଧାରଣରେ ଦାବି ହେଉଛି ।

## ଭାରସ୍ୟମ ହରାଇ ଓଲଟିଲା ଟ୍ରକ

ଦଶପଲ୍ଲା, (ମହାଭାରତ ): ୫୭ନମ୍ବର ରାଜ୍ୟ ରାଜପଥ ର ଦଶପଲ୍ଲା ସନ୍ନିକଟ ଏସ ଆର ହୋଟେଲ ନିକଟରେ ଭୋର ସମୟରେ ଭାରସ୍ୟମ ହରାଇ ଏକ କୁକୁଡ଼ା ଖାଦ୍ୟ ବୋଝେଇ ଟ୍ରକ ରାସ୍ତା ଉପରେ ଓଲଟି ଯାଇଥିଲା। ଟ୍ରକ ନମ୍ବର ସିଜି ୦୪ ଏନୟୁ ୭୮୯୨ ନାଗପୁର ରୁ କୁକୁଡ଼ା ଖାଦ୍ୟ ବୋଝେଇ କରି ଖୋର୍ଦ୍ଧା ଅଭିମୁଖେ ଯାତ୍ରା କରୁଥିବା ସମୟରେ ଅନ୍ୟମନସ୍କ ହେବାରୁ ଏଭଳି ଘଟଣା ଘଟିଥିବା ଜଣାପଡିଛି। ଟ୍ରକ ର ସମ୍ମୁଖ ଭାଗ ଭାଙ୍ଗିରୁଜି ଯାଇଥିବା ବେଳେ କାହାର କିଛି କ୍ଷତି ହୋଇନାହିଁ।

## ବିଜେପି ଦଳ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ

ରାୟଗଡ଼ା, (ମହାଭାରତ):-ରାୟଗଡ଼ା ଜିଲ୍ଲା କଲ୍ୟାଣସିଂହପୁର ବ୍ଲକ୍ ବୁଡ଼ାଗୁଡ଼ା ପଞ୍ଚାୟତର କୁମ୍ଭାରଗୁଡ଼ା ଗ୍ରାମ ଛକ ଠାରେ ବିଜେପି ଦଳ କର୍ମୀ ସମ୍ମିଳନୀ ଓ ମିଶ୍ରଣ ପର୍ବ ଅନୁଷ୍ଠିତ ହୋଇଯାଇଛି । ଏଥିରେ ମୁଖ୍ୟ ଅତିଥି ଭାବେ ରାଷ୍ଟ୍ରୀୟ ଜନଜାତି ମୋର୍ଚ୍ଚା ସମ୍ପାଦକ ତଥା କୋରାପୁଟ ଲୋକସଭା ବିଜେପି ସାଂସଦ ପ୍ରାର୍ଥୀ କାଳିରାମ ମାଝୀ ଉପସ୍ଥିତ ରହିଥିବା ବେଳେ ସମ୍ମାନିତ ଅତିଥି ଭାବେ କଲ୍ୟାଣସିଂହପୁର ମଣ୍ଡଳ ସଭାପତି ଅଜିତ୍ ପାଣିଗ୍ରାହୀ, ମଣ୍ଡଳ ସଙ୍ଗଠନ ପ୍ରଭାରୀ ହଳଧର ହିମିରିକା, ସ୍ୱଚ୍ଛ ଭାରତ ଅଭିଯାନ ଜିଲ୍ଲା ସଂଯୋଜକ କୃଷ୍ଣ ସାମଲ, ପୂର୍ବତନ ଜନଜାତି ମୋର୍ଚ୍ଚା କୋଲନରା ମଣ୍ଡଳ ସଭାପତି ସହଦେବ ଜାନି, ଶିକରପାଇ ମଣ୍ଡଳ ସୁନାଖଣ୍ଡି ପଞ୍ଚାୟତ ର ଟାଣୁଆ ନେତା ତଥା ରାଷ୍ଟ୍ରୀୟ ସ୍ୱୟଂ ସହାୟକ ସଙ୍ଘ କର୍ମକର୍ତା ବିନାୟକ କୁଲିସିକା, ବରିଷ୍ଠ କାର୍ଯ୍ୟକର୍ତ୍ତା ଦାଶରିଆ ପ୍ରାସ୍କା, ପଞ୍ଚାୟତ ପ୍ରମୁଖ ଦାନୁ କାଡ୍ରାକା, କୁମ୍ଭାରଗୁଡ଼ା ଗ୍ରାମ ସାମ୍ନୁତା କାକାୟା ହିକକା ପ୍ରମୁଖ ମଞ୍ଚାସିନ ରହିଥିଲେ। ପ୍ରଥମେ ଅତିଥି ସ୍ୱାଗତ ସମ୍ବର୍ଦ୍ଧନା ସମାରୋହ ହେବା ପରେ ପ୍ରଦୀପ ପ୍ରଜ୍ୱଳନ କାର୍ଯ୍ୟକ୍ରମ ହୋଇଥିଲା, ଏହା ପରେ ଉପସ୍ଥିତ ଅତିଥି ମାନେ ଦଳ ସମ୍ପର୍କିତ ନିଜ ନିଜର ଅଭିଭାଷଣ ରଖିଥିଲେ । ଏହା ପରେ ବୁଡ଼ାଗୁଡ଼ା ଗ୍ରାମ ପଞ୍ଚାୟତର କଣ୍ଟାକୋରା, ବଳଦିଆ, ଗୁରୁତୁଲୀ, କଦଳୀଚୁଆଁ, ଚାମରଯୋଡ଼ି, ଡେପାଗୁଡ଼ା, ପଣସଗୁଡ଼ା, ବୁଡ଼ାଗୁଡ଼ା, ଅଲଣ୍ଡା, କିରାଖାଲ ଗ୍ରାମରୁ ବିଜେଡ଼ି କଂଗ୍ରେସ ବିଏସପି ଦଳ ଛାଡ଼ି ଶତାଧିକ କାର୍ଯ୍ୟକର୍ତ୍ତା ବିଜେପି ଦଳର ଉତ୍ତରୀୟ ଏବଂ ଟୋପି ପିନ୍ଧି ଦଳରେ ସାମିଲ୍ ହୋଇଥିଲେ। ଉକ୍ତ କାର୍ଯ୍ୟକ୍ରମରେ ବୁଡ଼ାଗୁଡ଼ା ପଞ୍ଚାୟତର ବିଶ୍ୱନାଥ ହିକକା, ଗଙ୍ଗାରାଓ ପ୍ରାସ୍କା, ପ୍ରସାଦ ପେରିସିକା, ଚକ୍ରଧର ପ୍ରାସ୍କା, ଦିଲୁ କାଡ୍ରାକା, ନାଗେଶରାଓ କୁଲିସିକା, ହରିହର ହିକକା, ସିମାଞ୍ଚଳ ନାଡିମିଣ୍ଟି ,ସିରିପତି ପେରିଶିକା , ସୋମେଶ୍ୱର କୌଶଲ୍ୟା ବିଶେଷ ସହଯୋଗ କରିଥିବା ବେଳେ ସନ୍ତୋଷ କୁମାର ବଛା ମଞ୍ଚ ପରିଚାଳନା କରିଥିଲେ।

## ଆୟୋଜିତ ହୋଇଛି କୃଷିଭିତ୍ତିକ ପର୍ବ ବାଲିଯାତ୍ରା

କୁନ୍ଦୁରା, (ମହାଭାରତ): କୋରାପୁଟ ଜିଲ୍ଲା କୁନ୍ଦୁରା ବ୍ଲକ ଠାରେ ବହୁ ଆଡମ୍ବରରେ ଆୟୋଜିତ ହୋଇଯାଇଛି ପାରମ୍ପରିକ କୃଷି ଭିତ୍ତିକ ପର୍ବ ବାଲିଯାତ୍ରା କ୍ଷ ସହ ସହ ବର୍ଷ ପୂର୍ବରୁ ଆମ ପୂର୍ବପୁରୁଷ ମାନେ ଗ୍ରୀଷ୍ମ ଋତୁ ଶେଷ ଏବଂ ବର୍ଷା ଋତୁର ଆଗମାନ ସମୟରେ ଚାଷ କାମ କୁ ଆଧାର କରି ଏହି ମୃତ୍ତିକା ପରୀକ୍ଷଣ ତଥା କୃଷି ଭିତ୍ତିକ ପର୍ବ ଭାବେ ବାଲିଯାତ୍ରା ପାଳନ ହୋଇ ଆସୁଛି । ପ୍ରକୃତରେ ଏହି ବାଲିଯାତ୍ରା ର ପ୍ରକୃତ ଅର୍ଥ ହେଲା - ନଦୀରେ ବଢ଼ି ପାଣି ଆସି ଯେଉଁ ପଟୁ ବାଲି ରହିଥାଏ ସେହି ବାଲିରେ ବିଭିର୍ଣ୍ଣ ପ୍ରକାରର ଶସ୍ୟ ବିହନ ଆକାରରେ ପକାଯାଏ କ୍ଷ ସେହି ବିହନ ପକାଯାଇଥିବା ଟାଙ୍ଗୁଡ଼ି କୁ ବାଲି କୁଡ଼ିଆ ରେ ପ୍ରାୟ ୮-୧୫ ଦିନ ରଖା ଯାଏ, ପକାଯାଇଥିବା ବିହନ ଭିତରୁ ଯେଉଁ ବିହନ ଉତ୍କୃଷ୍ଟ ଭାବେ ଚାରା ହୋଇଥିବ ସେହି ବିହନ କୁ ସେହି ବର୍ଷ ର ମୁଖ୍ୟ ଫସଲ ପାଇଁ ମନନୀତ କରାଯାଇ ବାଲିଯାତ୍ରା ରେ ଭିମା ଭୀମକ୍ଷଣିଙ୍କ ବାହାଘର, ଇନ୍ଦ୍ର ପୂଜକ୍ଷ, ସ୍ଥାନୀୟ ହୁଣ୍ଡୀ ପୂଜା ଓ ଗ୍ରାମାଦେବୀଙ୍କ ପୂଜା କରି ଚାଷ କାମ ଆରମ୍ଭ କରାଯାଏ କ୍ଷ ପୂର୍ବରୁ ପ୍ରକୃତି ଉପରେ ଭୋରସା କରି ଇନ୍ଦ୍ର ଇନ୍ଦ୍ରାଣୀ ଭିମା ଭୀମକ୍ଷଣୀ ଙ୍କୁ ପୂଜାର୍ଚ୍ଚନା ମାଧ୍ୟମରେ ସନ୍ତୁଷ୍ଟ କରାଇ ପୁରାତନ ଚାଷ ପ୍ରଣାଳୀ ଚାଲିଥିଲା କ୍ଷ ବର୍ତମାନ ପୁରୁଣା ଚାଷ ପ୍ରଣାଳୀ ବଦଳୀ ଯାଇଛି , କିନ୍ତୁ ଆଜିବି ପୁରୁଣା ସଂସ୍କୃତି କୁ ବଜାୟ ରଖି ବାଲିଯାତ୍ରା ପାଳନ କରାଯାଉଛି । ଦୀର୍ଘ ତିନି ମାସ ଧରି ବାଲି ଘର ଆସ୍ଥାନ ରେ ଚାଲିଥିବା କୃଷିଭିତ୍ତିକ ପର୍ବ ବାଲିଯାତ୍ରା ଏବଂ ବାସି ବାଲିଯାତ୍ରା ରବିବାର ଉଦଯାପିତ ହେବ। ମାଘ ମାସ ପବିତ୍ର ଶ୍ରୀପଞ୍ଚମୀ ଠାରୁ ଆରମ୍ଭ ହୋଇ ଗ୍ରାମ ବାସୀଙ୍କ ଦ୍ୱାରା ଆୟୋଜିତ ଏହି କୃଷି ଭିତ୍ତିକପର୍ବ ସମସ୍ତ ଦେବଦେବୀ ଙ୍କୁ ଗୋଟିଏ ଆସ୍ଥାନରେ ଗୁରୁମାଉଣୀ ଙ୍କ ଦ୍ୱାରା ଅହୋରାତ୍ର ତିନି ମାସ ଧରି ପୂଜାର୍ଚ୍ଚନା କରାଯାଏ।

# ସରକାରୀ ବିଦେଶୀ ମଦ ନିୟମକୁ ଫୁଃ ବିପଦରେ ଚାଷୀ



ଦାନଗଦି, (ମହାଭାରତ): ସରକାର ପରିବେଶ ପ୍ରଦୂଷଣ ନିୟନ୍ତ୍ରଣ ପାଇଁ କାହିଁ କେତେ ନିୟମ ପ୍ରଣୟନ କରିଥିବା ବେଳେ ଖୋଦ ସରକାରୀ ମଦ ଦୋକାନ ସରକାରୀ ନିୟମକୁ ମାନୁ ନାହାନ୍ତି । ଯାହା ଦେଖିବାକୁ ମିଳିଛି ଯାଜପୁର ଜିଲ୍ଲା ଦାନଗଦି ବ୍ଲକ କିଆଝର ଗ୍ରାମପଞ୍ଚାୟତ ଯନିନ୍ଦାପାଳ ମୌଜାର ଚହଲାପଦା ପ୍ରକଳ୍ପ ପ୍ରାଥମିକ ବିଦ୍ୟାଳୟଠାରୁ ଦୁଇସହ ମିଟର ଦୂରରେ ଥିବା ଠିପି ବନ୍ଦ ବିଦେଶୀ ମଦ ଦୋକାନ ଠାରେ । ଦୋକାନରୁ ମଦ ନେଇ ସ୍କୁଲ ସାମନାରେ ବସି ପ୍ରତେକ ଦିନ ମଦ ପିଇଉଥିବା ଦେଖି ଛାତ୍ର ଛାତ୍ରୀ କଣ ଶିକ୍ଷା ନେଉଥିବେ ତାହା ଆଶ୍ଚର୍ଯ୍ୟ ବିଷୟ । ମଦ ଦୋକାନ ଠାରୁ ଶହେ ମିଟର ଦୂରରେ ଅନୁନତ୍ତ ଆଦିବାସୀ ଗାଁ ଯନିନ୍ଦାପାଳ ହରିଡ଼ାପସି ଏବଂ ପାଣୁବାହାଲୀ, ଚହଲାପଦା ଠାରେ ଏକ ଶିକ୍ଷାନୁଷ୍ଠାନ ଥିବା ସତ୍ୱେ କିପରି ସେହି ସ୍ଥାନରେ ମଦଦୋକାନ ହୋଇପାରିଲା ତାହାଠୁ ଆହୁରି ଆଶ୍ଚର୍ଯ୍ୟ କଥା ହେଲା ମଦ ଦୋକାନଠାରୁ ତିରିଶ ମିଟର ଦୂରରେ କାହିଁ କେଉଁ ଆଦିମ କାଳରୁ ଆଦିବାସୀ ମାନଙ୍କର ବଡ ଠାକୁର ମାରାଂ ବୁରୁ ଯାହେର ଆୟ ପୂଜା ପାଉଥିବା ସତ୍ୱେ ବିଗତ ସରକାର ସେଠାରେ କିପରି ଆଦିବାସୀ ଦେବା ଦେବୀଙ୍କୁ ଅସନମାନ କରି ଶାଳ ବା ଆଦିବାସୀ ମାନଂକର ମନ୍ଦିର ପାଖରେ ମଦ ଦୋକାନ ଖୋଲିଲେ ତାହା ସମଗ୍ର ଆଦିବାସୀ ସମାଜକୁ ଆଶ୍ଚର୍ଯ୍ୟ କରୁଛି । କିଆଝର ଗ୍ରାମପଞ୍ଚାୟତ ଏକ ଆଦିବାସୀ ପଞ୍ଚାୟତ ହୋଇଥିବାରୁ ଏଠାକାର ଲୋକ ମୁଲ ମଜୁରୀ ଲାଗି ଚଳିବା ସହ ଚାଷ ଉପରେ ମୁଖ୍ୟତ ନିର୍ଭର କରିଥାନ୍ତି ହେଲେ ବିଡମ୍ବନାର ବିଷୟ ଠିପି ବନ୍ଦ ବିଦେଶୀ ମଦ ଦୋକାନ ହୋଇଥିବା ସତ୍ୱେ ଏଠାରେ ଖୋଲମ ଖୋଲା ଦିନ ରାତି ମେଳଣ ଲାଗିଲା ଭଳି ଭିଡ ଜମାଇ ଦୋକାନ ଚତୁର୍ପାଶ୍ୱରେ ଗରାଖୀ ବସି ମଦ ପିଇବାକୁ ଦେଖା ଯାଇଥାନ୍ତି ନା ଅଛି କାହାକୁ ଡର ଭୟ ନା ଅଛି ନୀତିନିୟମର ଡର ଅବାଧରେ ମଦ ଦୋକାନରୁ ମଦ ବୋତଲ ସାଙ୍ଗରେ ନେଇ ଚାଷ ଜମି ଭିତରେ ବସି ମଦ ପିଇ ସାରିବା ପରେ ଖାଲିବୋତଲକୁ ଚାଷ ଜମି ଭିତରେ ଭଙ୍ଗା ଭଙ୍ଗି କରି ଛାଡି ଦେବା ଫଳରେ ଚାଷ ପାଇଁ ବିପଦ ହୋଇ ପଡୁଛି । କାଚ ବୋତଲ ମାଟିରେ ନମିଶି ବର୍ଷ ବର୍ଷ ଧରି ପଡିରହିବା ଫଳରେ ଚାଷ ଜମି ନଷ୍ଟ ହେବା ଫଳରେ ଚାଷୀଙ୍କ ମନରେ ଅଶାନ୍ତିର ବାତାବରଣ ସୃଷ୍ଟି ହେଉଛି, ଏଠାରୁ ବିଭିନ୍ନ ସ୍ଥାନକୁ ଚୋରା ଭାବରେ ମଦ ସପ୍ଲା ହେଉଥିବା ମଧ ଦେଖାଯାଉଥିବା ବେଳେ ଟମକା ଥାନା ମଧ ଜାଣି କିଛି ନଜାଣିଲା ଭଳି ଚୁପ ରହୁଥିବା ଦେଖିବାକୁ ମିଳୁଛି । ବିଭିନ୍ନ ସମୟରେ ଚେକିଂ ବାହାନାରେ ସାଧାରଣ ଲୋକଙ୍କୁ ହଇରାଣ କରୁଥିବା ନଜିର ରହିଛି ବିଶେଷ ସୂତ୍ରରୁ ଜାଣିବାକୁ ମିଳେ ଏଠାକୁ ମଝିରେ ମଝିରେ ଅବକାରୀ ବିଭାଗ କର୍ମଚାରୀ ଆସି ହାତ ଗରମ କରି ଯାନ୍ତି ଯେବେ ହାତ ଗରମ ନ ହୁଏ ତେବେ ବାବୁ ମାନଙ୍କର ଅସଲ ରୂପ କୁଆଡେ ବାହାରିଯାଏ । ଆହୁରି ମଧ ଦେଖାଯାଏ, ଏଠାରେ କମ୍ପାନୀର ନିର୍ଦ୍ଧାରିତ ବିକ୍ରୟ ମୂଲ୍ୟଠାରୁ ଅଧିକ ମୂଲ୍ୟରେ ବିକ୍ରି କରାଯାଉଥିବା କାରଣରୁ ବିଭିନ୍ନ ସମୟରେ ଗରାଖୀ ଏବଂ ବିଦେଶୀ ମଦ ଦୋକାନ କର୍ମ ଚାରୀଙ୍କ ଭିତରେ ମାଡ ଗୋଳ ହେବା ମଧ ଦେଖିବାକୁ ମିଳିଥାଏ । ତେବେ ଦେଖିବାକୁ ବାକି ରହିଲା ଖବର ବାଜିବା ପରେ ପ୍ରଶାସନ ର ତତ୍ପର କେତେ ରହୁଛି ତାହା ସମସ୍ତଙ୍କ ନଜର ରହିବ ।

## ଚିନ୍ତା ବଢ଼ାଉଛି ଦେଶୀ ମଦଭାଟିର ଦୁର୍ଗନ୍ଧ

ହିନ୍ଦୋଳ, (ମହାଭାରତ): ସରକାର୍ ଜନବସତି ଠାରୁ କିଛି ଦୂରରେ ମଦଭାଟି ଅବା ମଦ ଦୋକାନ ଖୋଲିବାକୁ ଅନୁମତି ପ୍ରଦାନ କରିଥିବା ବେଳେ ହିନ୍ଦୋଳ ଉପଖଣ୍ଡରେ ଥିବା ଦେଶୀ ମଦଭାଟି ଏକ ପ୍ରକାର ଚିନ୍ତାର କାରଣ ପାଲଟିଛି ।ଆରକ୍ଷୀ ଉପ ଅଧିକ୍ଷକଙ୍କ କାର୍ଯ୍ୟାଳୟକୁ ଲାଗି ରହିଥିବା ଏହି ଦେଶୀ ମଦଭାଟିର ସାମ୍ନାରେ ହିନ୍ଦୋଳ ବନବିଭାଗ କାର୍ଯ୍ୟାଳୟ ଏବଂ ମାତ୍ର କିଛି ଦୂରରେ ବିଜୁ ପଟ୍ଟନାୟକ ଇଣ୍ଡୋର୍ ଷ୍ଟାଡିୟମ୍ ଓ ହିନ୍ଦୋଳ ରଘୁନାଥ ମନ୍ଦିର ରହିଛି ।ସବୁଠାରୁ ବଡ଼ କଥା ହେଲା ଏହି ବାଟଦେଇ ପ୍ରତିଦିନ ସକାଳେ ଓ ସନ୍ଧ୍ୟାରେ ଅନେକ ଲୋକ ନିଜର ସ୍ୱାସ୍ଥ୍ୟ ସାଧନ ନିମନ୍ତେ ଯିବା ଆସିବା କରନ୍ତି ।କିନ୍ତୁ ଦୁଃଖର ବିଷୟ ଏହି ଦେଶୀ ମହୁଲି ମଦ ଭାଟିର ଦୂର୍ଗନ୍ଧ ଆଖପାଖ ଅଞ୍ଚଳର ଲୋକମାନଙ୍କୁ ଯମଯନ୍ତ୍ରଣା ଦେବା ସହିତ ବାରମ୍ବାର ଏହି ମହୁଲି ଭାଟିକୁ ଅନ୍ୟତ୍ର ସ୍ଥାନାନ୍ତର ପାଇଁ ମଧ ଅଭିଯୋଗ ହୋଇଆସୁଛି ।ମହୁଲି ଭାଟିରୁ ବାହାରୁଥିବା ଅପଚୟ ପଦାର୍ଥ ତଥା ପୋଚ ଗୁଡ଼ିକ ରାସ୍ତାର ପାର୍ଶ୍ୱକୁ ବୋହି ଆସିବା ସହିତ ଜେଲ୍ ଉପ କାରାଗାର ଏବଂ ବନବିଭାଗ କାର୍ଯ୍ୟାଳୟ ନିକଟକୁ ଆସି ଅଞ୍ଚଳକୁ ଦୂଷିତ କରିବା ସହ କାର୍ଯ୍ୟାଳୟରେ ନିୟୋଜିତ କର୍ମଚାରୀ ମାନେ ମଧ ଦୂର୍ଗନ୍ଧରେ ଅତିଷ୍ଠ ହୋଇଗଲେଣି।

## ଅବସରପ୍ରାପ୍ତ ଯୁଗ୍ମ ସଚିବଙ୍କ ସହଧର୍ମିଣୀ ସ୍ୱର୍ଗତା ସ୍ନେହଲତାଙ୍କ ଶ୍ରଦ୍ଧାଞ୍ଜଳି ସଭା



କେନ୍ଦ୍ରାପଡ଼ା, (ମହାଭାରତ): ସ୍ୱର୍ଗତା ସ୍ନେହଲତା(ମାନା )ଥିଲେ ସ୍ନେହୀ, ପରୋପକାରୀ, ମହିୟସୀ ଓ ଧର୍ମପ୍ରାଣା ମହିଳା । କେନ୍ଦ୍ରାପଡା ବ୍ଲକ ଅନ୍ତର୍ଗତ ଭରତପୁର ଗ୍ରାମ ପଞ୍ଚାୟତ ଅଧିନସ୍ଥ ଭରତପୁର ଲାହଖଣ୍ଡ ନିବାସୀ ଓଡ଼ିଶା ସଚ୍ଚିବାଳୟର ଅବସରପ୍ରାପ୍ତ ଯୁଗ୍ମ ସଚ୍ଚି ମନୋରଞ୍ଜନ ଦାସଙ୍କ ସହଧର୍ମିଣୀ ସ୍ୱଚ୍ଛାସ୍ନେହିକା ସ୍ନେହଲତା ଦାସ(ମାନା)ଙ୍କ ଦ୍ୱାଦଶାହ ଦିବସ ଅବସରରେ ଏକ ଶ୍ରଦ୍ଧାଞ୍ଜଳି ସଭା ଶିକ୍ଷାବିତ୍ ସୁବୋଧ କୁମାର ଦାସଙ୍କ ଅଧ୍ୟକ୍ଷତାରେ ତାଙ୍କ ଭରତପୁର ଲାହଖଣ୍ଡ ସ୍ଥିତ ବାସଭବନଠାରେ ତା୧୮.୦୫.୨୦୨୫ରିଖ (ରବିବାର)ଦିନ ପୂର୍ବାହ୍ନରେ ଅନୁଷ୍ଠିତ ହୋଇଯାଇଅଛି । ଏହି ଶ୍ରଦ୍ଧାଞ୍ଜଳି ସଭାର ପ୍ରାରମ୍ଭରେ ସ୍ୱର୍ଗତା ସ୍ନେହଲତା ଦାସଙ୍କ ଫଟଚିତ୍ର ରେ ସାମୁହିକ ପୁଷ୍ପ ମାଲ୍ୟାର୍ପଣ ଓ ଅମର ଆତ୍ମାର ସଦଗତି ନିମନ୍ତେ ଦୁଇ ମିନିଟ୍ ନୀରବ ପ୍ରାର୍ଥନା କରାଯାଇଥିଲା। ରାଷ୍ଟ୍ରପତି ପୁରସ୍କାର ପ୍ରାପ୍ତ ପ୍ରଧାନ ଶିକ୍ଷକ ଶୁଭାଂଶୁ କୁମାର ଦାସଙ୍କ ପରିଚାଳନା ଶ୍ରଦ୍ଧାଞ୍ଜଳି ସଭାରେ ସାହିତ୍ୟ ସଂସଦର କାର୍ଯ୍ୟକାରୀ ସଭାପତି କରୁଣାକର ଦାସ, ଉପ ସଭାପତି ବରିଷ୍ଠ ଆଇନଜୀବୀ ପ୍ରଦୀପ କୁମାର ଦାଶ, ସ୍ତମ୍ଭକାର ଡ଼. ସର୍ବେଶ୍ୱର ସେଣ, ସତୀର୍ଥ ର ସଭାପତି ଅମର ପ୍ରସାଦ ରାଉତ, ଓଡ଼ିଶା ହାଇକୋର୍ଟ ର ବରିଷ୍ଠ ଆଇନଜିବୀ ସରୋଜ କୁମାର ଦାସ, ପ୍ରକୃତି ବନ୍ଧୁ ନୃସିଂହ ଚରଣ ତ୍ରିପାଠୀ, କବିତା ମୁଦୁଲି, ଆମ ଗାଁ ସାହିତ୍ୟ ପରିଷଦର ସମ୍ପାଦକ ସ୍ୱପ୍ନାଂଶୁ କୁମାର ଦାସ, ଅବସରପ୍ରାପ୍ତ ଅନୁଶାସନ ସଚିବ ପ୍ରମୋଦ କୁମାର ଶତପଥୀ, ପ୍ରଜ୍ଞା ଫାଉଣ୍ଡେସନ ପ୍ରାକ୍ତନ ସଂଚାଳକ ଭାଗିରଥି ପାତ୍ର, ଅବସରପ୍ରାପ୍ତ ଉପ ଶାସନ ସଚିବ ଗୌର ପ୍ରସାଦ ଦାସ, ଅବସର ପ୍ରାପ୍ତ ଯୁଗ୍ମ ସଚିବ ତାପସ କୁମାର ସାହୁ, 'ଶୁଶ୍ରୁଷା ' ସ୍ୱେଚ୍ଛାସେବୀ ଅନୁଷ୍ଠାନର ପୂର୍ବତନ ସମ୍ପାଦକ ମମତା ବିଶ୍ୱାଳ, ମାୟାଧର ବସନ୍ତିଆ, ଅତିରିକ୍ତ ସଚିବ ନିରଞ୍ଜନ ଦାସ, କେଦାରନାଥ ଜେନା, ଭାରତୀ ତ୍ରିପାଠୀ, ଅଧିକ୍ଷଣ ଯନ୍ତ୍ରୀ ଦୁର୍ଗା ଚରଣ ମିଶ୍ର, କେମ ର ବରିଷ୍ଠ ସଭ୍ୟ ବଂଶୀଧର ମହାନ୍ତି, ସ୍ୱେଚ୍ଛାସେବୀ ସଙ୍ଗଠନ ସୋଭାର ପ୍ରାକ୍ତନ ସଭାପତି ସୁଧାଂଶୁ କୁମାର ଦାସ ପ୍ରମୁଖ ଯୋଗଦାନ କରି ସ୍ୱର୍ଗତା ସ୍ନେହଲତା ଦାସଙ୍କ ବହୁମୁଖୀ ପ୍ରତିଭା ବିଷୟରେ ଆଲୋକ ପାତ କରିଥିଲେ। ଏଥିସହ'ଶୁଶ୍ରୁଷା 'ଅନୁଷ୍ଠାନର ସଭାପତି ଥିବା ସମୟରେ ଭୁବନେଶ୍ୱର ଓ ଅନ୍ୟାନ୍ୟ ଅଞ୍ଚଳରେ ସ୍ୱର୍ଗତା ସ୍ନେହଲତା ଯେଉଁ ସେବା ତ୍ୟାଗର ନିଦର୍ଶନ ସୃଷ୍ଟି କରି ଯାଇଛନ୍ତି ତାହା ଅତୁଳନୀୟ ବୋଲି ମତ ପ୍ରକାଶ କରି ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ। ଏହି ଶ୍ରଦ୍ଧାଞ୍ଜଳି ସଭାରେ ଅନ୍ୟତମ ବିଶିଷ୍ଟ ବ୍ୟକ୍ତିମାନଙ୍କ ମଧ୍ୟରେ ମମତା ବିଶ୍ୱାଳ, ଧ୍ରୁବ ଚରଣ ପାତ୍ର , ଲକ୍ଷ୍ମୀ ପ୍ରସାଦ ଭୂୟାଁ, ମନୋରଞ୍ଜନ ସ୍ୱାଇଁ, ପିତାମ୍ବର ବିଶ୍ୱାଳ, ହେମନ୍ତ ମିଶ୍ର, ପ୍ରବୋଧ କୁମାର ଦାସ, ସଚିବାଳୟ ସେବା ସଂଘର ଉପସଭାପତି ପ୍ରଦୀପ କୁମାର ରାଉତ, ତାନୂଜ ଦାସ, ଚିତ୍ତରଞ୍ଜନ ହୋତା, ଅଜୟ କୁମାର ଦାସ, ସୁକାନ୍ତ ଦାସ, ଶୁଶୀଲ କୁମାର ଦାସ, ବିଜୟ କୁମାର ଦାସ, ସ୍ୱର୍ଗତା ସ୍ନେହଲତାଙ୍କ ଏକ ମାତ୍ର ଝିଅ ରିମି, ଦାଦା ନିରଞ୍ଜନ ମହାପାତ୍ର, ବଡଭାଇ ଚିତ୍ତରଞ୍ଜନ ମହାପାତ୍ର, ସାନଭାଇ ତୁଷାର ମହାପାତ୍ର, ପୁତୁରା ଡାକ୍ତର ସ୍ୱସ୍ତି ରଞ୍ଜନ ମହାପାତ୍ରଙ୍କ ସମେତ ସମସ୍ତ ପରିବାର ବନ୍ଧୁ ବର୍ଗ ଏହି ଶ୍ରଦ୍ଧାଞ୍ଜଳୀ ସଭାକୁ ସହଯୋଗ କରିଥିଲେ।

## ସୁଭଦ୍ରା ବଳାତ୍କାର ଓ ହତ୍ୟାକାଣ୍ଡ ରହସ୍ୟର ପର୍ଦ୍ଦାଫାସ



ଅନୁଗୋଳ, (ମହାଭାରତ); ଏପ୍ରିଲ ମାସ ୨୬ ତାରିଖରେ କଣିହାଁ ଲୋଧାଝରି ଗାଁର ସୁଭଦ୍ରା ପଦିଲି ନିଜ କର୍ମକ୍ଷେତ୍ର ଭୁବନେଶ୍ୱରକୁ ଯିବା ପାଇଁ ତାଳଚେର ରୋଡ୍ ଷ୍ଟେସନ ଯିବା ପାଇଁ ଅଟୋରେ ଯାଉଥିବା ବେଳେ ନିଖୋଜ ହୋଇ ଯାଇଥିଲେ । ମେ ମାସ ୪ତାରିଖରେ ତାଙ୍କ ଗଳିତ ମୃତଦେହ ବଣ୍ଡଁରପାଳ ଥାନା କେନ୍ଦୁପଲି ଗ୍ରାମ ବିଲମାଳରୁ ମୃତଦେହ ଉଦ୍ଧାର ହୋଇଥିଲା । ପରିବାରବର୍ଗ, ରାଜନୈତିକ ଦଳ ଆମ୍ବେଦକର ସଂଗଠନ, ସାମ୍ବାଦିକ ସଂଘ ଓ ବିଭିନ୍ନ ସମାଜସେବୀ ସଂଗଠନ ସୁଭଦ୍ରାଙ୍କୁ ଦୁଷ୍କର୍ମ ପରେ ହତ୍ୟା କରା ଯାଇଥିବା ଅଭିଯୋଗ ସହ ପ୍ରତିବାଦ କରିଥିଲେ । ଯାହାଦ୍ୱାରା ଅନୁଗୋଳ ପୋଲିସ ଓ ଆଇନ୍ ଶୃଙ୍ଖଳା ଉପରେ ପ୍ରଶ୍ନ ବାଚି ସୃଷ୍ଟି ହୋଇଥିଲା। ପୋଲିସ ଏଥିରୁ ବର୍ତିବା ପାଇଁ ଓ ପୀଡିତା ପରିବାର କୁ ନ୍ୟାୟ ପ୍ରଦାନ ତଦନ୍ତ ଜୋରଦାର୍ କରିଥିଲେ। ତଦନ୍ତ ଜୋରଦାର୍ କରିବା ପାଇଁ ସ୍ପେଶାଲ ସ୍କ୍ୱାର୍ଡ ଦଳ ଗଠନ କରାଯିବା ସହ ଏହାର ନାମ ଅପରେସନ କୋକୂନ ରଖାଯାଇଥିଲା। ସିସି ଟିଭି ଯାଞ୍ଚ ବେଳେ ଅଟୋର ଚାଳକ ବିଶୁ ଗୋଛାୟତ ଏହି ଘଟଣା ଭିଆଇ ଥିବା ଜଣା ପଡିଥିଲା । ହେଲେ ସେତେବେଳକୁ ବିଶୁ ରାଜ୍ୟ ବାହାରକୁ ଚମ୍ପଟ ମାରିଥିଲା । ତାକୁ ଧରିବାକୁ ପୁଲିସ ମହାରାଷ୍ଟ୍ର , ଗୁଜୁରାଟ ଆଉ ଦିଲ୍ଲୀ ଯାଇଥିଲା । ଅଭିଯୁକ୍ତ ମୋବାଇଲ ବ୍ୟବହାର କରୁ ନଥିବା ଯୋଗୁଁ ତାକୁ ପାଇବା କଷ୍ଟକର ହୋଇ ପଡ଼ିଥିଲା । ପ୍ରାୟ ୧୨୦୦ ସିସି ଟିଭି ଯାଞ୍ଚ ପରେ ଅଧିକ ତଦନ୍ତ କରି ବିଶୁ ମହାରାଷ୍ଟ୍ରର ରାଇଗଡରେ ଏକ ଫ୍ୟାକ୍ଟେରିରେ କାମ କରୁଥିବା ଜାଣି ମହାରାଷ୍ଟ୍ର ପୁଲିସ ସହାୟତାରେ ଅନୁଗୋଳ ସ୍ପେଶାଲ ସ୍କ୍ୱାର୍ଡ ପୁଲିସ ଚଢ଼ାଉ କରି ତାକୁ ଅନୁଗୋଳ ଆଣିଥିଲା । ଅନୁଗୋଳରେ ତାକୁ ପଚରାଉଚରା ବେଳେ ସେ ସବୁ କଥା ମାନି ଯାଇଥିଲା । ଅଟୋରେ ଯୁବତୀକୁ ଜୋର ଜବରଦସ୍ତ ନେଉ ମାଡ଼ ମାରିବା ସହ ଦୁଷ୍କର୍ମ କରିଥିଲା ପରବର୍ତ୍ତୀ ସମୟରେ ସୁଭଦ୍ରା ପିନ୍ଧିଥିବା ଚୁନି ରେ ତଣ୍ଟି ଚିପି ହତ୍ୟା କରିଥଲା । ପୁଲିସ ଆଜି ଅଭିଯୁକ୍ତ ବିଶୁ ଗୋଛାୟତକୁ କୋର୍ଟ ଚାଲାଣ କରିଥିବା ବେଳେ ଅଭିଯୁକ୍ତକୁ ଫେରାର ହେବାରେ ସହଯୋଗ କରିଥିବା ତାର ବାପା , ଜେଜେବାପା ଏବଂ ମାମୁଁଙ୍କୁ ମଧ ଗିରଫ କରାଯାଇଛି । ପୁଲିସ ଏହି ଘଟଣାରେ ୩୦ ଦିନ ଭିତରେ ତଦନ୍ତ କରି କୋର୍ଟରେ ଚାର୍ଜସିଟ ଦାଖଲ କରିବ ବୋଲି ସାମ୍ବାଦିକ ସମ୍ମିଳନୀ ରେ ସୂଚନା ଦେଇଛନ୍ତି ଆରକ୍ଷୀ ଅଧିକ୍ଷକ ।

# ଗାଁ ରେ ବସୁଛି କଙ୍ଗାରୁ କୋର୍ଟ : ଥାନାରେ ଅଭିଯୋଗ କରି ନିରାଶ ଦମ୍ପତି



ନୂଆଗାଁ, (ମହାଭାରତ) : ଆଇନ୍‌କୁ ହାତକୁ ନେଇ ଗାଁ ସଭାପତିଙ୍କ ନିର୍ଦ୍ଦେଶରେ ଚାଲିଛି ଆଖି ବୁଜା ନିର୍ଯ୍ୟାତନା। ଏଭଳି ଅଭିଯୋଗ ଆସିଛି ନୟାଗଡ଼ର ସଦର ଥାନା ଅଞ୍ଚଳରୁ। ଗାଁ ସଭାପତିଙ୍କ କଥାରେ ରାଜି ନ ହେବାରୁ ପୁଣି ନୟାଗଡ଼ରେ କଙ୍ଗାରୁ କୋର୍ଟ କରି ଦଣ୍ଡ ଦିଆଯାଇଥିବା ଅଭିଯୋଗ ହୋଇଛି। ଗାଁ ସଭାପତିଙ୍କ କଥାରେ ରାଜି ନ ହେବାରୁ ଗାଁ ସଭାରେ ନିଆଁ ପାଣି ବାଛନ୍ଦ ନିଷ୍ପତି ନିଆଯାଇଛି। ଆଇନ୍ କୁ ହାତକୁ ନେଇ ଗାଁ ସଭାପତି ଦେଉଛନ୍ତି ଦଣ୍ଡ ସହ ନିର୍ଯ୍ୟାତନା। ଏଭଳି ସଙ୍ଗୀନ ଅଭିଯୋଗ ଆସିଛି ନୂଆଗାଁ ବ୍ଲକ୍ ଦେଉଳି ଗାଁରୁ। ଗାଁ ସଭାପତି ସନ୍ୟାସୀ ସାହୁଙ୍କ କଥାରେ ରାଜି ନ ହେବାରୁ ପ୍ରଫୁଲ୍ଲ କୁମାର ସାହୁଙ୍କ ପରିବାର କୁ ନିଆଁ ପାଣି ବାଛନ୍ଦ ସହ ତାଙ୍କ ଘର ଦୁଆର ଆଗରେ ପଥର ପାଚେରୀ ନିର୍ମାଣ କରି ଘରର ଯିବା ଆସିବା ବାଟକୁ ଅବରୋଧ କରିଥିବା ଅଭିଯୋଗ ହୋଇଛି। ଏଥିସହ ଗାଁ ସଭାପତି ସନ୍ୟାସୀ ସାହୁ ଗାଁର କିଛି ଖଳ ପ୍ରକୃତି ଲୋକଙ୍କୁ ଧରି ତାଙ୍କ ପରିବାର ଲୋକଙ୍କ ଉପରେ ଜୋରିମାନା ଆଦାୟ କରିବା ସହ ଗାଁରୁ ବାଛନ୍ଦ ରଖିଥିବା ସେ ଅଭିଯୋଗ କରିଛନ୍ତି। ଗତ ସରପଞ୍ଚ ନିର୍ବାଚନରେ ବିଜେଡ଼ି ସମର୍ଥିତ ସରପଞ୍ଚ ପ୍ରାର୍ଥୀ କୁ ଭୋଟ ଦେଇନଥିବାରୁ ଗାଁ ସଭାପତି ସନ୍ୟାସୀ ସାହୁ ସରପଞ୍ଚଙ୍କୁ ଧରି ତାଙ୍କ ଉପରେ ଆକ୍ରୋଶ ମୂଳକ ଭାବେ ଗାଁରେ କଙ୍ଗାରୁ କୋର୍ଟ ବସାଇ ତାଙ୍କ ପରିବାର ଉପରେ ନିର୍ଯାତନା ଦେଉଥିବା ପ୍ରଫୁଲ୍ଲ ଅଭିଯୋଗ କରିଛନ୍ତି। ଏନେଇ ସେ ସ୍ଥାନୀୟ ପୋଲିସକୁ ଜାଣିଛନ୍ତି। ହେଲେ କୌଣସି ସୁଫଳ ମିଳିନାହିଁ। ଦିନକୁ ଦିନ ଗାଁ ସଭାପତି ସନ୍ୟାସୀ ସାହୁଙ୍କ ନିର୍ଯ୍ୟାତନା ତାଙ୍କ ପରିବାର ଲୋକଙ୍କ ଉପରେ ବଢ଼ି ଚାଲିଥିବା ବୋଲି ପ୍ରଫୁଲ୍ଲ ଅଭିଯୋଗ କରିଛନ୍ତି। ଏବେ ଦୁଇ ଦିନ ହେଲା ତାଙ୍କ ଘରକୁ ଯିବା ବାଟକୁ କଣ୍ଟା ବୁଜିବା ସହ ଘର ଦୁଆର ଆଗରେ ପଥର ପାଚେରୀ ନିର୍ମାଣ କରି ଦୋକାନ ଘର ତିଆରି କରୁଥିବା ସେ କହିଛନ୍ତି। ଅଭିଯୋଗ ଅନୁଯାୟୀ ପ୍ରଫୁଲ୍ଲଙ୍କ ଘର ଜାଗାକୁ ଗାଁ ସଭାପତି ସନ୍ୟାସୀ ସାହୁ ନେବା ପାଇଁ ବାଧ୍ୟ କରିଥିଲେ। ଗାଁରେ ସଭା ଡ଼ାକି ଜୋର୍ ଜବରଦସ୍ତ ପ୍ରଫୁଲ୍ଲଙ୍କୁ ବାଧ୍ୟ କରାଇଥିଲେ। ଏଥିରେ ପ୍ରଫୁଲ୍ଲଙ୍କ ପରିବାର ଲୋକେ ରାଜି ନ ହେବାରୁ ତାଙ୍କୁ ଗାଁ ସଭାପତି ନିଆଁ ପାଣି ବାଛନ୍ଦ କରିବା ସହ ତାଙ୍କ ଘର ଆଗରେ ଥିବା ସରକାରୀ ଜମିରେ ଦୋକାନ ଘର ନିର୍ମାଣ କରି ଅବରୋଧ କରିଥିବା ପ୍ରଫୁଲ୍ଲ ଅଭିଯୋଗ କରିଛନ୍ତି। ଏନେଇ ନୂଆଗାଁ ତହସିଲ, ବିଡ଼ିଓ ଏବଂ ସଦର ଥାନା ରେ ଅଭିଯୋଗ କରି ନିରାଶ ହେବା ପରେ ଏବେ ନ୍ୟାୟ ପାଇଁ ସେ ଜିଲ୍ଲାପାଳଙ୍କ କାର୍ଯ୍ୟାଳୟ ସମ୍ମୁଖରେ ଧାରଣା ଦେଇଥିବା ଅଭିଯୋଗ କରିଛନ୍ତି। ସେପଟେ ଗାଁ ସଭାପତି ସନ୍ୟାସୀ ସାହୁ ପ୍ରଫୁଲ୍ଲ ଙ୍କ ଅଭିଯୋଗ ଖଣ୍ଡନ କରିବା ସହ କହିଛନ୍ତି କି ଦେଉଳ ଗ୍ରାମ ବାସୀ ଙ୍କ ପ୍ରତି ପ୍ରଫୁଲ୍ଲ ଆଣିଥିବା ଅଭିଯୋଗ ସମ୍ପୁର୍ଣ୍ଣ ମିଥ୍ୟା। ପ୍ରଫୁଲ୍ଲ ଉଦେଶ୍ୟ ମୁଳକ ଭାବେ ଗାଁ କୁ ହଇରାଣ କରୁଛନ୍ତି। ଦେଉଳ ଗାଁ ରେ ପ୍ରଫୁଲ୍ଲ ଙ୍କ ଦୁଇ ମହଲା ଘର ଅଛି। ଏବଂ ସେ ସେହି ଦୁଇ ମହଲା ଘରେ ରହି ଆସୁଛନ୍ତି। ଯେଉଁ ଜାଗା କୁ ନେଇ ଗ୍ରାମବାସୀ ଙ୍କ ନାମରେ ପ୍ରଫୁଲ୍ଲ ଅଭିଯୋଗ ଆଣିଛନ୍ତି ସେ ଯାଗାରେ ଗ୍ରାମବାସୀ ମାନେ କିଛି କରୁନାହାନ୍ତି। କି ପ୍ରଫୁଲ୍ଲ ଙ୍କୁ ଗାଁ ରେ କୌଣସି ପ୍ରକାରର କଟକଣା କରାଯାଇନାହିଁ। ଗାଁ ରେ କଙ୍ଗାରୁ କୋର୍ଟ ଭଳି ସେମିତି କିଛି ନାହିଁ। ଉଦେଶ୍ୟ ମୁଳକ ଭାବେ ପ୍ରଫୁଲ୍ଲ ଗାଁ କୁ ହଇରାଣ କରୁଛନ୍ତି। ସେପଟେ ଉପ ଜିଲ୍ଲାପାଳ କହିଛନ୍ତି ଘଟଣାର ତଦନ୍ତ ପାଇଁ ନୂଆଗାଁ ଅତିରିକ୍ତ ତହସିଲଦାରଙ୍କୁ ଘଟଣା ସ୍ଥଳକୁ ପଠାଯାଇଛି। ତଦନ୍ତ ଶେଷ ପରେ ଆଇନ୍ ଅନୁଯାୟୀ ଦୋଷୀଙ୍କ ଉପରେ ପଦକ୍ଷେପ ନିଆଯିବ।

## ପ୍ରଥମ ଇକୋ ଭିଲେଜ କୋମାରେ

# ପ୍ରଚ୍ଛର ପ୍ରସାର ରେ ସୀମିତ ରହିଯାଇଛି ଇକୋ ଭିଲେଜ



ଗଣିଆ, ( ମହାଭାରତ ) : ମହାନଦୀ ବନ୍ୟପ୍ରାଣୀ ବନଖଣ୍ଡ ଅନ୍ତର୍ଗତ ସାତକୋଶିଆ ଅଭୟାରଣ୍ୟ ମଧ୍ୟରେ ଥିବା ମୁଦୁଲିଗାଡ଼ିଆ ଗ୍ରାମକୁ ରାଜ୍ୟ ପରିବେଶ ବିଭାଗ ତରଫରୁ ୨୦୧୯ ନଭେମ୍ବର ମାସରେ ରାଜ୍ୟର ପ୍ରଥମ ଇକୋ ଭିଲେଜ ଭାବରେ ଘୋଷଣା କରାଯାଇଥିଲା। ଏପରିକି ଏହି ଗ୍ରାମ ସହିତ ଅଭୟାରଣ୍ୟରେ ଥିବା ୩୭ଟି ଗ୍ରାମକୁ ଇକୋ ଭିଲେଜ ପ୍ରକଳ୍ପରେ ଅନ୍ତର୍ଭୁକ୍ତ କରାଯିବ ବୋଲି ଘୋଷଣା କରାଯାଇଥିଲା। ଇକୋ ଭିଲେଜ ଘୋଷଣା ହେବା ପରେ ଗ୍ରାମରେ ଥିବା ୩୫ଟି ଘରକୁ ଗେରୁଆ ରଙ୍ଗରେ ସଜାଇ ଘର ଆଗରେ ଝୋଟିଚିତା ଅଙ୍କାଯାଇଥିଲା। ଗ୍ରାମରେ ୧୨ଟି ଡଷ୍ଟବିନ ନିର୍ମାଣ କରାଯାଇ ସଂପୃକ୍ତ ଗ୍ରାମକୁ ପ୍ଲାଷ୍ଟିକ ଏବଂ ପଲଥିନ ମୁକ୍ତ ଘୋଷଣା କରାଯାଇଥିଲା। ବିଭାଗ ପକ୍ଷରୁ ଉକ୍ତ ଗ୍ରାମର ପ୍ରଚ୍ଛରପ୍ରସାର କରାଯିବା ସହିତ ସମସ୍ତ ପ୍ରକାର ସୁବିଧା ସୁଯୋଗ ଯୋଗାଇ ଦେବା ପାଇଁ ପ୍ରତିଶ୍ରୁତି ଦିଆଯାଇଥିଲା। ପ୍ରାକୃତିକ ପରିବେଶ ମଧ୍ୟରେ ଥିବା ଉକ୍ତ ଗ୍ରାମକୁ ବିଭିନ୍ନ ସ୍ଥାନରୁ ପର୍ଯ୍ୟଟକଙ୍କ ସୁଅ ଛୁଟିଥିବା ବେଳେ ସରକାରଙ୍କ ଏଭଳି ପଦକ୍ଷେପକୁ ପ୍ରଶଂସା କରିଥିଲେ ପର୍ଯ୍ୟଟକ। ରାଜ୍ୟ ତଥା ରାଜ୍ୟ ବାହାରୁ ପର୍ଯ୍ୟଟକ ମାନଙ୍କ ଧାଡ଼ି ଲମ୍ବିଥିଲା। ଗ୍ରାମବାସୀଙ୍କ ମନରେ ଆଶା ଓ ଆକାଂକ୍ଷା ବଢ଼ିଯାଇଥିଲା। କାରଣ ସୁବିଧା ସୁଯୋଗ ମିଳିବ ମିଳିବ ବୋଲି ଇତି ମଧ୍ୟରେ ୬ବର୍ଷ ବିତିଗଲାଣି। କର୍ପୁର ଉଡ଼ିଯାଇଛି କିନ୍ତୁ କନା ପଡ଼ିରହିଛି କଥା ପରି କେବଳ ପ୍ରଚ୍ଛରରେ ସୀମିତ ରହିଯାଇଛି ଇକୋ ଭିଲେଜ। ନା ମିଳିଛି ସୁବିଧା ସୁଯୋଗ ନା ସମସ୍ୟାର ହୋଇଛି ସମାଧାନ। ଗ୍ରାମରେ ଲାଗିଥିବା ଗେରୁଆ ରଙ୍ଗ ଫିକା ପଡ଼ିଯାଇଥିବା ବେଳେ ଡଷ୍ଟବିନ ଭାଙ୍ଗିରୁଜି ଗଲାଣି। ଏଠାରେ ପାନୀୟ ଜଳ ସମସ୍ୟା ସବୁ ବେଳେ ଲାଗିରହୁଛି। ନୂଆ ନୂଆ ପର୍ଯ୍ୟଟକଙ୍କ ସୁଅ ଛୁଟିଥିବା ବେଳେ ଭିତ୍ତିଭୂମିର ଅଭାବ ଯୋଗୁ ଏବେ ଆଡ଼ଆଖିରେ ବି କେହି ରହୁଁନାହାନ୍ତି। ରାଜ୍ୟରେ ନୂତନ ବିଜେପି ସରକାର ଆସିଥିବା ସେ ପ୍ରଥମ ଇକୋ ଭିଲେଜକୁ ଟିକେ ସରକାରୀ ସ୍ତରରେ ଦୃଷ୍ଟି ଦେବାକୁ ସାଧାରଣରେ ଦାବି ହେଉଛି।

## ଆସିକା ଓକିଲ ସଙ୍ଘ ପକ୍ଷରୁ ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା



ଆସିକା (ମହାଭାରତ) ଆସିକା ଓକିଲ ସଙ୍ଘ ପକ୍ଷରୁ ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜଙ୍କୁ ସ୍ୱାଗତ ସମ୍ବର୍ଦ୍ଧନା ସଭା ଓକିଲ ସଙ୍ଘର ସଭାପତି ଅଜିତ କୁମାର ଚୌଧୁରୀ ଙ୍କ ଅଧକ୍ଷତାରେ ଓକିଲ ସଙ୍ଘ ସଭା ଗୃହ ଠାରେ ଅନୁଷ୍ଠିତ ହୋଇଯାଇଛି। ଆୟୋଜିତ ସଭାରେ ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ମନୋଜ କୁମାର,ସବ ଜର୍ଜ ସୌଦାମିନୀ ବିଶ୍ୱାଳ,ମୁନସିବ ଝିଲ୍ଲୀ ଲିନା ନାୟକ,ପ୍ରଥମ ଶ୍ରେଣୀ ବିଚ୍ଛର ବିଭାଗୀୟ ମାଜିଷ୍ଟ୍ରେଟ ଏସ. ଗତାଞ୍ଜଳି ନାଇଡୁ,ଅନ୍ୟତମ ପ୍ରଥମ ଶ୍ରେଣୀ ବିଚ୍ଛର ବିଭାଗୀୟ ମାଜିଷ୍ଟ୍ରେଟ ତୃପ୍ତି ଦାସ, ଓକିଲ ସଙ୍ଘ ଉପସଭାପତି ଛବିଳରାମ ମିଶ୍ର, ସମ୍ପାଦକ ନାରାୟଣ ମୁନୀ, ସହସମ୍ପାଦକ ମାନସ ଆଚର୍ଯ୍ୟା ପ୍ରମୁଖ ଉପସ୍ଥିତ ରହି ଓକିଲ ସଙ୍ଘ ପକ୍ଷରୁ ଅତିରିକ୍ତ ଜିଲ୍ଲା ଓ ଦୌରା ଜର୍ଜ ମନୋଜ କୁମାର ପୁଷ୍ପ ଗୁଚ୍ଛ ଦେଇ ସ୍ୱାଗତ କରାଯାଇଥିଲା। ଏହି ସଭାରେ ବାର କାଉନସିଲ ପକ୍ଷରୁ ଆଇନଜୀବୀ ସୁରେନ୍ଦ୍ର ନାଥ ପଣ୍ଡା, ରବୀନ୍ଦ୍ର ପାତ୍ର,ଅନିଲ କୁମାର ପାଣିଗ୍ରାହୀ, ଶିଶିର କୁମାର ନାୟକ ପୂର୍ଣ୍ଣ ଚନ୍ଦ୍ର ନାୟକ, ରାଜେନ୍ଦ୍ର କୁମାର ପାତ୍ର, ସୁଧାଂଶୁ ପାଣିଗ୍ରାହୀ, ସନ୍ତୋଷ କୁମାର ପାଣିଗ୍ରାହୀ, ଜୀ ସୁର୍ଯ ପ୍ରକାଶ ରାଓ, ମୋହନ ରାଓ ଦୋର ଙ୍କ ସମେତ ବହୁ ଆଇନଜୀବି ଉପସ୍ଥିତ ଥିଲେ ।

## ହିନ୍ଦୋଳ ବନବିଭାଗର ଚଢ଼ାଉ , ଶିକାରୀ ସହିତ ଜନ୍ତୁମାଂସ ଜବତ

ହିନ୍ଦୋଳ(ମହାଭାରତ)ଢେଙ୍କାନାଳ ଜିଲ୍ଲାର ହିନ୍ଦୋଳ ବନବିଭାଗ ଚଢ଼ାଉ କରି ଜନ୍ତୁମାଂସ ଜବତ କରି ଦୁଇଜଣଙ୍କୁ ଗିରଫ କରିଛି। ଖବରରୁ ପ୍ରକାଶ ଗତକାଲି ଢେଙ୍କାନାଳ ଓ ହିନ୍ଦୋଳ ବନା□ଳ ଅଧିକାରୀମାନେ ବିଶେଷ ସୂତ୍ରରୁ ଖବରପାଇ ସ୍ୱଷ୍ଟ ଦିବାଲୋକରେ ଜଙ୍ଗଲୀ ଜନ୍ତୁ କୁଟୁରା ମାରି ରସୋଳ ଫରେଷ୍ଟ ବିଟହାଉସ ସାମ୍ନାରେ ମାଂସ ବିକ୍ରି କରୁଥିବାବେଳେ ଚଢ଼ାଉ କରି ଦୁଇଜଣଙ୍କୁ ଗିରଫ କରିବାସହ ୫କେଜି କୁଟୁରା ମାଂସ,ଗୋଟିଏ ହରିଣ ସିଂଘ,୨କେଜି ଜିଆଇ ତାର,୨ଟି ଜନ୍ତୁ ଶିକାର ପାଇଁ ଉଦ୍ଦିଷ୍ଟ ତାର, ଗୋଟିଏ କୁରାଢ଼ୀ ଜବତ କରିଛନ୍ତି। ଗିରଫ ଶିକାରୀ ଦ୍ୱୟ ନାଉ କିଆରୀ ଗ୍ରାମର ବିଜୟ ସାହୁଙ୍କ ପୁଅ ଲିଟୁ ସାହୁ(୩୩),ରସୋଳ ଥାନା ଦାଣ୍ଡିରୀ ଫରେଷ୍ଟ ବିଟ ହାଉସ ୱାଚର ତଥା ଦାଣ୍ଡିରୀ ଗ୍ରାମର ମଣିଆ ନାଏକଙ୍କ ପୁଅ ମହେନ୍ଦ୍ର ନାଏକ(୨୧), ଗିରଫ ଅଭିଯୁକ୍ତ ଦ୍ୱୟଙ୍କୁ ଆଜି ହିନ୍ଦୋଳ ଫରେଷ୍ଟ ରେଞ୍ଜ କେଶନଂ ୧,ଏବଂ କେଶନଂ୧୧ ଏଚ କ୍ଲ ୨୦୨୫-୨୬,ରସୋଳ ବିଟ ଓ ସେକ୍ସନରେ ଗିରଫକରି ଆଜି କୋର୍ଟ ଚ଼ଲାଣ କରାଯାଇଛି। ତେବେ ଏଠାରେ ଜନସାଧାରଣଙ୍କ ମନରେ ସ୍ୱତଃପ୍ରଶ୍ନ ଉଠୁଛି ବନବିଭାଗ ୱାଚରଙ୍କ ପୁଅ ଯଦି ଜନ୍ତୁ ଶିକାର କରୁଛି ତେବେ ବନବିଭାଗ କର୍ମଚ଼ରୀଙ୍କ ସମ୍ପୃକ୍ତିରେ ଏହି ଅବାଧ ଜନ୍ତୁଶିକାର କାହିଁକି ହେଉ ନଥିବ ।ନିକଟରେ ଦୁର୍ଦ୍ଧାନ୍ତ ଶିକାରୀ ତଥା ଅପରାଧୀଙ୍କ ଦ୍ୱାରା ଚୋରା ବନ୍ଧୁକରେ ଜନ୍ତୁଶିକାର ବେଳେ ହିନ୍ଦୋଳ ବନା□ଳରେ ଦୁଇଦୁଇଟି ମଣିଷ ହତ୍ୟା ଘଟିଥିବାବେଳେ ଓ ହାତୀ ଆକ୍ରମଣ ଜନିତ ମୃତ୍ୟୁ,ଶିକାରୀଙ୍କ ଦ୍ୱାରା ହାତୀ ମୃତ୍ୟୁ ରୋକିବାରେ ବିଫଳ, ଅଭେନ୍ୟୁ ପ୍ଲାଣ୍ଟ, ମିଥ୍ୟା ପୋଖରୀ ଖୋଳା ଦୁର୍ନୀତି ସହ ଜଙ୍ଗଲରୁ ମୋରମ କାଟି ନାମକୁ ମାତ୍ର ଜଙ୍ଗଲ ରାସ୍ତା ନିର୍ମାଣ, ଚ଼ରା ରୋପଣ ଇତ୍ୟାଦି ବହୁ ଅନିୟମିତତା ରେ ଉବୁଟୁବୁ ହିନ୍ଦୋଳ ବନବିଭାଗ ନିଜ ଅପାରଗତାକୁ ଘୋଡାଇବାକୁ ନାମକୁ ମାତ୍ର ଚଢ଼ାଉ କରି ବାହାବା ନେବାକୁ ଚେଷ୍ଟା କରୁଥିବା ଜନସାଧାରଣ ଆଲୋଚନା କରୁଛନ୍ତ।

## ଅପରେସନ ସିନ୍ଦୂରର ସଫଳତା ପରେ ପରାକ୍ରମ ଶୋଭାଯାତ୍ରା

ଯୋଡ଼ା, (ମହାଭାରତ) ଭାରତୀୟ ସେନାର ଶୌର୍ଯ୍ୟ ଓ ପରାକ୍ରମ ଯୋଗୁଁ ଆଜି ଦେଶବାସୀ ଗର୍ବିତୟ ଭାରତର ସାର୍ବଭୌମତ୍ୱ ଓ ଭାରତୀୟଙ୍କ ସୁରକ୍ଷା ପାଇଁ ସେନାବାହିନୀର ଏହି ଦେଶଭକ୍ତି ଓ ବୀରତ୍ୱକୁ ସମ୍ମାନ ଜଣାଇ ଆଜି ଚମ୍ପୁଆ ନିର୍ବାଚନ ମଣ୍ଡଳୀ ଅନ୍ତର୍ଗତ ଯୋଡ଼ା ନଗରରେ ଏକ ତ୍ରିରଙ୍ଗା ରାଲି ଅନୁଷ୍ଠିତ ହୋଇଯାଇଛି। ଅପରେସନ ସିନ୍ଦୂରର ସଫଳତାକୁ ନେଇ ଯୋଡ଼ା ବିଜେପି ପକ୍ଷରୁ ଆଜି ତ୍ରିରଙ୍ଗା ଯାତ୍ରା ଅନୁଷ୍ଠିତ ହୋଇଥିଲା । ପହଲଗାମ ଆକ୍ରମଣର ପ୍ରତିଶୋଧ ଓ ଅପରେସନ ସିନ୍ଦୂର ଜରିଆରେ ଆତଙ୍କୀଙ୍କ ଉପରେ ଭାରତର ବିଜୟ ଓ ତିନି ସେନାର ବୀରତ୍ୱର ସମ୍ପର୍କରେ ଲୋକଙ୍କୁ ଅବଗତ କରାଯାଇଛି । ଭାରତ କିପରି ନିଜ ନାଗରିକଙ୍କୁ ସୁରକ୍ଷିତ ରଖିବା ସହ ବିଶ୍ୱରେ ନିଜର ସ୍ୱାଭିମାନକୁ ସୁରକ୍ଷିତ ରଖିପାରିଛି ବୋଲି ଏହାକୁ ଉପସ୍ଥାପନା କରାଯାଇଛି । ଏହି ଶୋଭାଯାତ୍ରା ଯୋଡ଼ା ଲକ୍ଷ୍ମୀ ପଡିଆ ଠାରୁ ଆରମ୍ଭ ହୋଇଥିଲା। ତ୍ରିରଙ୍ଗା ଶୋଭାଯାତ୍ରା ଯୋଡ଼ା ସହର ପରିକ୍ରମା କରିଥିଲେୟ ଭାରତ ମାତା କି ଜୟ, ବନ୍ଦେ ମାତରମ୍ ଧ୍ୱନିରେ ଗଗନପବନ ପ୍ରକମ୍ପିତ ହୋଇଥିଲା ।ବହୁ ସଂଖ୍ୟାରେ ସ୍ଥାନୀୟ ଜନତା, ବିଭିନ୍ନ ସାମାଜିକ ସଂଗଠନ, ସେ୍ୱଚ୍ଛାସେବୀ ସଂଗଠନ ଏବଂ ମହିଳା ମାନେ ଏହି ରାଲିରେ ଯୋଗଦେଇଥିଲେ।

## ଅପରେସନ ସିନ୍ଦୂର ସଫଳତା ଲାଗି ସମ୍ବଲପୁର ଠାରେ ଜିଲ୍ଲା ସ୍ତରୀୟ ପରାକ୍ରମ ପଦଯାତ୍ରା ଅନୁଷ୍ଠିତ

ସମ୍ବଲପୁର, (ମହାଭାରତ): ଆତଙ୍କବାଦ ବିରୋଧୀ ଅପରେସନ ସିନ୍ଦୂର'ରେ ଭାରତୀୟ ସେନାର ପରାକ୍ରମ ସମଗ୍ର ଦେଶବାସୀଙ୍କୁ ଗର୍ବିତ କରିଛି। ଭାରତୀୟ ସେନାର ଏହି ଅଗାଢ଼ ତ୍ୟାଗ ଓ ବଳିଦାନକୁ ସମ୍ମାନ ଜଣାଇ ଆଜି ପୂର୍ବାହ୍ନ ୯.୦୦ ଘଟିକା ସମୟରେ ସମ୍ବଲପୁର ରେ ଏକ ତ୍ରିରଙ୍ଗା ପରାକ୍ରମ ପଦଯାତ୍ରା ଅନୁଷ୍ଠିତ ହୋଇଯାଇଅଛି। ମାନ୍ୟବର କେନ୍ଦ୍ରଶିକ୍ଷା ମନ୍ତ୍ରୀ, ଭାରତ ସରକାର ତଥା ସମ୍ବଲପୁର ସାଂସଦ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ, ଉପମୁଖ୍ୟମନ୍ତ୍ରୀ ଓଡ଼ିଶା ସରକାର ଶ୍ରୀ କନକବର୍ଦ୍ଧନ ସିଂହଦେଓ, ମାନ୍ୟବର ଗ୍ରାମ୍ୟ ଉନ୍ନୟନ,ପଞ୍ଚାୟତି ରାଜ ଓ ପାନୀୟ ଜଳ ବିଭାଗ ମନ୍ତ୍ରୀ, ଓଡ଼ିଶା ସରକାର ଶ୍ରୀ ରବି ନାରାୟଣ ନାୟକ, ପୂର୍ବତନ ବିଧାୟକ ନାଉରୀ ନାୟକ ପ୍ରମୁଖ ଯୋଗଦେଇ ବୀର ସୁରେନ୍ଦ୍ର ସାଏ ଙ୍କ ପ୍ରତିମୂର୍ତ୍ତି ରେ ମାଲ୍ୟାର୍ପଣ କରି ଏହି ବିଶାଳ ଶୋଭାଯାତ୍ରା ର ଶୁଭାରମ୍ଭ କରିଥିଲେ। ଏହି ବିଶାଳ ଶୋଭାଯାତ୍ରା ଜେଲ୍ ଛକ ପରିସରରୁ ଆରମ୍ଭ ହୋଇ ନେଲସନ ମଣ୍ଡେଲା ଛକ ପର୍ଯ୍ୟନ୍ତ ଅନୁଷ୍ଠିତ ହୋଇଥିଲା,ପରେ ସହିଦ ସ୍ତମ୍ଭ ରେ ଶ୍ରଦ୍ଧାଞ୍ଜଳି ଦେଇ ଶୋଭାଯାତ୍ରା ସମାପନ କରାଯାଇଥିଲା। ମାନ୍ୟବର କେନ୍ଦ୍ରମନ୍ତ୍ରୀ ଶ୍ରୀ ଧର୍ମେନ୍ଦ୍ର ପ୍ରଧାନ ଏହି ବିଶାଳ ଶୋଭାଯାତ୍ରାକୁ ସମ୍ବୋଧନ କରି କହିଲେ ମାନନୀୟ ଯଶସ୍ୱୀ ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀଙ୍କ ନେତୃତ୍ୱରେ ଭାରତୀୟ ସେନା ଆଜି ଅପରେସନ ସିନ୍ଦୁର ମାଧ୍ୟମ ରେ ଆତଙ୍କବାଦୀ କାର୍ଯ୍ୟକଳାପ ର କଡ଼ା ଜବାବ୍ ଦେଇଛି ସେଥିପାଇଁ ସେ ଭାରତୀୟ ସେନା କୁ ସାଲ୍ୟୁଟ କରୁଛନ୍ତ।

## ଆସିକା ବିଜୁ ପଟ୍ଟନାୟକ ଛକରେ ନାହିଁ ଶୌଚ୍ଛଳୟ ଯାତ୍ରୀ ହନ୍ତସନ୍ତ



ଆସିକା (ମହାଭାରତ): ଆସିକା ସହରର ବିଜୁ ପଟ୍ଟନାୟକ ଛକ ଏକ ସମ୍ବେଦନଶୀଳ ଓ ଜନଗହଳି ପୂର୍ଣ୍ଣ ଛକୟ ଋଷିକୂଲ୍ୟା ଓ ବଡ଼ନଦୀ ର ଦୁଇଟି ପୋଲ ସହ ଆସିକା ସହର ମଧ୍ୟକୁ ପ୍ରବେଶ କରିବା ପାଇଁ ଏହା ଏକ ମୁଖ୍ୟ ଛକ। ସେହିଭଳି ଏହି ଠାରେ ବିଭିନ୍ନ ଆଡେ ଯିବା ପାଇଁ ଶହ ଶହ ଯାତ୍ରୀ ଏହିଠାରେ ବସ କୁ ଅପେକ୍ଷା କରିଥାନ୍ତି। ହେଲେ ପରିତାପର ବିଷୟ ଏଠାରେ ଶୌଚ୍ଛଳୟ ବ୍ୟବସ୍ଥା ନାହିଁ। ସ୍ୱଚ୍ଛ ଭାରତ ମିଶନ ପକ୍ଷରୁ ଅନେକ ଯୋଜନା କାର୍ଯ୍ୟକାରୀ ହେଉଥିଲା ବେଳେ କେଉଁ ପରିସ୍ଥିତିରେ ବିଜୁ ପଟ୍ଟନାୟକ ଛକରେ ଶୌଚ୍ଛଳୟ ନିର୍ମାଣ ହୋଇନାହିଁ ତାହା ଅଞ୍ଚଳ ବାସୀ ଙ୍କୁ ଆଶ୍ଚର୍ଯ୍ୟ ଚକିତ କରିଛି। ସହରର ବିଭିନ୍ନ ସମ୍ବେଦନଶୀଳ ଛକରେ ଆସିକା ବିଜ୍ଞାପିତ ଅଞ୍ଚଳ ପରିଷଦ ପକ୍ଷରୁ ବହୁ ଟଙ୍କା ବ୍ୟୟରେ ବାୟୋ ଟଏଲେଟ ନିର୍ମାଣ ହୋଇଥିଲା ବେଳେ ବିଜୁ ପଟ୍ଟନାୟକ ଛକରେ ବାୟୋ ଟଏଲେଟ ନାହିଁ। ବିଜୁ ଛକ ଠାରେ ସରକାରୀ ଜାଗା ଥିବା ସତ୍ୱେ ବିଭିନ୍ନ ଆଳ ଦେଖାଇ ଏକ ବର୍ଷ ତଳେ ବିଜୁ ଛକ ଠାରୁ ୨୦୦ ମିଟର ଦୂରରେ ପଞ୍ଜାବ ନ୍ୟାସନ୍ୟାଲ ବ୍ୟାଙ୍କ ଠାରେ ଏକ ବାୟୋ ଟଏଲେଟ ନିର୍ମାଣ କରାଯାଇଛି। ଏହା ବିଜୁ ଛକ ଠାରୁ ବହୁ ଦୂରରେ ଥିବା ଯୋଗୁଁ ଏହା ବ୍ୟବହାର ପାଇଁସମ୍ଭବପର ହୋଇପାରୁନାହିଁ। ଯାହା ଫଳରେ ଯାତ୍ରୀ ହନ୍ତ ସନ୍ତ ହେବା ସହ ନାନା ଅସୁବିଧାର ସମ୍ମୁଖୀନ ହେଉଥିବା ଦେଖିବାକୁ ମିଳୁନି। ବିଶେଷ କରି ବିଜୁ ଛକ ଠାରେ କୌଣସି ଟଏଲେଟ ନଥିବା ଯୋଗୁଁ ମହିଳା ଯାତ୍ରୀ ନାନା ଅସୁବିଧାର ସମ୍ମୁଖୀନ ହେଉଛନ୍ତି ।ଶୌଚ୍ଛଳୟ ବ୍ୟବସ୍ଥା ନଥିବା ଯୋଗୁଁ ଛକର ଚତୁର୍ପାର୍ଶ୍ୱରେ ଯାତ୍ରୀ ମାନେ ବିଭିନ୍ନ ସ୍ଥାନରେ ବାଧ ହୋଇ ପରିସ୍ରା କରୁଥିବା ଯୋଗୁଁ ଛକଟି ଦୁର୍ଗନ୍ଧରେ ଫାଟି ପଡୁଛି ।ଏଣୁ ମହିଳା ଯାତ୍ରୀ ମାନଙ୍କ ସୁବିଧା କୁ ଆଖି ଆଗରେ ରଖି ତୁରନ୍ତ ବିଜୁ ଛକ ଠାରେ ଏକ ଶୌଚ୍ଛଳୟ ନିର୍ମାଣ କରିବା ପାଇଁ ଆସିକା ଜନ ସାଧାରଣ ଓ ବୁଦ୍ଧିଜୀବୀ ମହଲରେ ଦାବୀ ହେଉଛ।

## ବର୍ଷା ରେ ଭାଙ୍ଗିଲା ଘର : ବିଜୁଳି ଆଘାତରେ ଗାଇ ଗୋରୁ ମୃତ

ନାରାୟଣପାଟଣା,(ମହାଭାରତ): ଗତକାଲି ପ୍ରବଳ ବର୍ଷା ଘଡଘଡି ଯୋଗୁଁ ନାରାୟଣପାଟଣା ବ୍ଲକ ର ବିଭିନ୍ନ ସ୍ଥାନରେ ବ୍ୟାପକ କ୍ଷୟକ୍ଷତି ହୋଇଛି। ତଳଗୁମାଣ୍ଡି ପଂଚ୍ଛୟତରେ ଉପରମୁଣ୍ଡରେ ରେ ପ୍ରବଳ ବର୍ଷା ଯୋଗୁଁ ଚ଼ଷ ଜମିରେ ବର୍ଷା ଜଳ ପ୍ରବାହ ସହ କାଦୁଆ ମାଟି ପଶିଯିବାରୁ ୧୫ ଏକର ଜମି ର ଫସଲ ନଷ୍ଟ ହୋଇଛି ।ଏଥି ସହ ତଳଗୁମାଣ୍ଡି କୁ ଯୋଗାଯୋଗ କରୁଥିବା ଭିତରପଡା ଗାଁ ରାସ୍ତା ରେ ପାହାଡ ରୁ ମାଟି ଖସି ରାସ୍ତା ଜାମ ହୋଇଛି ।ଏଥିସହ ଉପରଗୁମାଣ୍ଡି ପଂଚ୍ଛୟତରେ ବିଜୁଳି ପଡି ୨୨ ଗୋଟି ଛେଳିମେଣ୍ଢା ଙ୍କ ମୃତ୍ୟୁ ଘଟିଛି ।ବଜ୍ରା ଘାତ ରେ ୨୨ ଟି ଛେଳି ଓ ମେଣ୍ଢା ମୃତ ଘଟିଥିବା ସୁଚନା ମିଳିଛି ଓ ଗତ କାଲି ସନ୍ଧ୍ୟା ରେ ଘଡ ଘଡି ସହ ପ୍ରବଳ ବର୍ଷା ସାଙ୍ଗକୁ ବଜ୍ରପାତ ହୋଇଥିଲା ।ସେହି ସମୟରେ ଛେଳି ସବୁ ଏକ ଗଛ ମୂଳକୁ ଚ଼ଲିଯାଇଥିଲେ ସେତେବେଳେ ଉକ୍ତ ଗଛ ଉପରେ ବଜ୍ରପାତ ହେବାରୁ ମୃତ୍ୟୁ ହୋଇଛି । ଗ୍ରାମର ସାନ୍ତାଡିଙ୍ଗି ଙ୍କ ର ନଅ ଟି ସେହିପରି ବୁଦ୍ରାଙ୍କ ର ତିନୋଟି, ରେଲି ଙ୍କ ର ଚ଼ରୋଟି, ଲଦେୟା ଙ୍କ ଦୁଇଟି ଓ କସମାଙ୍କ ର ଦୁଇଟି ଛେଳି ଓ ମେଣ୍ଢା ଙ୍କର ମୃତ୍ୟୁ ଘଟିଛି । ମୃତ ଛେଳି ଓ ମେଣ୍ଢାଗୁଡିକର ମୂଲ୍ୟ ଏକ ଲକ୍ଷରୁ ଉର୍ଦ୍ଧ ହେବ ବୋଲି ଜଣାଯାଇଛି ଓ ସମସ୍ତେ ଗରୀବ ଆଦିବାସୀ ହୋଇଥିବାରୁ କ୍ଷତିପୂରଣ ପାଇଁ ପ୍ରଶାସନ କୁ ନିବେଦନ କରିଛନ୍ତି । ସେହିପରି ବିଜାଘାଟି ପଂଚ୍ଛୟତର ଝଡିପଦର ଗାଁ ରେ ପ୍ରବଳ ବର୍ଷା ଯୋଗୁଁ ଗାଁ ର ଶୃତି ଶିରିକା ଙ୍କ ମାଟି ଘର କାନ୍ଥ ଭୁଶୁଡ଼ି ପଡିଛି ।ସେ ମୃତ୍ୟୁ ମୁଖରୁ ଅଳ୍ପ କେ ବର୍ତି ଯାଇଛନ୍ତି ।ଅତି ଗରୀବ ପରୀବାର ର ହୋଇଥିବା ମାଟି ଘରେ ସେ ରହିଆସୁଥିଲେ ।ବର୍ତମାନ ଜରି ବାନ୍ଧି ଘରେ ରହୁଥିଲେ।

## ଟାଟା ପାୱାର ଅବହେଳା ,ବୃଦ୍ଧା ଗୁରୁତର,୩ଛେଳି ମୃତ

ହିନ୍ଦୋଳ(ମହାଭାରତ)ଢ଼େଙ୍କାନାଳ ଜିଲ୍ଲା ହିନ୍ଦୋଳ ନିର୍ବାଚନ ମଣ୍ଡଳୀ ବାଲିମି ଥାନା ଅର୍ନ୍ତଗତ କଙ୍କାଲୁ ମହାତଳା କେନ୍ଦୁପଲ୍ଲୀ ଛକରେ ଅଘଟଣ। ଆଜି ସକାଳ ପ୍ରାୟ ୮:୩୦ ସମୟରେ ଗାଁର ୭୦ ବର୍ଷୀୟ ବୃଦ୍ଧା ମହାରାଣୀ ନାଏକ ନିଜର ଛେଳି ଫିଟାଇବାକୁ ଯିବା ବେଳେ ଉପରେ ଯାଇଥିବା ୧୧କେଭି ବିଦ୍ୟୁତ ହଟାଠ ତାର ଛିଡି ବୃଦ୍ଧାଙ୍କ ଉପରେ ପଡ଼ିଯାଇଥିଲା। ଫଳରେ ଘଟଣାସ୍ଥଳରେ ୩ଟି ଛେଳି ପୋଡ଼ି ଜଳିଯାଇଥିବା ବେଳେ ବୃଦ୍ଧା ଜଣକ ଗୁରୁ□ର ଭାବେ ଆହତ ହୋଇଥିବା ସୂଚନା ମିଳିଛି। ସ୍ଥାନୀୟ ଲୋକେ ଗୁରୁତର ବୃଦ୍ଧଙ୍କୁ ଉଦ୍ଧାର କରି ୧୦୮ ଆମ୍ବୁଲାନ୍ସ ଯୋଗେ ପ୍ରଥମେ ଢ଼େଙ୍କାନାଳ ଜିଲ୍ଲା ଚିକିତ୍ସାଳୟ ଏବଂ ପରେ କଟକ ସ୍ଥାନାନ୍ତର କରିଥିବା ସୂଚନା ମିଳିଛି ।ଘଟଣା ଘଟିବାର ୩ ଘଣ୍ଟାରୁ ଉର୍ଦ୍ଧ୍ୱ ବିତିଯାଇଥିଲେ ମଧ୍ୟ ବିଦ୍ୟୁ ବିଭାଗ ଏବଂ ପୋଲିସ୍ ପହଞ୍ଚି ନଥିଲେ। ଉତ୍ୟକ୍ତ ଲୋକମାନେ ଗୁଳେହି-ନିମବାହାଳି ରାସ୍ତାର କେନ୍ଦୁପଲ୍ଲୀ ଛକ ନିକଟରେ କ୍ଷତି ପୂରଣ ଦାବିରେ ରାସ୍ତା ଅବରୋଧ କରିଛନ୍ତି କିନ୍ତୁ ଘଟଣା ସ୍ଥଳକୁ ତୁରନ୍ତ ବିଦ୍ୟୁତ ବିଭାଗ ଅଧିକାରୀ, ପ୍ରଶାସନ ନପହଂଚିବା ଜନସାଧାରଣଙ୍କ ମନରେ ଅସନ୍ତୋଷ ବଢ଼ାଇଦେବା ସହ ସମାଲୋଚନା କରାଯାଇଛି ।ତେବେ ଟାଟା ପୱାରର ଜୁଲମ ଓ ଚରମ ଅବହେଳା ପାଇଁ ଉପଭୋକ୍ତା ଓ ସାଧାରଣ ଜନତା ହନ୍ତସନ୍ତ ହେଉଥିବାବେଳେ ଏଥିପ୍ରତି ସରକାରଙ୍କ ନିଘା ନାହିଁ ଏବଂ କମ୍ପାନୀ ପ୍ରୀତି, ସ୍ଥାନୀୟ ଜନପ୍ରତିନିଧିଙ୍କ କମ୍ପାନୀପ୍ରତି ଲାଭଖୋର ସମର୍ଥନ ପାଇଁ ଅସଂଖ୍ୟ ନିରୀହ ଜନସାଧାରଣ ବିପଦରେ ପଡୁଥିବାରୁ ହିନ୍ଦୋଳରେ ଏକ ଜନଆନ୍ଦୋଳନ ପାଇଁ ପ୍ରସ୍ତୁତି ହେଉଥିବା ଜଣାପଡିଛି ।ତେଣୁ ତୁରନ୍ତ ବିଦ୍ୟୁତ ସମସ୍ୟା ସମାଧାନ ସହ ଅଘୋଷିତ ବିଦ୍ୟୁତକାଟ, ଟାଟା ର ଜୁଲମ ପାଇଁ ସରକାର ଆବଶ୍ୟକ ପଦକ୍ଷେପ ଗ୍ରହଣ ପାଇଁ ଜନସାଧାରଣ ଦାବି କରିଛନ୍ତି।

## ପାରାଦୀପ ରେ ଗାୟତ୍ରୀ ପରିବାର ତାଲିମ ଶିବିର ଉଦଯାପିତ



ପାରାଦୀପ(ମହାଭାରତ): ପାରାଦୀପ ବନ୍ଦର ଉପକଣ୍ଠ ସ୍ଥିତ ବିଜୟଚନ୍ଦ୍ରପୁର ର ଗାୟତ୍ରୀ ନଗରରେ ଗତ ୧୦ ମଇ ରୁ ଆରମ୍ଭ ହୋଇଥିବା ୯ ଦିନ ବ୍ୟାପି ସାଧନା ଶିବିର ଓ ଆଧ୍ୟାତ୍ମିକ ତାଲିମ ଶିବିର ୧୮ ମଇରେ ସମାପ୍ତ ହୋଇଛି। ଏହି କାର୍ଯ୍ୟକ୍ରମର ଲକ୍ଷ୍ୟ ଥିଲା ନିକଟବର୍ତ୍ତୀ ଅଞ୍ଚଳରେ ପ୍ରଶିକ୍ଷିତ ଗାୟତ୍ରୀ ପରିବାର ସଦସ୍ୟଙ୍କ ମାଧ୍ୟମରେ ଗାୟତ୍ରୀ ଉପାସନାର ଅଭ୍ୟାସ, ଆଧ୍ୟାତ୍ମିକ ଉନ୍ନତି ଏବଂ ନୈତିକ ବିକାଶର ପ୍ରସାର ଏବଂ ପ୍ରୋତ୍ସାହନ କରିବା। ସକାଳରୁ ସନ୍ଧ୍ୟା ପର୍ଯ୍ୟନ୍ତ ଏହି ନଅ ଦିନିଆ ତାଲିମ ଅଧିବେଶନରେ ଏହି ଅଞ୍ଚଳର ୧୫୦ ରୁ ଅଧିକ ଗାୟତ୍ରୀ ପରିବାର ସକ୍ରିୟ ଭାବରେ ଅଂଶଗ୍ରହଣ କରିଥିଲେ। ଶାନ୍ତିକୁଞ୍ଜ ହରିଦ୍ୱାର ଏବଂ ଓଡ଼ିଶା ରାଜ୍ୟର ସଂଯୋଜକ ଏବଂ ଜ୍ଞାନୀ ବିଶେଷଜ୍ଞମାନେ ଶ୍ରୀ ଶେଷଦେବ ବଇେ, ଶ୍ରୀ ବଳରାମ ସାହୁ ଗୌତମ, ଶ୍ରୀ ରବିନ୍ଦ୍ର କୁମାର ଗୌଡ଼ ଏବଂ ଶ୍ରୀ ସରୋଜ କୁମାର ପ୍ରଧାନ ଉପସ୍ଥିତ ଥିଲେ ଏବଂ ଅଂଶଗ୍ରହଣକାରୀମାନଙ୍କୁ ନୈତିକ ଗାୟତ୍ରୀ ଉପାସନା, ବୌଦ୍ଧିକ ସଂସ୍କାର, ବ୍ୟକ୍ତିତ୍ୱ ବିକାଶ, ସଙ୍ଗୀତ, ଦଫଲି, ହାରମୋନିୟମ, ଧ୍ୟାନ, ସାଧନା, ଯୋଗ, କର୍ମକାଣ୍ଡ ଭାସ୍କର, ବୌଦ୍ଧିକ ସଂସ୍କାର ଯଥା ଅନ୍ନପ୍ରାଶାସନ, ବିଦ୍ୟାରମ୍ଭ, ବିବାହ, ଏବଂ ଶ୍ରାଦ୍ଧକର୍ମ ବିଷୟରେ ତାଲିମ ଦେଇଥିଲେ। ପ୍ରତିଦିନ ସତସଙ୍ଗ କାର୍ଯ୍ୟକ୍ରମ ସ୍ଥିର କରାଯାଇଥିଲା ଯେଉଁଠାରେ ସାଧାରଣ ଜନତା, ସ୍ଥାନୀୟ ବୁଦ୍ଧିଜୀବୀ ଏବଂ ଅନ୍ୟାନ୍ୟ ଭକ୍ତମାନେ ଅଂଶଗ୍ରହଣ କରିଥିଲେ । ନିମନ୍ତ୍ରିତ ସଂଯୋଜକମାନେ ଗାୟତ୍ରୀ ମନ୍ତ୍ରର ଆଧ୍ୟାତ୍ମିକ ଶୁଦ୍ଧିକରଣ, ମାନସିକ ଏବଂ ଶାରୀରିକ ସୁସ୍ଥତା, ମସ୍ତିଷ୍କ କାର୍ଯ୍ୟ ଉପରେ ସକାରାତ୍ମକ ପ୍ରଭାବ, ନିଷ୍ପତ୍ତି ଗ୍ରହଣକୁ ତୀକ୍ଷ୍ଣ କରିବା ଏବଂ ଚ଼ପ ଏବଂ ଚିନ୍ତା ହ୍ରାସ କରିବା ଭଳି ଅନେକ ଲାଭ କିପରି ଅଛି ତାହା ଶିଖାଇଥିଲେ। ଶେଷ ଦିନ ସନ୍ଧ୍ୟାରେ ରବୀନ୍ଦ୍ର ଗୁରୁଜୀଙ୍କ ନିର୍ଦ୍ଦେଶନାରେ ଅନେକ ଦେଶପ୍ରେମୀ ତଥା ଉଗ୍ର ବିରୋଧୀ ଅଭିଯାନ ସମ୍ବନ୍ଧୀୟ ଗୋଷ୍ଠୀ ନୃତ୍ୟ, ସଂଗୀତ ଏବଂ ନାଟକ ରାଜା ହରିଶଚନ୍ଦ୍ର ମଞ୍ଚସ୍ଥ କରିଥିଲେ, ଯାହା ଅତ୍ୟନ୍ତ ପ୍ରଶଂସନୀୟ ଥିଲା। ପାରାଦ୍ୱୀପ ଗାୟତ୍ରୀ ପରିବାର ର ମୁଖ୍ୟ ପ୍ରଫେସର ପ୍ରଦୀପ କୁମାର ମହାନ୍ତି, ସହ ସଂଯୋଜକ ପ୍ରସନ୍ନ କୁମାର ରାଉତରାୟ, ପ୍ରକାଶ ରାଉତରାୟ, ବାବୁଲାଲ ହାତୀ, ଦିବାକର ବାଲିୟାର ସିଂ, ଦେବଗୁରୁ ନାୟକ, ଅଶୋକ କୁମାର ଦ□, କାର୍ତ୍ତିକ ଚନ୍ଦ୍ର ମହାନ୍ତି, ପ୍ରଦିପ କୁମାର ପରିଡା, ଦେବଗୁରୁ ନାୟକ ଏବଂ ସଂଯୁକ୍ତା ରାଉତ ଉକ୍ତ କାର୍ଯ୍ୟ କ୍ରମକୁ ସୁଚ୍ଛରୁ ରୂପେ ସଫଳତାର ସହ ପରିଚ୍ଛଳନା କରିଥିଲେ ।

## ଯୁବକଙ୍କୁ ଆକ୍ରମଣ, ଥାନାରେ ଅଭିଯୋଗ

ଆସିକା (ମହାଭାରତ)ଗଞ୍ଜାମ ଜିଲ୍ଲା ଆସିକା ଥାନା ସାହସପୁର କେନାଲ ସାହିରେ ଶିବରାମ ଗୌଡ଼ଙ୍କ ଘରେ ପସି ପତ୍ନୀ ଙ୍କୁ ଆସାମୀ ମାନେ ଆକ୍ରମଣ କରୁଥିବା ସମୟରେ ନିଜ ସ୍ତ୍ରୀ କୁ ସେମାନଙ୍କ କବଳରୁ ରକ୍ଷା କରିବାକୁ ଯାଇଥିବା ସ୍ୱାମୀକୁ ସଂଘବଧ ଭାବେ ମରଣାନ୍ତକ ଆକ୍ରମଣ ହୋଇଥିବା ଅଭିଯୋଗ ହୋଇଛି । ଆକ୍ରମଣ ରେ ଗ୍ରାମର ଶିବରାମ ଗୌଡ଼ ଓ ତାଙ୍କ ପ୍ତ୍ନୀ ଶ୍ରୀମତୀ ଗୌଡ଼ ଆହାତ ହୋଇଛନ୍ତି। ଏନେଇ ଆସିକା ଥାନାରେ ଅଭିଯୋଗ ହୋଇଥିବା ସୂଚନା ରହିଛି।

## ବଲାଙ୍ଗୀ ପାର୍କର ବିକାଶ କାମ ଠପ୍ :

# ରାଜନୀତି ପଶାପାଲିରେ ବନ୍ଧା ପଡ଼ିଛି ନିର୍ମାଣ କାର୍ଯ୍ୟ



ନୟାଗଡ଼, ( ମହାଭାରତ ) : ବଲାଙ୍ଗୀ ପାର୍କକୁ ନୟାଗଡ଼ ବାସୀଙ୍କ ସ୍ୱପ୍ନ ଓ ଯୋଜନା ବେଶ୍ ଅଧିକ ଥିଲା। ଏହି ପାର୍କଟି ଖୁବ୍ ଉନ୍ନତ ହେବ ଓ ଏଇଠିକୁ ବିଦେଶୀ ପର୍ଯ୍ୟଟକ ମାନେ ପରିଦର୍ଶନରେ ଆସିବେ ବୋଲି ସମସ୍ତଙ୍କ ଆଶା ରହିଥିଲା। ଗତବର୍ଷ ଆମେରିକା ଓ ଦାର୍ଜିଲିଂରୁ ପର୍ଯ୍ୟଟକ ମାନେ ଏହି ପାର୍କକୁ ଆସିଥିବା ଦେଖିବାକୁ ମିଳିଥିଲା। ଏହା ସହ ପର୍ଯ୍ୟଟନ ଋତୁରେ ପ୍ରତ୍ୟେକ ଦିନ ରାଜ୍ୟ ତଥା ରାଜ୍ୟ ବାହରୁ ପର୍ଯ୍ୟଟକ, ବୁଦ୍ଧିଜୀବୀ ଓ ସ୍କୁଲ ଛାତ୍ରଛାତ୍ରୀ ମାନେ ନୟାଗଡ଼ର ବଲାଙ୍ଗୀ ପାର୍କକୁ ଦେଖିବା ପାଇଁ ଧାଇଁ ଆସୁଥିଲେ। ମାତ୍ର ୨୦୨୪ ସାଧାରଣ ନିର୍ବାଚନ ପରଠାରୁ ବର୍ତ୍ତମାନ ଏହି ପାର୍କର ଉନ୍ନତି ଦିଗରେ କିଛି ବି ପଦକ୍ଷେପ ନିଆଯାଇନାହିଁ। ନୂତନ ଭାବେ କିଛି କାମ କରିବା ତ ଦୂରରେ ଥାଉ, ପାର୍କରେ ପୂର୍ବରୁ ନିର୍ମାଣ କରାଯାଇଥିବା ଏକାଧିକ ପ୍ରକଳ୍ପ ଅଚଳ ହୋଇପଡ଼ିଲାଣି। ପାର୍କକୁ ବୁଲିବା ପାଇଁ ଆସୁଥିବା ପର୍ଯ୍ୟଟକ ମାନଙ୍କ ପାଇଁ ନିର୍ମାଣ କରାଯାଇଥିବା ଶୌଚ୍ଛଳୟ ବନ୍ଦ ପଡ଼ିଛି। ଯେହେତୁ ପାର୍କରେ ପାଣି ଯୋଗାଣ କରାଯାଉ ନାହିଁ, ସେଥିପାଇଁ ଶୌଚ୍ଛଳୟ କାର୍ଯ୍ୟ କରୁନାହିଁ। ପର୍ଯ୍ୟଟକ ମାନଙ୍କୁ ଆକୃଷ୍ଟ କରିବା ପାଇଁ ୨୪୦ ଫୁଟ୍ ଉଚ୍ଚର ଆକର୍ଷଣୀୟ ଜଳପ୍ରପାତ ନିର୍ମାଣ କରାଯାଇଛି। ମାତ୍ର ବିଜୁଳି ସଂଯୋଗ ଦିଆଯାଇନଥିବାରୁ ଏହା ମଧ୍ୟ ଚ଼ଲୁ ହୋଇପାରୁନାହିଁ। ଏହା ସହ ପାର୍କର ସୁରକ୍ଷା ବ୍ୟବସ୍ଥା ପ୍ରତି ମଧ୍ୟ ଆଖି ବୁଜି ଦିଆଯାଇଛିୟ କିଛି ଦିନ ତଳେ ଲକ୍ଷ ଲକ୍ଷ ଟଙ୍କାର ବିଜୁଳି ତାର ଏଠାରୁ ଚୋରି ହୋଇଥିଲା ।ସନ୍ଧ୍ୟାରେ ପାର୍କଟି ସେତେ ଉଜ୍ଜ୍ୱଳ ଦେଖାଯାଉନି। ଯେହେତୁ ଉଚ୍ଚ କ୍ଷମତାସମ୍ପନ୍ନ ଟ୍ରାନ୍ସଫର୍ମର ଲଗାଯାଇ ନାହିଁ, କିନ୍ତୁ ଉଚ୍ଚ ପାୱାର ଭୋଲ୍ଟେଜର ବିଜୁଳି ଆଲୋକର ସେଠାରେ ବ୍ୟବସ୍ଥା କରାଯାଇଛି ବୋଟିଂ ହେଉଥିବା ସ୍ଥାନଟି ଅନ୍ଧାରିଆ ରହୁଥିବାରୁ ସନ୍ଧ୍ୟା ହେଲେ ପର୍ଯ୍ୟଟକ ମନେ ସେଉଠିକୁ ଯିବାକୁ ପସନ୍ଦ କରୁନାହାନ୍ତି। ପାର୍କରେ ସମସ୍ୟାର ତାଲିକା ଦିନକୁ ଦିନ ବଢ଼ି ଚ଼ଲିଥିବା ବେଳେ ନୟାଗଡ଼ ପୌର ପରିଷଦ ଏଥିପ୍ରତି ଆଖି ବୁଜି ଦେଇଛି। ଏହା ସହ ନୂତନ ସରକାର ଆସିବା ପରେ ମଧ୍ୟ ପାର୍କ କୁ ଟଙ୍କାଟିଏ ଅନୁଦାନ ଆସି ନାହିଁ। ରାଜନୈତିକ ପଶାପାଲିରେ ପାର୍କ ଟିର ଭବିଷ୍ୟତ ଏକ ପ୍ରକାର ଅନ୍ଧାକାର ମଧ୍ୟକୁ ଠେଲି ହୋଇଯାଇଛି। ସ୍ଥାନୀୟ ବିଧାୟକ ଅରୁଣ କୁମାର ସାହୁଙ୍କ ତତ୍ତ୍ୱାବଧାନରେ ଗଢ଼ି ଉଠିଥିବା ଏହି ପାର୍କର ଉନ୍ନତି ପାଇଁ ସେତେଟା ଯୋଜନା କରା କରାଯାଉନଥିବା ଅଭିଯୋଗ ହୋଇଛି। ପୂର୍ତ୍ତ ବିଭାଗର ମାଲିକାନା ରେ ଥିବା ଏହି ଜାଗା ସିନ୍ଦୁରିଆ ମୌଜାରେ ରହିଥିଲା। ନୟାଗଡ଼ ବିଧାୟକ ଅରୁଣ କୁମାର ସାହୁଙ୍କ ଉଦ୍ୟମରେ ୩୪ ଏକର ଜାଗାରେ ଏହି ପାର୍କ ନିର୍ମାଣ ପାଇଁ ଅନୁମୋଦନ ମିଳିଥିଲା। ଏଥିପାଇଁ ୩.୫ କୋଟି ଟଙ୍କା ମଞ୍ଜୁର କରାଯିବା ପରେ ଆରମ୍ଭ ହୋଇଥିଲା ନିର୍ମାଣ କାର୍ଯ୍ୟାୟ ୨୦୧୮ ନଭେମ୍ବରରେ ଏହି ପାର୍କ ପାଇଁ ଶୁଭ ଦିଆଯାଇଥିବା ବେଳେ ୨୦୧୯ ନିର୍ବାଚନରେ ଆଦର୍ଶ ଆଚରଣ ବିଧି, ବର୍ଷା ଦିନ, କୋଭିଡ୍ ଭଳି ଅନେକ ସମସ୍ୟାର ସମ୍ମୁଖୀନ ହେବାକୁ ପଡ଼ିଥିଲା। ବିଭିନ୍ନ ବିଭାଗର ସହାୟତାରେ ଏହି ପାର୍କ ନିର୍ମାଣ ହେଉଥିବା ବେଳେ ଏଥିରେ ୯ ଏକର ଜାଗାରେ ୪୦ ଫୁଟ୍ ଗଭୀର ପୋଖରୀରେ ବର୍ତ୍ତମାନ ବୋଟିଂ ବ୍ୟବସ୍ଥା ଆରମ୍ଭହୋଇସାରିଛି। ଏଥିସହ ପେଭରବ୍ଲକର ଚଲାପଥ, ଶିଶୁ ଉଦ୍ୟାନ, ମୁକ୍ତକାଶ ରଙ୍ଗମ□, ଫୁଡ୍ କୋର୍ଟ, ମ୍ୟୁଜିୟମ୍, ପୁଷ୍ପ ଉଦ୍ୟାନ, ଥିମ୍ ପାର୍କ, ଔଷଧୀୟ ଗଛକୁ ନେଇ ଛୋଟ ଉଦ୍ୟାନ, ମୁକ୍ତାକାଶ ଜିମ୍, ଲେଜର୍ ମ୍ୟୁଜିକାଲ ଗାର୍ଡେନ୍ ଏବଂ ୯ଟି ବରଗଛକୁ ନେଇ ନବଗ୍ରହ ସ୍ଥାପନ କରାଯାଇଛି। ୮୦୦ ମିଟର ପାହାଡ଼ ଚଢ଼ି ଟ୍ରାକିଂ କରିବା ବ୍ୟବସ୍ଥା ହୋଇଛି ନିରବଚ୍ଛିନ୍ନ ବିଦ୍ୟୁତ ବ୍ୟବସ୍ଥା ଲାଗି ୨୫୦ କିଲୋଭୋଲ୍ଟ ଟ୍ରାନ୍ସଫର୍ମର ଲଗାଯାଇଛି। ଏ ନେଇ ପୌର କାର୍ଯ୍ୟନିର୍ବାହୀ ଅଧିକାରୀ ସ୍ନେହଲତା ଆଚ୍ଛର୍ଯ୍ୟ କୁହନ୍ତି ଯେ, ପାର୍କର ସମସ୍ୟା ସଂକ୍ରାନ୍ତରେ ଗତ କାଉନସିଲ ବୈଠକରେ ଆଲୋଚନା ହୋଇଛି। ଅଧିକ ଭୋଲଟେଜ୍ ପାଇଁ ୧୦୦ କିଲୋ ଭୋଲ୍ଟ ଆଉ ଏକ ଟ୍ରାନସଫର୍ମର ଲଗାଯିବା ପାଇଁ ଟିପିସିଓଡିଏଲ୍ଙ୍କ ନିକଟରେ ଟଙ୍କା ଜମା କରାଯାଇଛି। ଏହା ସହ ଏ ନେଇ ଗଠନ କରାଯାଇଥିବା କମିଟି ହିଁ ପାର୍କର ଉନ୍ନତି ଦିଗରେ କାର୍ଯ୍ୟ କରିବ।



# ଏଇ ପୃଥିବୀରେ...

ପ୍ରତିଟି ଖବର ହାତ ପାହାନ୍ତାରେ






## ନୂଆ ୨୦ ଟଙ୍କିଆ ନୋଟ୍ ଜାରି କଲା ରିଜର୍ଭ ବ୍ୟାଙ୍କ

ନୂଆଦିଲ୍ଲୀ : ଭାରତୀୟ ରିଜର୍ଭ ବ୍ୟାଙ୍କର ବଡ ଘୋଷଣା । ଆଗାମୀ ଦିନରେ ୨୦ଟଙ୍କାର ନୂଆ ନୋଟ୍ ଜାରି କରିବ ଭାରତୀୟ ରିଜର୍ଭ ବ୍ୟାଙ୍କ । ପ୍ରଚଳିତ ହେବାକୁ ଥିବା ନୂଆ ୨୦ ଟଙ୍କିଆ ନୋଟରେ କେନ୍ଦ୍ର ସରକାରଙ୍କ ନୂଆ ଗଭର୍ଣ୍ଣର ସଞ୍ଜୟ ମଲହୋତ୍ରାଙ୍କ ଦସ୍ତଖତ ରହିବ । ଶନିବାର ଦିନ ଏହି ନିଷ୍ପତ୍ତି ନେଇଛି ରିଜର୍ଭ ବ୍ୟାଙ୍କ । ଜଇଓର ସୂଚନାନୁଯାୟୀ, ନୂଆ ନୋଟରେ ମହାତ୍ମା ଗାନ୍ଧୀଙ୍କ ଫଟୋ ନୂଆ ସିରିଜର ରହିବ । ନୂଆ ୨୦ଟଙ୍କିଆ ନୋଟ୍ ପୁରୁଣା ନୋଟ୍ ସହିତ ସମାନ ରହିବ । କେବଳ ସେଥିରେ ଗଭର୍ଣ୍ଣରଙ୍କ ଦସ୍ତଖତ ପରିବର୍ତ୍ତନ ହେବ । ଏହା ସହିତ ଆଉ ଏକ ସୂଚନା ଦେଇଛନ୍ତି ଯେ, ପୁରୁଣା ନୋଟଗୁଡିକ ମଧ୍ୟ ଆଗ ପରି ଚାଲୁ ରହିବ । କିନ୍ତୁ ଏହି ନୂଆ ନୋଟରେ ହାଲକା ରଙ୍ଗ ପରିବର୍ତ୍ତନ ହେବା ସହିତ ଆକାରରେ ସାମାନ୍ୟ ପରିବର୍ତ୍ତନ ହେବ । ଏହା ବ୍ୟତୀତ ନୂଆ ୨୦ ଟଙ୍କିଆ ନୋଟରେ ଦେବନଗରୀ ଲିପିରେ ଲେଖାଯିବ । ମହାତ୍ମା ଗାନ୍ଧୀଙ୍କ ଫଟୋ ପାଖରେ ହିନ୍ଦୀରେ ଭାରତ ବୋଲି ଛୋଟ ଛୋଟ ଅକ୍ଷରରେ ଲେଖା ଯାଇଥିବ । ମହାତ୍ମା ଗାନ୍ଧୀଙ୍କ ୱାଟର ମାର୍କ ପାଖରେ ଗଭର୍ଣ୍ଣରଙ୍କ ସିଗନେଚର ମଧ୍ୟ ରହିବ । ଏହା ସହିତ ଏଥିରେ ଏକ ଗୁମ୍ଫାର ଫଟୋ ରହିବ । ଏହି ଉପାୟ ମାଧ୍ୟମରେ ନୂଆ ନୋଟ୍ ଅସଲି ବୋଲି ଜଣାପଡିବ । ଅନ୍ୟପଟେ ସଞ୍ଜୟ ମଲହୋତ୍ରା ଜଇଓ ଗଭର୍ଣ୍ଣର ଭାବେ ୧୧ ଡିସେମ୍ବର ୨୦୨୪ କାର୍ଯ୍ୟକାରୀ କରିଥିଲେ । ତାଙ୍କୁ ୩ବର୍ଷ ପାଇଁ ଚୟନ କରାଯାଇଛି ।

## ଇଣ୍ଡୋନେସିଆରେ ଭୂକମ୍ପର ଝଟକା ଅନୁଭୂତ

ଇଣ୍ଡୋନେସିଆ : ଜୋରଦାର ଭୂକମ୍ପର ଝଟକାରେ ଥରିଲା ଇଣ୍ଡୋନେସିଆ । ରବିବାର ଦିନ ପ୍ରାୟ ସକାଳ ୨.୩୦ରେ ଭୂକମ୍ପ ଅନୁଭୂତ ହୋଇଛି । ଭୂକମ୍ପର ତୀବ୍ରତା ରିକ୍ଟର ସ୍କେଲ ୪.୬ ରହିଛି । ଏଥିରେ କାହାରି କ୍ଷୟକ୍ଷତି ହୋଇଥିବାର ସୂଚନା ଏପର୍ଯ୍ୟନ୍ତ ମିଳିନାହିଁ । ଘଉଝ ଏହି ସମ୍ପର୍କରେ ସୂଚନା ଦେଇଛି । ସେହିପରି ଭାରତର ଅରୁଣାଚଳ ପ୍ରଦେଶରେ ପ୍ରାୟ ସକାଳ ୫.୬ମିନିଟରେ ଭୂମିକମ୍ପ ଝଟକା ଅନୁଭୂତ ହୋଇଛି । ଭୂକମ୍ପର ତୀବ୍ରତା ୩.୮ ରହିଥିଲା । ବୁଧବାର ନେପାଳରେ ୪.୬ ତୀବ୍ରତାର ଏକ ଭୂମିକମ୍ପ ଅନୁଭୂତ ହୋଇଥିଲା । ନେପାଳରେ ୪.୬ ତୀବ୍ରତାର ଭୂମିକମ୍ପ ହୋଇଥିଲା । ଅନେକ ସ୍ଥାନରେ ଭୂକମ୍ପ ଅନୁଭୂତ ହୋଇଛି । କିନ୍ତୁ ଭୂକମ୍ପରେ କାହାର କୌଣସି କ୍ଷୟକ୍ଷତି ଘଟିନାହିଁ ।

## ଦିଲ୍ଲୀରେ ନୋ-ଏଣ୍ଟ୍ରି ପରମିଟ୍ ଜାଲ୍ ଅଭିଯୋଗ, ୨ ଗିରଫ

ନୂଆଦିଲ୍ଲୀ: କେନ୍ଦ୍ରୀୟ ଦିଲ୍ଲୀରେ ନିଷିଦ୍ଧ ସମୟରେ ବେଆଇନ ଗତିବିଧିକୁ ସହଜ କରିବା ପାଇଁ ବାଣିଜ୍ୟିକ ଯାନବାହଇାନ ଚାଳକମାନଙ୍କୁ ନକଲି ନୋ-ଏଣ୍ଟ୍ରି ପରମିଟ୍ (ଏନଇପି) ଯୋଗାଇବା ଅଭିଯୋଗରେ ଦୁଇଜଣଙ୍କୁ ଗିରଫ କରାଯାଇଛି । ଦିଲ୍ଲୀ ଟ୍ରାଫିକ୍ ପୁଲିସର ଜଣେ ଅଧିକାରୀ କହିଛନ୍ତି ଯେ ମେ' ୧୫ରେ ଆଇଟିଓ ଚୌକରେ ଡ୍ୟୁଟିରେ ଥିବା ଅଧିକାରୀମାନେ ରାତି ୯ଟା ସମୟରେ ଏକ ହାଲୁକା ସାମଗ୍ରୀ ଯାନ (ଏଲଜିଭି)କୁ ଅଟକାଇଥିଲେ । ବିଏସଜେଡ ମାର୍ଗରୁ ଡିଡିୟୁ ମାର୍ଗ ପର୍ଯ୍ୟନ୍ତ ନୋ-ଏଣ୍ଟ୍ରି ସମୟରେ ଗାଡିଟି ଯାଉଥିବା ଦେଖିବାକୁ ମିଳିଥିଲା । ଏହାପରେ ଗ ୀଡିର ୱିଣ୍ଡସ୍କ୍ରିନରେ ଲାଗିଥିବା ଏକ ଏନଇପି ଇ-ଚାଲାନ୍ ମେସିନ୍ ବ୍ୟବହାର କରି ଯାଞ୍ଚ କରାଯାଇଥିଲା, କିନ୍ତୁ କୌଣସି ରେକର୍ଡ ମିଳିନଥିଲା । ଡେପୁଟି କମିଶନର ଅଫ୍ ପୁଲିସ (ଟ୍ରାଫିକ୍) ମୁଖ୍ୟାଳୟରୁ ଅଧିକ ଯାଞ୍ଚ ପରେ ପରମିଟ୍ ଜାଲ୍ ହୋଇଥିବା ନିଶ୍ଚିତ ହୋଇଥିଲା । ତଦନ୍ତ ସମୟରେ ଏଟାର ବାସିନ୍ଦା ଦିଲୀପ କୁମାର ଭାବରେ ପରିଚିତ ଡ୍ରାଇଭର ପ୍ରକାଶ କରିଥିଲେ ଯେ ପାସଟି ଗାଡି ମାଲିକ ଆଜାଦପୁର ଫଳ ଏବଂ ପନିପରିବା ବଜାରରୁ ଜଣେ ଅଜ୍ଞାତ ବ୍ୟକ୍ତିଙ୍କଠାରୁ କିଣିଥିଲେ । ଡ୍ରାଇଭର ଗାଡି ମାଲିକଙ୍କ ଭାଇ ରାଜେଶ କୁମାରଙ୍କ ସହିତ ଯୋଗାଯୋଗ କରିଥିଲେ, ଯିଏ ତୁଷାର ନାମକ ଜଣେ ବ୍ୟକ୍ତିଙ୍କଠାରୁ ନକଲି ପରମିଟ ହାସଲ କରିଥିବା ସ୍ୱୀକାର କରିଥିଲେ ବୋଲି ପୁଲିସ ଡେପୁଟି କମିଶନର (ଟ୍ରାଫିକ୍) ହୁକମା ରାମ ସାଇ କହିଛନ୍ତି ।

## ବିଶ୍ୱର ପ୍ରଥମ ମାନବ ମୂତ୍ରାଶୟ ପ୍ରତିରୋପଣ କଲେ ଆମେରିକୀୟ ଡାକ୍ତର ଦଳ

ନୂଆଦିଲ୍ଲୀ : ଆମେରିକୀୟ ଡାକ୍ତରମାନଙ୍କର ଏକ ଦଳ ବିଶ୍ୱର ପ୍ରଥମ ମାନବ ମୂତ୍ରାଶୟ ପ୍ରତିରୋପଣ କରିଛନ୍ତି । ଦକ୍ଷିଣ କାଲିଫର୍ଣ୍ଣିଆର ଡାକ୍ତରମାନେ ପ୍ରଥମ ମାନବ ମୂତ୍ରାଶୟ ପ୍ରତିରୋପଣ କରିଛନ୍ତି, ଯାହା ଦୁର୍ବଳ ମୂତ୍ରାଶୟ ରୋଗ ଥିବା ଲୋକଙ୍କ ପାଇଁ ଆଶା ସଂଚାର କରିଛି । ଚଳିତ ମାସ ଆରମ୍ଭରେ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟ, ଲସ୍ ଏଞ୍ଜେଲସ୍ ଏବଂ ଦକ୍ଷିଣ କାଲିଫର୍ଣ୍ଣିଆ ବିଶ୍ୱବିଦ୍ୟାଳୟର ଦୁଇଜଣ ଡାକ୍ତରଙ୍କ ଦ୍ୱାରା ୪୧ ବର୍ଷ ବୟସ୍କ ପୁରୁଷଙ୍କ ଦେହରେ ଏହି ଅପରେସନ କରାଯାଇଥିଲା, ଯିଏକି ଏକ ବିରଳ ପ୍ରକାରର ମୂତ୍ରାଶୟ କର୍କଟ ପାଇଁ ଚିକିତ୍ସା କାରଣରୁ ତାଙ୍କର ମୂତ୍ରାଶୟ ଦୁର୍ବଳ ହୋଇ ପଡିଥିଲା । ଡକ୍ଟର ଇନ୍ଦରବୀର ଗିଲ୍ ଓ ଡକ୍ଟର ନିମା ନାସିରୀ ଏହି ଅପରେସନ କରିଥିଲେ । ଡକ୍ଟର ଗିଲ୍ କହିଛନ୍ତି ଯେ ଏହି ଅପରେସନ ଚିକିତ୍ସା ବିଜ୍ଞାନରେ ଏକ ଐତିହାସିକ ମୁହୂର୍ତ୍ତ । ଡାକ୍ତରମାନେ ଏଭଳି ଅପରେସନର ବ୍ୟବହାରକୁ ବଢାଇବା ପାଇଁ ଏକ ବଡ଼ ପରୀକ୍ଷଣ କରିବା ପୂର୍ବରୁ ମୂତ୍ରାଶୟ କ୍ଷମତା ଏବଂ ଗ୍ରାଫ୍ଟ ଜଟିଳତା ଭଳି ଫଳାଫଳ ପାଇବା ପାଇଁ ଏକ କ୍ଲିନିକାଲ୍ ଟ୍ରାଏଲ୍ ଅଂଶ ଭାବରେ ଆଉ ଚାରିଜଣ ରୋଗୀଙ୍କଠାରେ ମୂତ୍ରାଶୟ ପ୍ରତିରୋପଣ କରିବାକୁ ଯୋଜନା କରୁଛନ୍ତି ।

## ମହାରାଷ୍ଟ୍ରରେ ଭୟଙ୍କର ସଡକ ଦୁର୍ଘଟଣା

ମହାରାଷ୍ଟ୍ର : ମହାରାଷ୍ଟ୍ରର ଧାରାଶିବ ନିକଟରେ ଭୟଙ୍କର ସଡକ ଦୁର୍ଘଟଣା ଘଟିଛି । ବାଇକକୁ ଧକ୍କା ଦେଲା ଦ୍ରୁତଗାମୀ ଅଟୋ । ଫଳରେ ବାଇକରେ ଯାଉଥିବା ୨ଜଣ ଆରୋହିଙ୍କର ଘଟଣାସ୍ଥଳରେ ମୃତ୍ୟୁ ହୋଇଛି । ଖବର ପାଇବା ମାତ୍ରେ ପୋଲିସ ତୁରନ୍ତ ଘଟଣାସ୍ଥଳରେ ପହଞ୍ଚିଥିଲା ଏବଂ ପୋଷ୍ଟମର୍ଟମ ପାଇଁ ମଧ୍ୟ ମୃତଦେହକୁ ପଠାଇଥିଲା । ଏହା ସହିତ ପୋଲିସ ଦୁର୍ଘଟଣା ଘଟାଇଥିବା ଡ୍ରାଇଭରଙ୍କୁ ଗିରଫ କରି ତା' ନାଁରେ ମାମଲା ରୁଜୁ କରିଛି । ସୂଚନା ଅନୁଯାୟୀ, ମହାରାଷ୍ଟ୍ରର ଉମରଗା ସହରର ବାଏପାସ ରୋଡ଼ ନିକଟରେ ଏପରି ହୃଦୟବିଦାରକ ଦୃଶ୍ୟ ଦେଖିବାକୁ ମିଳିଛି । ମୃତକଙ୍କ ଘର ମହାରାଷ୍ଟ୍ର ଲେହାସୁର ବୋଲି ସୂଚନା ମିଳୁଛି । ମୃତକ ହେଲେ ଶିବପ୍ପା ମାଲୀ ଏବଂ ଅନିତା ମାଲୀ । ଉଭୟ ମୃତକ ସମ୍ପର୍କରେ ଭାଇ-ଭଉଣୀ ହେବେ ବୋଲି ଶୁଣିବାକୁ ମିଳୁଛି । ଅଟୋ ଦ୍ରୁତ ଗତିରେ ଥିବାରୁ ସେ ତା'ର ଭାରସାମ୍ୟ ହରାଇ ବସିଥିଲା । ତେଣୁ ବାଇକ୍ ଚାଳକଙ୍କୁ ଧକ୍କା ଦେଇ ଅଧ କିଲୋମିଟର ପର୍ଯ୍ୟନ୍ତ ଟାଣି ନେଇଥିଲା । ଯାହାଦ୍ୱାରା ଦୁଇ ଭାଇ-ଭଉଣୀଙ୍କ ଶରୀର କ୍ଷତବିକ୍ଷତ ହୋଇଯାଇଥିଲା । ଫଳରେ ଘଟଣାସ୍ଥଳରେ ଉଭୟ ଭାଇ-ଭଉଣୀଙ୍କ ପ୍ରାଣ ଚାଲିଯାଇଥିଲା । ଅନ୍ୟପଟେ ତୁରନ୍ତ ଘଟଣାସ୍ଥଳରେ ପୋଲିସ ପହଞ୍ଚି ଘଟଣାର ଯାଞ୍ଚ କରୁଛି । ଏହା ସହିତ ମୃତକଙ୍କୁ ପୋଷ୍ଟମର୍ଟମ ପାଇଁ ପଠାଇଥିଲା । ଅଟୋ ଡ୍ରାଇଭରକୁ ଗିରଫ କରି ମାମଲା ରୁଜୁ ମଧ୍ୟ କରିଛି ପୋଲିସ ।

# ଆଜି ଠୁ ଯୁଦ୍ଧ ! ଭାରତୀୟ ସେନାର ବଡ଼ ଘୋଷଣା

ନୂଆଦିଲ୍ଲୀ : ଭାରତ ଓ ପାକିସ୍ତାନ ମଧ୍ୟରେ ମେ ୧୦ରେ ହୋଇଥିବା୨ ଯୁଦ୍ଧବିରତି ଚୁକ୍ତି ଜାରି ରହିବ ବୋଲି ଭାରତୀୟ ସେନା ସ୍ପଷ୍ଟ କରିଛି । ଏହି ଯୁଦ୍ଧବିରତିର କୌଣସି ନିର୍ଦ୍ଦିଷ୍ଟ ସମୟସୀମା ନାହିଁ ଏବଂ ଏହା ଅନିର୍ଦ୍ଦିଷ୍ଟ କାଳ ପାଇଁ ବଳବତ୍ତର ରହିବ । ଭାରତୀୟ ସେନା କହିଛି ଯେ, ମେ ୧୨ରେ ଉଭୟ ଦେଶର ମିଲିଟାରୀ ଅପରେଶନ ନିର୍ଦ୍ଦେଶକ (ଡଏଗଙ) ମାନଙ୍କ ମଧ୍ୟରେ ହୋଇଥିବା ଆଲୋଚନା ଅନୁସାରେ ଏହି ଯୁଦ୍ଧବିରତି ବଜାୟ ରହିବ । ସେନା ଅଧିକାରୀମାନେ କହିଛନ୍ତି, ଆଜି ପାଇଁ କୌଣସି ଡଏଗଙ ସ୍ତରୀୟ ଆଲୋଚନା ନାହିଁ । ମେ ୧୨ରେ ନିଷ୍ପତ୍ତି ହୋଇଥିବା ଯୁଦ୍ଧବିରତିର କୌଣସି ସମାପ୍ତି ତାରିଖ ନାହିଁ । ଏହା ପୂର୍ବରୁ କେତେକ ଗଣମାଧ୍ୟମରେ ଖବର ପ୍ରକାଶ ପାଇଥିଲା ଯେ ଯୁଦ୍ଧବିରତି ମେ ୧୮ରେ ଶେଷ ହେବ ଏବଂ ନୂଆ ଆଲୋଚନା ହେବ । ଏହାକୁ ଖଣ୍ଡନ କରି ସେନା ଏହି ସ୍ପଷ୍ଟୀକରଣ ଦେଇଛି । ଏହି ଯୁଦ୍ଧବିରତି ଏପ୍ରିଲ ୨୨ରେ ଜମ୍ମୁ ଓ କାଶ୍ମୀରର ପାହାଲଗାମରେ ହୋଇଥିବା ଆତଙ୍କବାଦୀ ଆକ୍ରମଣ ପରେ ଉତ୍ତେଜନା ବୃଦ୍ଧି ପାଇଥିବା ବେଳେ ଆସିଥିଲା । ଏହି ଆକ୍ରମଣରେ ୨୬ ଜଣ ନାଗରିକ ପ୍ରାଣ ହରାଇଥିଲେ । ଏହାର ଜବାବରେ ଭାରତ ମଇ ୭ରେ 'ଅପରେଶନ ସିନ୍ଦୂର' ଆରମ୍ଭ କରି ପାକିସ୍ତାନ ଅଧିକୃତ କଶ୍ମୀର (ଚକ୍ଟଔକ) ଓ ପାକିସ୍ତାନରେ ଆତଙ୍କବାଦୀ ଅଡ୍ଡାକୁ ଟାର୍ଗେଟ କରିଥିଲା । ଭାରତୀୟ ସେନା ସୀମାରେ ଆସ୍ଥା ନିର୍ମାଣ ପାଇଁ ବିଭିନ୍ନ ପଦକ୍ଷେପ ଗ୍ରହଣ କରୁଛି ଏବଂ ସତର୍କତା ସ୍ତରକୁ କମାଇବାକୁ ଚେଷ୍ଟା କରୁଛି । ତେବେ, ସେନା ସ୍ପଷ୍ଟ କରିଛି ଯେ ପାକିସ୍ତାନର ଆଚରଣ ଉପରେ ଏହି ଯୁଦ୍ଧବିରତିର ଭବିଷ୍ୟତ ନିର୍ଭର କରୁଛି । ପାକିସ୍ତାନର ବୈଦେଶିକ ମନ୍ତ୍ରୀ ଇଶାକ ଦାର ମଧ୍ୟ କହିଛନ୍ତି ଯେ ପାକିସ୍ତାନ ଏହି ଯୁଦ୍ଧବିରତି ପ୍ରତି ପ୍ରତିବଦ୍ଧ ରହିବ ଏବଂ ଏହା ଦୀର୍ଘକାଳୀନ ଶାନ୍ତି ଆଲୋଚନାର ପଥ ପ୍ରଶସ୍ତ କରିପାରେ । ଏହି ଯୁଦ୍ଧବିରତି ସଫଳ ହେବ କି ନାହିଁ, ତାହା ଉଭୟ ଦେଶର ପାରସ୍ପରିକ ସହଯୋଗ ଏବଂ ସୀମାରେ ଶାନ୍ତି ବଜାୟ ରଖିବା ଉପରେ ନିର୍ଭର କରୁଛି ।



## ପାକିସ୍ତାନ ଉପରେ ୧୧ଟି ସର୍ତ୍ତ ଲାଗୁ କଲା ଆଇଏମଏଫ

ନୂଆଦିଲ୍ଲୀ : ଅପରେସନ ସିନ୍ଦୂର ପରେ ପାକିସ୍ତାନକୁ ଏକ ବଡ଼ ଝଟକା ଲାଗିଛି । ଆନ୍ତର୍ଜାତୀୟ ମୁଦ୍ରା ପାଣ୍ଠି (ଓଗର) ଏପରି ଏକ ପଦକ୍ଷେପ ନେଇଛି ଯାହା ଦ୍ୱାରା ଦାରିଦ୍ର୍ୟଗ୍ରସ୍ତ ପାକିସ୍ତାନ ବଡ଼ ସମସ୍ୟାରେ ପଡ଼ିପାରେ । ଓଗର ପାକିସ୍ତାନ ଉପରେ ଏହାର ବେଲଆଉଟ କାର୍ଯ୍ୟକ୍ରମର ପରବର୍ତ୍ତୀ ପର୍ଯ୍ୟାୟ ଜାରି ରଖିବା ପାଇଁ ୧୧ ଟି ନୂତନ ସର୍ତ୍ତ ଲାଗୁ କରିଛି । ଭାରତ ସହିତ ଉତ୍ତେଜନା ଯୋଜନାର ଆର୍ଥିକ, ବାହ୍ୟ ଏବଂ ସଂସ୍କାର ଲକ୍ଷ୍ୟ ପ୍ରତି ବିପଦ ବୃଦ୍ଧି କରିପାରେବୋଲି ଚେତାବନୀ ଦେଇଛି । ପାକିସ୍ତାନ ପାଇଁ ଓଗର ଦ୍ୱାରା ଧାର୍ଯ୍ୟ କରାଯାଇଥିବା ୧୧ଟି ସର୍ତ୍ତ ମଧ୍ୟରେ ୧୭ .୬ ଟ୍ରିଲିୟନ ପାକିସ୍ତାନୀ ଟଙ୍କାର ନୂତନ ବଜେଟକୁ ସଂସଦର ଅନୁମୋଦନ , ବିଦ୍ୟୁତ୍ ବିଲ୍ ଉପରେ ଋଣ ସେବା ସରଚାର୍ଜ ବୃଦ୍ଧି ଏବଂ ତିନି ବର୍ଷରୁ ପୁରୁଣା କାର ଆମଦାନୀ ଉପରେ ପ୍ରତିବନ୍ଧକ । ପାକିସ୍ତାନୀ ଗଣମାଧ୍ୟମ ଏକ୍ସପ୍ରେସ ଟ୍ରିବ୍ୟୁନ୍ ଏ ବିଷୟରେ ସୂଚନା ଦେଇଛି । ଗତକାଲି ପ୍ରକାଶିତ ଓଗରର କର୍ମଚାରୀ ସ୍ତରୀୟ ରିପୋର୍ଟରେ କୁହାଯାଇଛି ଯଦି ଭାରତ ଏବଂ ପାକିସ୍ତାନ ମଧ୍ୟରେ ଉତ୍ତେଜନା ଜାରି ରହେ କିମ୍ବା ଆହୁରି ଖରାପ ହୁଏ, ତେବେ କାର୍ଯ୍ୟକ୍ରମର ଆର୍ଥିକ, ବାହ୍ୟ ଲକ୍ଷ୍ୟ ପ୍ରତି ବିପଦ ବଢ଼ିପାରେ ବୋଲି ରିପୋର୍ଟରେ କୁହାଯାଇଛି । ଏଥିରେ ଆହୁରି କୁହାଯାଇଛି ଯେ ଗତ ଦୁଇ ସପ୍ତାହ ମଧ୍ୟରେ ପାକିସ୍ତାନ ଏବଂ ଭାରତ ମଧ୍ୟରେ ଉତ୍ତେଜନା ଯଥେଷ୍ଟ ବୃଦ୍ଧି ପାଇଛି, କିନ୍ତୁ ବଜାର ପ୍ରତିକ୍ରିୟା ସାମାନ୍ୟ ରହିଛି । ଷ୍ଟକ୍ ବଜାର ଏହାର ସାମ୍ପ୍ରତିକ ଲାଭକୁ ବଜାୟ ରଖିଛି ଏବଂ ସ୍ପ୍ରେଡ୍ ସାମାନ୍ୟ ଭାବରେ ବୃଦ୍ଧି ପାଇଛି । ଓଗର ରିପୋର୍ଟରେ ଆଗାମୀ ଆର୍ଥିକ ବର୍ଷ ପାଇଁ ପାକିସ୍ତାନର ପ୍ରତିରକ୍ଷା ବଜେଟ୍ ୨.୪ ଟ୍ରିଲିୟନ ଟଙ୍କା ଦର୍ଶାଯାଇଛି, ଯାହା ୧୨ ପ୍ରତିଶତ ବୃଦ୍ଧି ହୋଇଛି । ଏହି ମାସର ଆରମ୍ଭରେ ଭାରତ ସହିତ ମୁହାଁମୁହିଁ ହେବା ପରେ ଶାହବାଜ ସରକାର ବଜେଟରେ ଓଗର ଆକଳନ ଅପେକ୍ଷା ୨.୫ ଟ୍ରିଲିୟନ ଟଙ୍କା କିମ୍ବା ୧୮ ପ୍ରତିଶତ ଅଧିକ ବ୍ୟୟବରାଦ କରିବାକୁ କହିଛନ୍ତି । ଏକ୍ସପ୍ରେସ୍ ଟ୍ରିବ୍ୟୁନ୍ ରିପୋର୍ଟ କରିଛି ଯେ ଏହି ୧୧ଟି ନୂତନ ସର୍ତ୍ତ ଲାଗୁ କରିବା ପରେ, ପାକିସ୍ତାନ ଉପରେ ଓଗରମୋଟ ସର୍ତ୍ତ ସଂଖ୍ୟା ୫୦ ହୋଇଯାଇଛି ।




## ବିନା ପାଇଲଟରେ ୧୦ ମିନିଟ୍ ଆକାଶରେ ଉଡ଼ିଲା ବିମାନ

ବର୍ଲିନ୍ : ମଝି ଆକାଶରେ ଏକ ଭୟଙ୍କର ଘଟଣା ଘଟିଥିଲା । ଉକ୍ତ ଘଟଣାଟି ୨୦୨୪ର ହୋଇଥିଲେ ହେଁ ଶନିବାର ଏନେଇ ଏକ ରିପୋର୍ଟ ପ୍ରକାଶ ପାଇଛି । ଉକ୍ତ ବିମାନଟି ବିନା ପାଇଲଟ୍‌ରେ ପ୍ରାୟ ୧୦ ମିନିଟ୍ ପାଇଁ ଆକାଶରେ ଉଡ଼ିଥିଲା । ଯାହା ଅତ୍ୟନ୍ତ ଆଶ୍ଚର୍ଯ୍ୟଜନକ କଥା । ଉକ୍ତ ବିମାନରେ ୨୦୦ରୁ ଅଧିକ ଯାତ୍ରୀ ଥିଲେ । ଦୁର୍ଘଟଣା ତଦନ୍ତ କର୍ତ୍ତୃପକ୍ଷ ଉଓଓଇଇଉର ଏକ ରିପୋର୍ଟକୁ ଉଲ୍ଲେଖ କରି ୟକ୍ସ୍ଵବ ରିପୋର୍ଟ କରିଛି ଯେ, ୧୭ ଫେବୃଆରୀ ୨୦୨୪ରେ ଜର୍ମାନୀରୁ ସ୍ପେନ ଯାଉଥିବା ଏକ ବିମାନରେ ଏହି ଭୟଙ୍କର ଘଟଣା ଘଟିଥିଲା । କକ୍ ପିଟ୍‌ରେ ଥିବା ସମୟରେ ଜଣେ ପାଇଲଟ ଚେତାଶୂନ୍ୟ ହେବା ପରେ ଏହି ଚିନ୍ତାଜନକ ଘଟଣା ଘଟିଥିଲା । ଏହି ସମୟରେ ଅନ୍ୟ ଜଣେ କ୍ୟାପଟ୍ଟେନ ଟଏଲେଟ୍ ଯାଇଥିଲେ । ବିମାନ ଇ୩୨୧ରେ ୧୯୯ ଜଣ ଯାତ୍ରୀ ଏବଂ ୬ ଜଣ କ୍ରୁ ସଦସ୍ୟଙ୍କୁ ନେଇ ଲୁଫ୍ ?ଥାନ୍ସା ବିମାନରେ ଏପରି ଘଟିଥିଲା । ରିପୋର୍ଟ ଅନୁସାରେ, ପାଇଲଟ (୪୩) ପ୍ରାୟ ୩୦ ମିନିଟ୍ ଯାତ୍ରା ସମୟ ବାକି ଥିବା ବେଳେ ତାଙ୍କର ୩୮ ବର୍ଷୀୟ ସହକର୍ମୀଙ୍କୁ ବିମାନ ପରିଚାଳନା ଦାୟିତ୍ୱରେ ଛାଡ଼ି ଦେଇଥିଲେ । ୮ରୁ ୧୦ ମିନିଟ୍ ଭିତରେ ଫେରିବା ପରେ, କ୍ୟାପଟ୍ଟେନ କହିଲେ ଯେ, ସେ ଅନେକ ଚେଷ୍ଟା ସତ୍ତ୍ୱେ ସୁରକ୍ଷା କୋଡ୍ ସହିତ ମଧ୍ୟ କକ୍ ପିଟ ଭିତରକୁ ପ୍ରବେଶ କରିପାରିଲେ ନାହିଁ । ତାଙ୍କ ଇଣ୍ଟରକମ କଲ ଉତ୍ତର ଦିଆଯିବା ପରେ ଉତ୍ତେଜନା ବୃଦ୍ଧି ପାଇଲା । କିଛି ସମୟ ପରେ, କ୍ୟାପଟ୍ଟେନ ଏକ ଜରୁରୀକାଳୀନ ଏଣ୍ଟ୍ରି କୋଡ୍ ବ୍ୟବହାରର ସାହାରା ନେଇଥିଲେ । ଏହି ସମୟରେ ଅନ୍ୟ ସହ-ପାଇଲଟ ଚେତା ଫେରି ୧ପାଇଲେ ଏବଂ ବିମାନର ଡେକ୍ ଦ୍ୱାର ଭିତରୁ ମାନୁଆଲି ଖୋଲିଦେଲେ । କ୍ୟାପଟ୍ଟେନଙ୍କ ଦେହରୁ ପ୍ରବଳ ଝାଳ ବାହାରୁଥିଲା । ତାଙ୍କୁ କ୍ୟାବିନ କ୍ରୁ ଏବଂ ବିମାନରେ ଥିବା ଜଣେ ଡାକ୍ତର ଜଣେ ଯାତ୍ରୀ ପ୍ରାଥମିକ ଭାବରେ ଚିକିତ୍ସା କରାଇଥିଲେ । ରିପୋର୍ଟରେ ଆହୁରି କୁହାଯାଇଛି ଯେ, ଏହା ହାର୍ଟ ଆଟାକ୍‌ର ଲକ୍ଷଣ । ରିପୋର୍ଟ ଅନୁଯାୟୀ, ଲୁଫ୍‌ଥାନ୍ସା ସେମାନଙ୍କ ଉଡ଼ାଣ ସୁରକ୍ଷା ବିଭାଗର ଏହି ବିଷୟରେ ପୃଥକ ତଦନ୍ତକୁ ନିଶ୍ଚିତ କରିଛି, ଯାହାର ଫଳାଫଳ ଏପର୍ଯ୍ୟନ୍ତ ପ୍ରକାଶ କରାଯାଇ ନାହିଁ । ସହ-ପାଇଲଟଙ୍କ ଅସାବଧାନତାବଶତଃ ନିୟନ୍ତ୍ରଣ ଇନପୁଟ ସତ୍ତ୍ୱେ, ନିୟୋଜିତ ଅଟୋପାଇଲଟ ଯୋଗୁ ବିମାନଟି ସ୍ଥିର ଥିଲା । ଏହି ସମୟରେ ଭଏସ ରେକର୍ଡ ଅସାଧାରଣ ଶବ୍ଦ କରିଥିଲା, ଯାହା କକ୍ ?ପିଟ୍ ? ଭିତରେ ଏକ ଚିକିତ୍ସା ଜରୁରୀକାଳୀନ ପରିସ୍ଥିତିକୁ ସୂଚିତ କରିଥିଲା ।

## ବ୍ରିଜକୁ ଧକ୍କା ଦେଲା ଜାହାଜ ୨ ମୃତ ୧୯ ଆହତ

ନ୍ୟୁୟର୍କର ବ୍ରୁକଲିନ୍ ବ୍ରିଜକୁ ଧକ୍କା ଦେଲା ମାକ୍ସିନ ନୌସେନା ଜାହାଜ । ସେହି ଜାହାଜରେ ଥିବା ୨୭୭ ଯାତ୍ରୀଙ୍କ ମଧ୍ୟରୁ ୨ ଜଣଙ୍କର ମୃତ୍ୟୁ ହୋଇଥିବାବେଳେ ୧୯ ଜଣ ଆହତ ହୋଇଥିବା ସୂଚନା ମିଳିଛି । ଶନିବାର ଦିନ ଯାତ୍ରୀଙ୍କୁ ନେଇ ଯାଉଥିବା ସମୟରେ ଏପରି ଅଘଟଣ ଘଟିଥିଲା । ନ୍ୟୁୟର୍କ ସହରର ମେୟର ଆଡାମ୍ସ ଏରିକ୍ ରବିବାର ଦିନ ଘଟଣା ସମ୍ପର୍କରେ ଜଣାଇଛନ୍ତି । ସୂଚନାନୁଯାୟୀ, ଜାହଜଟି ଯାତ୍ରୀଙ୍କୁ ନେଇ ଯାଉଥିବା ସମୟରେ ଭାରସାମ୍ୟ ହରାଇ ବ୍ରିଜ୍ ସହିତ ଧକ୍କା ହୋଇଥିଲା । ଶନିବାର ରାତି ୮.୨୬ ମିନିଟରେ ଏପରି ଭୟାନକ ଦୃଶ୍ୟ ଦେଖିବାକୁ ମିଳିଛି ନ୍ୟୁୟର୍କରେ । ଏଥିରେ ୨ ଜଣଙ୍କ ପ୍ରାଣ ଯାଇଥିବାବେଳେ ୧୯ ଆହତ ଅଛନ୍ତି ବୋଲି ସିଏନଏ ରିପୋର୍ଟ କରିଛି । ଜାହାଜର ପତାକା ଉଡାଉଥିବାବେଳେ ଏହାର ତଳ ଭାଗ ବ୍ରିଜ ସହ ମାଡ ହୋଇଥିଲା । ଜାହାଜର



କିଛି ଅଂଶ ଭାଙ୍ଗି ଡେକ ଉପରେ ପଡିଥିଲା । ଯାହା ଦ୍ୱାରା ଜାହାଜ ନିୟନ୍ତ୍ରଣ ହରାଇଥିଲା । ତେଣୁ ଜାହଜ କ୍ଷତିଗ୍ରସ୍ତ ହୋଇଯିବାରୁ ଆଗକୁ ଆଉ ବଢିପାରିନଥିଲା । ଯାହା ଏକ ଭିଡିଓକୁ ବର୍ତ୍ତମାନ 'ଢ'ରେ ଦେଖିବାକୁ ମିଳୁଛି । ଫଳରେ ଏହି ଘଟଣାର ଯାଞ୍ଚ ପ୍ରକ୍ରିୟା ଏବେ ଚାଲୁ ରହିଛି । ଅନ୍ୟପଟେ ଜାହାଜର ଲମ୍ବା ୨୯୭ ଥିବାବେଳେ ୪୦ଫୁଟ ଚଉଡା ରହିଛି । ସେହିପରି ୨୫୪ ଦିନ ମଧ୍ୟରେ ୧୫ ଦେଶର ୨୨ଟି ବନ୍ଦର ଯାତ୍ରା କରିବାର ଯୋଜନା ଥିଲା । ସେଥି ମଧ୍ୟରୁ ୧୭୦ ଦିନ ସମୁଦ୍ରରେ ବିତାଇଥିଲେ । ନ୍ୟୁୟର୍କ ପୋଲିସ ବିଭାଗର ଜଣେ ମୁଖପାତ୍ରଙ୍କ ଦ୍ୱାରା ଅନେକ ଲୋକଙ୍କୁ ସହାୟତା ଦିଆଯାଇଥିଲା । ଏହା ବ୍ୟତୀତ ଅଗ୍ନିଶମ ବାହିନୀ ଆହତଙ୍କ ରିପୋର୍ଟ ପାଇଁ ମଧ୍ୟ ପଦକ୍ଷେପ ନେଇଥିଲେ ।

## ଆତଙ୍କବାଦୀ ସୈଫୁଲାକୁ ହତ୍ୟା

ନୂଆଦିଲ୍ଲୀ: ପାକିସ୍ତାନରେ ବସ ଟପ ଲସ୍କର ଆତଙ୍କବାଦୀ ସୈଫୁଲାକୁ ହତ୍ୟା କରାଯାଇଛି । ସିନ୍ଧ ପ୍ରୋଭିନ୍ସ ସୈଫୁଲା ଖାଲିଦକୁ ଅଜ୍ଞାତ ବନ୍ଧୁକଧାରୀ ଗୁଳି କରି ହତ୍ୟା କରିଥିବା ସୂଚନା ମିଳିଛି । ଏଲଇଟି ପାଇଁ କମାଣ୍ଡର ଭାବେ କାମ କରୁଥିବା ସୈଫୁଲା ୨୦୦୬ରେ ବିଏସଏସ ମୁଖ୍ୟାଳୟ ଆକ୍ରମଣ ଏବଂ ୨୦୦୫ ଆଇଆଇଏସସି କ୍ୟାମ୍ପସ ଆକ୍ରମଣ ଷଡ଼ଯନ୍ତ୍ରରେ ସାମିଲ ଥିଲା । ସେହିପରି ନେପାଳ-ଭାରତ ସୀମାରେ ଅନୁପ୍ରବେଶରେ ସହଯୋଗରେ କରୁଥିଲା । ଲସ୍କର-ଏ- ତୋୟବାର ଟପ୍ ଆତଙ୍କବାଦୀ ସେ ?ଫୁଲ୍ଲା ଖାଲିଦକୁ ଗୁଳି ମାରି ହତ୍ୟା କରାଯାଇଛି । କେହି ଅଜ୍ଞାତ ବନ୍ଧୁକଧାରୀ ତାକୁ ଗୁଳି କରି ନିପାତ କରିଛି । ଦୀର୍ଘ ଦିନ ହେଲା ନେପାଳରେ ରହି ନିଜ ଆତଙ୍କବାଦୀ ନେଟୱର୍କ ଚଲାଉଥିଲା । କିଛିଦିନ ହେବ ସିନ୍ଧ ପ୍ରଦେଶର ମତଲି ଓ ବଦିନରେ ଆତଙ୍କବାଦୀ କାର୍ଯ୍ୟକଳାପ ଚ୦ଲାଇଥିଲା ।

# ପାକ୍ ପରେ ବାଂଲାଦେଶକୁ ଝଟ୍‌କା

ନୂଆଦିଲ୍ଲୀ : ଭାରତ ପୁଣି ଥରେ ବାଂଲାଦେଶର ୟୁନୁସ ସରକାରଙ୍କୁ କଡ଼ା ଜବାବ ଦେଇଛି । ୟୁନୁସ ସରକାର ନିରନ୍ତର ଭାରତ ବିରୋଧରେ ପଦକ୍ଷେପ ନେଉଛନ୍ତି ଏବଂ ଭାରତକୁ କ୍ଷତି ପହଞ୍ଚାଇବାକୁ ଚେଷ୍ଟା କରୁଛନ୍ତି । ବିଦ୍ୟମାନ କୂଟନୈତିକ ବିବାଦକୁ ଆହୁରି ଘନିଷ୍ଠ କରୁଥିବା ଏକ ପଦକ୍ଷେପରେ, ଭାରତ ଶନିବାର ବାଂଲାଦେଶୀ ବିଭିନ୍ନ ସାମଗ୍ରୀ ଉପରେ ନୂତନ କଟକଣା ଲାଗୁ କରିଛି, କେବଳ ଦୁଇଟି ବନ୍ଦର – କୋଲକାତା ଏବଂ ନହାଭା ଶେଭା ଦେଇ ସେମାନଙ୍କର ପ୍ରବେଶକୁ ସୀମିତ କରିଛି । ଏହି ନିଷ୍ପତ୍ତି ଦ୍ୱାରା ଉତ୍ତର-ପୂର୍ବକୁ ବାଂଲାଦେଶୀ ରେଡିମେଡ ପୋଷାକ ଏବଂ ଅନ୍ୟାନ୍ୟ ଅନେକ ଜିନିଷର ପରିବହନ ସୀମିତ ହୋଇଛି, ଯାହା ଦୁଇ ପଡ଼ୋଶୀଙ୍କ ମଧ୍ୟରେ ବାଣିଜ୍ୟ ପ୍ରବାହକୁ ଗୁରୁତ୍ୱପୂର୍ଣ୍ଣ ଭାବରେ ପ୍ରଭାବିତ କରିଛି । ସେହିପରି, ବିଶେଷଜ୍ଞମାନେ ଭାରତର ଏହି ପଦକ୍ଷେପକୁ ବାଂଲାଦେଶ ପାଇଁ ଏକ ବିପର୍ଯ୍ୟୟ ଭାବରେ ଦେଖୁଛନ୍ତି, କାରଣ ବାଂଲାଦେଶର ଅର୍ଥନୀତି ବାଂଲାଦେଶୀ ରେଡିମେଡ ପୋଷାକ ଉପରେ ନିର୍ଭରଶୀଳ । ବୈଦେଶିକ ବାଣିଜ୍ୟ ମହାନିର୍ଦ୍ଦେଶାଳୟ (ଡଏରଞ୍ଜ) ଏକ ବିଜ୍ଞପ୍ତି ଜାରି କରି ଏହି ନୂଆ କଟକଣା ଲାଗୁ କରିଛି । ଏହି କଟକଣାଗୁଡ଼ିକ କେବଳ ଆରଏମଜି ନୁହେଁ ବରଂ ଆସାମ, ମେଘାଳୟ, ତ୍ରିପୁରା ଏବଂ ମିଜୋରାମରୁ ପ୍ଲାଷ୍ଟିକ, କାଠ ଫର୍ଣ୍ଣିଚର, କାର୍ବୋନେଟେଡ ପାନୀୟ, ପ୍ରକ୍ରିୟାକୃତ ଖାଦ୍ୟ ସାମଗ୍ରୀ, ଫଳ ସ୍ୱାଦଯୁକ୍ତ ପାନୀୟ, କପା ଏବଂ କପା ସୂତା ଅପଚୟ ଏବଂ ପଶ୍ଚିମବଙ୍ଗର ଫୁଲବାରୀ ଏବଂ ଚାଙ୍ଗରାବନ୍ଧାଠାରେ ଭୂମି କଷ୍ଟମ୍ସ ଷ୍ଟେସନ (ଖଉଝ) ଏବଂ ସମନ୍ୱିତ ଯାଞ୍ଚ ପୋଷ୍ଟ (ଓଉଚ) ମାଧ୍ୟମରେ ଆମଦାନୀକୁ ନିଷେଧ କରିଛି । ବାଂଲାଦେଶୀ ରପ୍ତାନି ସାମଗ୍ରୀକୁ ଭାରତୀୟ ବନ୍ଦର ଏବଂ ବିମାନବନ୍ଦର ଦେଇ ତୃତୀୟ ଦେଶକୁ ପରିବହନ କରିବାର ଅନୁମତି ଦେଉଥିବା ପ୍ରାୟ ପାଞ୍ଚ ବର୍ଷ ପୁରୁଣା ଟ୍ରାନ୍ସ-ସିପମେଣ୍ଟ ବ୍ୟବସ୍ଥାକୁ ଭାରତ ବାତିଲ କରିବାର ପାଞ୍ଚ ସପ୍ତାହ ପରେ ଏହି ପଦକ୍ଷେପ ନିଆଯାଇଛି । ଏହା ଏକ ପଦକ୍ଷେପ ଥିଲା ଯାହା ଦୁଇ ଦକ୍ଷିଣ ଏସୀୟ ପଡ଼ୋଶୀଙ୍କ ମଧ୍ୟରେ ଗଭୀର ଆର୍ଥିକ ସହଯୋଗର ପ୍ରତୀକ ଥିଲା । ରିପୋର୍ଟ ଅନୁସାରେ, ବାଂଲାଦେଶ ଦ୍ୱାରା ଲଗାତାର ଭାରତ ବିରୋଧୀ ପଦକ୍ଷେପ ନେବା ପରେ ଭାରତର ଏହି ପଦକ୍ଷେପ ନିଆଯାଇଛି । ନାମ ଗୋପନ ରଖିବା ସର୍ତ୍ତରେ ଜଣେ ଅଧିକାରୀ କହିଛନ୍ତି, "ଉତ୍ତର-ପୂର୍ବରେ ଭାରତ ଏବଂ ବାଂଲାଦେଶ ମଧ୍ୟରେ ୧୧ଟି ସ୍ଥଳ ପରିବହନ ସ୍ଥାନ ଅଛି । ଭାରତ ବର୍ଷ ବର୍ଷ ଧରି ଏହି ସ୍ଥାନଗୁଡ଼ିକ ଦେଇ ବାଂଲାଦେଶୀ ସାମଗ୍ରୀକୁ ମୁକ୍ତ ଭାବରେ ପରିବହନ କରିବାକୁ ଅନୁମତି ଦେଇଆସିଛି । ତଥାପି ବାଂଲାଦେଶ ନିରନ୍ତର ଭାବରେ ଭାରତୀୟ ଉତ୍ପାଦ, ବିଶେଷକରି ସୂତା, ପ୍ରକ୍ରିୟାକୃତ ସାମଗ୍ରୀ ଏବଂ ଚାଉଳର ପ୍ରବେଶକୁ ପ୍ରତିବନ୍ଧିତ କରିଆସିଛି ।



# ରାଜସ୍ଥାନ ରୟାଲ୍ସ ହାରିଲା, ଜିତିଲା ପଞ୍ଜାବ କିଙ୍ଗ୍ସ

ଜୟପୁର, ୧୮।୫ (ମହାଭାରତ): ଆରମ୍ଭରୁ ବିସ୍ଫୋରକ ବ୍ୟାଟିଂ କରି ପାୱାର ପ୍ଲେ ସହ ପ୍ରଥମ ୧୦ ଓଭରରେ ୧୦୦ରୁ ଅଧିକ ରନ କରିବେ। ଲାଗିବ ମ୍ୟାଚ୍ ସହଜରେ ଜିତିଯିବେ। କିନ୍ତୁ ମ୍ୟାଚ୍ ସରିଲା ବେଳକୁ ମ୍ୟାଚ୍ ହାରି ସାରିଥିବେ। ଏହା ହେଉଛି ରାଜସ୍ଥାନ ରୟାଲ୍ସର କାହାଣୀ। ଚଳିତ

## ପଞ୍ଜାବ କିଙ୍ଗ୍ସ-୨୧୯/୫
## ରାଜସ୍ଥାନ ରୟାଲ୍ସ-୨୦୯/୭
## ୱେଧେରାଙ୍କ ବିସ୍ଫୋରକ ୭୦ ରନ

ଆଇପିଏଲ୍‌ରେ ଏମିତି ଅନେକ ମ୍ୟାଚ୍‌ରେ ରାଜସ୍ଥାନର ଏମିତି ସ୍ଥିତି ଦେଖିବାକୁ ମିଳିଛି। ଆଉ ଆଜି ପଞ୍ଜାବ କିଙ୍ଗ୍ସ ବିପକ୍ଷ ମ୍ୟାଚ୍‌ରେ ବି ଏମିତି ପରାଜୟ ଭୋଗିଛି ରାଜସ୍ଥାନ ରୟାଲ୍ସ। ଆଇପିଏଲ୍ ୨୦୨୫ର ୫୯ତମ ହାଇସ୍କୋରିଂ ମ୍ୟାଚ୍‌ରେ ପଞ୍ଜାବ କିଙ୍ଗ୍ସ ୧୦ ରନରେ ରାଜସ୍ଥାନକୁ ହରାଇଛି ବିଜୟ ସହ ପଞ୍ଜାବ ୧୭ ପଏଣ୍ଟ ପାଇ ପଏଣ୍ଟ ଟେବୁଲର ଦ୍ୱିତୀୟ ସ୍ଥାନକୁ ଉଠି ଆଇପିଏଲର ପ୍ଲେ ଅଫ୍‌ର ଦ୍ୱାର ଦେଶରେ ପହଞ୍ଚିଛି।ଆଉ ଚଳିତ ସିଜିନରେ ରାଜସ୍ଥାନ ୧୦ମ ପରାଜୟ ଭୋଗିଛି।




ପ୍ରଥମେ ବ୍ୟାଟିଂ କରିଥିବା ପଞ୍ଜାବ କିଙ୍ଗ୍ସ ନେହଲ ୱେଧେରାଙ୍କ ୭୦ ରନ ଓ ଶଶାଙ୍କ ସିଂଙ୍କ ବିସ୍ଫୋରକ ୫୯ ରନ ବଳରେ ୫ ୱିକେଟ୍ ହରାଇ ୨୧୯ ରନର ବିଶାଳ ସ୍କୋର କରିଥିଲା। ଜବାବରେ ରାଜସ୍ଥାନ ବିଜୟ ଲକ୍ଷ୍ୟ ପିଛା କରି ୭ ୱିକେଟ୍ ହରାଇ ୨୦୯ ରନ କରି ପାରିଛି। ଯଶସ୍ୱୀ ଜୟସ୍ୱାଲଙ୍କ ୫୦ ରନ ଓ ଧ୍ରୁବ ଜୁରେଲଙ୍କ ୫୩ ରନର ଇନିଂସ ବ୍ୟର୍ଥ ହୋଇଛି। ବିଭବ ସୂର୍ଯ୍ୟବଂଶୀ ୪୦ ରନର ବିସ୍ଫୋରକ ଇନିଂସ ଖେଳିଛନ୍ତି। ମ୍ୟାଚ୍ ବେଶ ରୋମାଞ୍ଚକର ହୋଇଥିବା ବେଳେ ପଞ୍ଜାବ ଅଷ୍ଟମ ବିଜୟ ହାସଲ କରିଛି। ବୋଲିଂରେ ହରପ୍ରୀତ ବ୍ରାର ୨୨ ରନ ଦେଇ ୩ ୱିକେଟ୍ ନେଇ ଦଳ ବିଜୟରେ ଉଲ୍ଲେଖନୀୟ ଭୂମିକା ଗ୍ରହଣ କରିଛନ୍ତି।

୨୨୦ ରନର ବିଜୟ ଲକ୍ଷ୍ୟ ପିଛା କରିଥିବା ରାଜସ୍ଥାନର ଦୁଇ ଓପନର ଯଶସ୍ୱୀ ଜୟସ୍ୱାଲ ଓ ବୈଭବ ସୂର୍ଯ୍ୟବଂଶୀ ବିସ୍ଫୋରକ ବ୍ୟାଟିଂ କରିଥିଲେ। ଦୁଇ ବ୍ୟାଟର ମାତ୍ର ୪.୫ ଓଭରରେ ୭୬ ରନ ଯୋଡ଼ି ବିଜୟ ପାଇଁ ମୂଳଦୁଆ ପକାଇଥିଲେ। ସୂର୍ଯ୍ୟବଂଶୀ ୧୫ ବଲରୁ ୪ ଚୌକା ଓ ୪ ଛକା ସହ ୪୦ ରନ କରି ଆଉଟ୍ ହୋଇଥିଲେ। ଏହା ପରେ ଜୟସ୍ୱାଲ ୨୫ ବଲରୁ ୫୦ ରନ କରି ପାଭିଲିୟନ ଫେରିଥିଲେ। ଦୁଇ ଓପନର ଆଉଟ୍ ହେବା ପରେ ରାଜସ୍ଥାନ ନିୟମିତ ବ୍ୟବଧାନରେ ୱିକେଟ୍ ହରାଇଥିଲା ଅଧିନାୟକ ସଞ୍ଜୁ ସାମସନ ୨୦ ରନ, ରିୟାନ ପରାଗ ୧୩ ଓ ସିମରନ ହେଟମାୟର ୧୧ ରନ କରି ଆଉଟ୍ ହୋଇଥିଲେ। ଫଳରେ ଦଳ ବିଜୟଉଠୁ ଦୂରେଇ ଯାଇଥିଲା ତେବେ ଧ୍ରୁବ ଜୁରେଲ ୫୩ ରନର ଇନିଂସ ଖେଳିଥିଲେ ହେଁ ତାହା ଦଳ ପାଇଁ ପର୍ଯ୍ୟାପ୍ତ ନ ଥିଲା। ଶେଷରେ ରାଜସ୍ଥାନ ୭ ୱିକେଟ୍ ହରାଇ ୨୦୯ ରନ କରି ପାରିଥିଲା।

ଏହି ମ୍ୟାଚରେ ପଞ୍ଜାବ ଟସ ଜିତି ପ୍ରଥମେ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଥିଲା। କିନ୍ତୁ ଆରମ୍ଭରୁ ଦଳ ବେଶ କେତୋଟି ୱିକେଟ ହରାଇ ସଂକଟରେ ପଡ଼ିଥିଲା। ପ୍ରିୟାଂଶ ଆର୍ଯ୍ୟା ୯ ରନ, ପ୍ରଭସିମରନ ସିଂ ୨୧ ରନ ଓ ମିଚେଲ ଓୱେନ୍ ୦ ରନ କରି ଆଉଟ ହୋଇଥିଲେ। ତେବେ ନିହାଲ ୱାଧେରାଙ୍କ ୭୦ ରନର ଏକ ଲଢୁଆ। ଇନିଂସ ପଞ୍ଜାବକୁ ବିପଦ ମୁକ୍ତ କରିଥିଲା ଓ ସ୍କୋରକୁ ଏକ ସୁରକ୍ଷିତ ସ୍ତରକୁ ନେଇଯାଇଥିଲା। ଅଧିନାୟକ ଶ୍ରେୟସ ଆୟର ୩୦ ରନ କରିଥିବାବେଳେ ଶଶାଙ୍କ ସିଂ ଅପରାଜିତ ୫୯ ରନ କରିଥିଲେ। ସେହିପରି ଅଜମାତୁଲ୍ଲା ଓମର୍ଜାଇ ୨୧ ରନ କରିଥିଲେ। ଦଳ ନିର୍ଦ୍ଧାରିତ ୨୦ ଓଭରରେ ୨୧୯ ରନ କରିଥିଲା ରାଜସ୍ଥାନ ପକ୍ଷରୁ ତୁଷାର ଦେଶପାଣ୍ଡେ ୨ଟି ୱିକେଟ ନେଇଥିବାବେଳେ ରିୟାନ ପରାଦ, ଆକାସ ମାଧୱାଲ ଓ କ୍ୱେନା ମଫାକା ଗୋଟିଏ ଲେଖାଏଁ ୱିକେଟ ନେଇଥିଲେ।



କିଙ୍ଗସ ପଞ୍ଜାବର ବିଜୟ ପରେ ଖୁସିରେ ମାଲିକାଣୀ ପ୍ରିତି ଜିଣ୍ଟା।

# କେକେଆରକୁ ବିଦା କଲା ବର୍ଷା

ନୂଆଦିଲ୍ଲୀ, ୧୮।୫ (ମହାଭାରତ): ଆଇପିଏଲ୍ ୨୦୨୫ ପୁଣି ଥରେ ଆରମ୍ଭ ହେଲା ହେଲେ ବର୍ଷା ସବୁ ବିଗାଡ଼ି ଦେଲା ବିନା ଟସ୍‌ରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ କୋଲକାତା ନାଇଟ୍ ରାଇଡର୍ସ ମଧ୍ୟରେ ମ୍ୟାଚ୍ ବାତିଲ ହୋଇଛି। ଆଉ ଦୁଇ ଦଳକୁ ଗୋଟିଏ ଲେଖାଏଁ ପଏଣ୍ଟ ମିଳିଛି ମ୍ୟାଚ୍ ରଦ୍ଦ ହେବା ଡିଫେଣ୍ଡିଂ ଚାମ୍ପିଅନ କେକେଆରକୁ ଟୁର୍ଣ୍ଣାମେଣ୍ଟରୁ ବିଦା କରାଇଛି। ଆଜିଙ୍କ୍ୟ ରାହାଣେଙ୍କ ନେତୃତ୍ୱାଧୀନ କେକେଆର ପ୍ଲେ ଅଫ୍ ଦୌଡ଼ରୁ ବାଦ୍ ପଡ଼ିଛି।

ଏଥିସହ ଚତୁର୍ଥ ଦଳ ଭାବେ କେକେଆର ଚଳିତ ସିଜିନରୁ ବାଦ୍ ପଡ଼ିଛି ଏହା ପୂର୍ବରୁ ଚେନ୍ନାଇ ସୁପର କିଙ୍ଗସ, ରାଜସ୍ଥାନ ରୟାଲ୍ସ ଏବଂ ସନରାଇଜର୍ସ ହାଇଦ୍ରାବାଦ ବାଦ ପଡ଼ି ସାରିଛନ୍ତି। କେକେଆର ୧୩ ମ୍ୟାଚ୍‌ରୁ ୧୨ ପଏଣ୍ଟ ସହ ଷଷ୍ଠ ସ୍ଥାନରେ ରହିଛି। ଦଳ କେବଳ ୫ଟି ମ୍ୟାଚ୍ ଜାରି ପାରିଛି ଦଳର ଦୁଇଟି ମ୍ୟାଚ୍ ବର୍ଷା ଯୋଗୁଁ ବାତିଲ୍ ହୋଇଛି ଶେଷ ଲିଗ୍



ମ୍ୟାଚ୍ ଜିତିଲେ ଦଳର ପଏଣ୍ଟ ୧୪ରେ ପହଞ୍ଚିବ।

ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ପ୍ଲେ ଅଫର ବହୁତ ନିକଟତର ହୋଇଛି ମ୍ୟାଚ୍ ବାତିଲ ହେବାରୁ ଦଳକୁ ଗୋଟିଏ ପଏଣ୍ଟ ମିଳିଛି ଦଳ ଏପର୍ଯ୍ୟନ୍ତ ୧୨ଟି ମ୍ୟାଚରୁ ୮ ଟିରେ ବିଜୟୀ ସହ ୧୭ ପଏଣ୍ଟ ଟେବୁଲରେ ଶୀର୍ଷକୁ ଉଠିଛି ଆରସିବିର ଏବେ ବି ୨ଟି ମ୍ୟାଚ୍ ବାକି ଅଛି। କୋଲକାତା ନାଇଟ୍ ରାଇଡର୍ସ ପାଇଁ ବର୍ଷା ଖଳନାୟକ ପ୍ରମାଣିତ ହୋଇଛି। କେକେଆର ପାଇଁ ଏହି ମ୍ୟାଚ୍ ଜିତିବା ଗୁରୁତ୍ୱପୂର୍ଣ୍ଣ ଥିଲା କାରଣ ଆରିସିବକୁ ପରାସ୍ତ କରିଥିଲେ। ଦଳର ପ୍ଲେଅଫ୍ ଆଶା ଉଜ୍ଜୀବିତ ରହି ପାରିଥାନ୍ତା। ଚାରୋଟି ଦଳ ବାଦ୍ ପଡ଼ିବା ପରେ ଏବେ ପ୍ଲେ ଅଫ୍ ଦୌଡ଼ରେ ଗୁଜରାଟ ଟାଇଟନ୍ସ, ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ, ପଞ୍ଜାବ କିଙ୍ଗ୍ସ, ମୁମ୍ବାଇ ଇଣ୍ଡିଆନ୍ସ, ଦିଲ୍ଲୀ କ୍ୟାପିଟାଲ୍ସ ରହିଛନ୍ତି ଏହି ଦଳ ମଧ୍ୟରେ ଆଗକୁ କଡ଼ା ଟକ୍କର ହେବାକୁ ଯାଉଛି।

# କେବଳ ଧୋନୀଙ୍କ ପ୍ରଶଂସକ ଅସଲି

ନୂଆଦିଲ୍ଲୀ, ୧୮।୫ (ମହାଭାରତ): ପୂର୍ବତନ ଭାରତୀୟ ଅଫ ସ୍ପିନର ହରଭଜନ ସିଂ ସର୍ବଦା ନିଜର ସ୍ପଷ୍ଟବାଦୀ ପାଇଁ ପରିଚିତ ଏବେ ସେ ବିରାଟ କୋହଲିଙ୍କୁ ନେଇ ଏମିତି କିଛି ଟିପ୍ପଣୀ କରିଛନ୍ତି, ଯାହା ତାଙ୍କ ପ୍ରଶଂସକଙ୍କୁ ଖରାପ ଲାଗିଛି। କେବଳ ଏତିକି ନୁହେଁ ହରଭଜନ ନିଜ ବୟାନରେ ଏମଏସ ଧୋନୀଙ୍କ ନାଁ ମଧ୍ୟ ନେଇଛନ୍ତି।ଏହା ପରେ ସାମାଜିକ ଗଣମାଧ୍ୟମରେ ଚହଳ ପଡ଼ିଛି ବିରାଟ କୋହଲିଙ୍କ ପ୍ରଶଂସକ ସାମାଜିକ ଗଣମାଧ୍ୟମରେ ହରଭଜନ ସିଂଙ୍କୁ ଟାର୍ଗେଟ୍ କରିଛନ୍ତି। ପ୍ରଶଂସକଙ୍କ କହିବା କଥା ପୂର୍ବତନ ଅଫସ୍ପିନର ବିରାଟ କୋହଲିଙ୍କୁ ଟାର୍ଗେଟ୍ କରିଛନ୍ତି।

ହରଭଜନ ସିଂଙ୍କ ଏହି ପ୍ରତିକ୍ରିୟା ଶନିବାର ଆରସିବି ଓ କେକେଆର ମ୍ୟାଚ୍ ସମୟରେ ଆସିଛି କମେଣ୍ଟ୍ରି ବକ୍ସରେ ଧୋନୀଙ୍କ ଆଇପିଏଲ୍ ଭବିଷ୍ୟତକୁ ନେଇ ଆଲୋଚନା ଚାଲିଥିଲା କିଛି ମିଡିଆ। ରିପୋର୍ଟରେ ଦାବି କରାଯାଇଥିଲା ଯେ, ଧୋନୀ ଆଉ ଏକ ଆଇପିଏଲ୍ ସିଜିନ ଖେଳି ପାରନ୍ତି ଏହା ପରେ ହରଭଜନ ସ୍ଟାରସ୍ପୋର୍ଟ୍ସରେ କହିଛନ୍ତି, ଧୋନୀଙ୍କୁ ଯେ ପର୍ଯ୍ୟନ୍ତ ଇଚ୍ଛା ସେ ପର୍ଯ୍ୟନ୍ତ ଖେଳି ପାରିବେ ଏହା ପରେ ପ୍ରଶଂସକଙ୍କୁ ଆଲୋଚନା ନେଇ ହୋଇଥିଲା ଏହା ଉପରେ ହରଭଜନ କହିଛନ୍ତି, କେବଳ ଧୋନୀଙ୍କ ପାଖରେ ପ୍ରକୃତ ପ୍ରଶଂସକ ଅଛନ୍ତି ବାକି ଲୋକଙ୍କ ପାଖରେ ତ ପେଡ୍ ପ୍ରଶଂସକ ଏବଂ ପିଆର ଅଛନ୍ତି।ହରଭଜନ କହିଛନ୍ତି, ବାସ୍ତବରେ ଧୋନୀଙ୍କ ପାଖରେ ହିଁ ବାସ୍ତବିକ ପ୍ରଶଂସକ ଅଛନ୍ତି ବାକି ଲୋକଙ୍କର ତ କେବଳ ସୋସିଆଲ ମିଡିଆରେ ପ୍ରଶଂସକ ଅଛନ୍ତି। ଏପରିକି ଭଜି କହିଛନ୍ତି ଯେ, ଅଧିକାଂଶ ଖେଳାଳିଙ୍କ ସର୍ବଦା ପେଡ୍ ଫ୍ୟାନ୍ ଅଛନ୍ତି। ତେଣୁ ଏସବୁ କଥାକୁ ଛାଡ଼ି ଦିଅନ୍ତୁ ଯଦି ମୁଁ କହିବା ଆରମ୍ଭ କରିବି ତେବେ କଥା ଅନ୍ୟ ଦିଗକୁ ଚାଲିଯିବ ଏହି ସମୟରେ ଆକାଶ ଚୋପ୍ରା ମଧ୍ୟ ସେଠାରେ ଉପସ୍ଥିତ ଥିଲେ ହରଭଜନଙ୍କ କଥା ଶୁଣି ସେ ବି ଚକିତ ହୋଇଗଲେ ଏବଂ କହିଛନ୍ତି। ଭଜି ଏତେ ସତ କଥା କହିବାର ନ ଥିଲା ହରଭଜନଙ୍କ ଏମିତି ଟିପ୍ପଣୀକୁ ନେଇ ଲୋକେ ତାଙ୍କ ଉପରେ କ୍ଷୁବ୍ଧ ଅଛନ୍ତି ପ୍ରଶଂସକ କହିଛନ୍ତି ଯେ, ହରଭଜନ ପରୋକ୍ଷରେ କୋହଲିଙ୍କୁ ଟାର୍ଗେଟ୍ କରିଛନ୍ତି।

# ଗୁଜରାଟ୍ ଟାଇଟନ୍ସର ଐତିହାସିକ ବିଜୟ

ନୂଆଦିଲ୍ଲୀ, ୧୮।୫ (ମହାଭାରତ): ଆଇପିଏଲରେ ଇତିହାସ ରଚିଲା ଗୁଜରାଟ୍ ଟାଇଟନ୍ସ ।୧୦ ୱିକେଟ୍‌ରେ ଦିଲ୍ଲୀ କ୍ୟାପିଟାଲ୍ସକୁ ଶୋଚନୀୟ ଭାବେ ପରାସ୍ତ କରିଛି। ଅଧିନାୟକ ଶୁବମନ ଗିଲ୍ ଓ ସାଇ ସୁଦର୍ଶନଙ୍କ ବିସ୍ଫୋରକ ଇନିଂସ ପାଇଁ ଏହା ସମ୍ଭବ ହୋଇଛି ।ଦିଲ୍ଲୀ ପ୍ରଥମେ ବ୍ୟାଟିଂ କରି ଗୁଜରାଟକୁ ୨୦୦ରନ୍ ଟାର୍ଗେଟ୍ ଦେଇଥିଲା । ଏହି ବିଶାଳ ଲକ୍ଷ୍ୟକୁ ପିଛା କରି ପଡ଼ିଆକୁ ଓହ୍ଲାଇଥିଲେ ଦୁଇ ଓପନର ଗିଲ୍ ଓ ସାଇ ସୁଦର୍ଶନ ଆରମ୍ଭରୁ କ୍ୟାପିଟାଲ୍ସ ବୋଲରଙ୍କ ଉପରେ ନିର୍ଦ୍ଦମ ପ୍ରହାର କରିଥିଲେ । ନିର୍ଦ୍ଧାରିତ ୨୦ ଓଭରରେ କୌଣସି ୱିକେଟ୍ ନହରାଇ, ଦୁଇ ଖେଳାଳି ଅପରାଜିତ ରହି ବିଶାଳ ଲକ୍ଷ୍ୟକୁ ୧୯ ଓଭରରେ ହାସଲ କରିନେଇଥିଲେ । ଫଳରେ କେଏଲ ରାହୁଲଙ୍କ ଶତକୀୟ ଇନିଂସ ବେକାର ହୋଇଛି ।ଏହି ବିଜୟ ସହ ଗୁଜରାଟ୍ ଟାଇଟନ୍ସ ଟେବୁଲ୍ ଟପକୁ ଉଠିବା ସହିତ ପ୍ଲେ-ଅପ୍‌ରେ ପ୍ରବେଶ କରିଛି । ଅନ୍ୟପଟେ ଗୁଜରାଟ୍‌ରେ ଏହି ଜିତ୍ ପରେ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗସ୍ ପ୍ଲେ-ଅପ୍‌କୁ କ୍ୱାଲିଫାଏ କରିଛି। ଗୁଜରାଟ ପକ୍ଷରୁ ସାଇ ସୁଦର୍ଶନ ଅପରାଜିତ ୧୦୮ ରନ୍ କରିଥିବା ବେଳେ ଶୁବମନ ଗିଲ୍ ୯୩ ରନ୍ ସଂଗ୍ରହ କରିଛନ୍ତି ।

ଲୋକେଶ ରାହୁଲଙ୍କ ଅପରାଜିତ ଶତକ ବେକାର ହୋଇଛି ଦିଲ୍ଲୀ ଦ୍ୱାରା ପ୍ରଦତ୍ତ ୨୦୦ ରନର ଟାର୍ଗେଟକୁ ଗୁଜରାଟ ୧୯ ଓଭରରେ ବିନା ଉଇକେଟରେ ହାସଲ କରି ନେଇଥିଲା ।ଏହା ଗୁଜରାଟର ନବମ ବିଜୟ ହୋଇଥିବା ବେଳେ ଦିଲ୍ଲୀ ଲାଗି ଏହା ପଞ୍ଚମ ପରାଜୟ ପରାଜୟ ସତ୍ତ୍ୱେ ଦିଲ୍ଲୀର ପ୍ଲେଅଫ୍‌ରେ ସ୍ଥାନ ପକ୍କା କରିବାର ଆଶା ଉଜ୍ଜୀବିତ ରହିଛି। ଏହି ମ୍ୟାଚ୍ ଜରିଆରେ ଟି୨୦ କ୍ୟାରିୟରରେ ରାହୁଲ ୮ ହଜାର ଓ ଶୁବମନ ୫ ହଜାର ରନ ପୂରଣ କରିଛନ୍ତି।

ପାଇ ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ୨୦ ଓଭରରେ ୩ ଉଇକେଟ ହରାଇ ୧୯୯ ରନ କରିଥିଲା ଦଳ ପାଇଁ ରାହୁଲ ୬୫ ବଲରେ ଅପରାଜିତ ୧୧୨ ରନର ଶତକୀୟ ପାଳି ଖେଳିଥିଲେ ଏହା ତାଙ୍କ ଆଇପିଏଲ୍ କ୍ୟାରିୟରର ପଞ୍ଚମ ଶତକ ଥିଲା ତାଙ୍କ ଇନିଂସରେ ୧୪ ଚୌକା ଓ ୪ ଛକା ସାମିଲ ଥିଲା। ପ୍ରଥମେ ବ୍ୟାଟିଂ କରିଥିବା ଦିଲ୍ଲୀ ଖୁବ ଶସ୍ତାରେ ଫାଫ ଡୁ ପ୍ଲେସି(୫)ଙ୍କ ଉଇକେଟ ହରାଇଥିଲା ।ଅନ୍ୟତମ ଓପନର ଲୋକେଶ ରାହୁଲ ଓ ଅଭିଷେକ ପୋରେଲ ଦ୍ୱିତୀୟ ଉଇକେଟରେ ଦ୍ରୁତ ୯୦ ରନ ଯୋଡ଼ିଥିଲେ। ଆଟାକିଂ ବ୍ୟାଟିଂ କରୁଥିବା ପୋରେଲ ୧୯ ବଲରେ ୩୦ (୧ ଚୌକା ଓ ୩ ଛକା) ରନ କରି ଆଉଟ୍ ହୋଇଥିଲେ ।ଏହାପରେ ଅଧିନାୟକ ଅକ୍ଷର ପଟେଲ (୨୫)ଙ୍କ ସହ ମିଶି ରାହୁଲ ତୃତୀୟ ଉଇକଟରେ ୪୫ ରନ ଯୋଡ଼ିଥିଲେ। ଶେଷ ଆଡ଼କୁ ଟ୍ରିଷ୍ଟାନ ଷ୍ଟବ୍ସ ୧୦ ବଲରେ ୨୧ (୨ ଛକା) ରନ କରିଥିଲେ ରାହୁଲ ଶେଷ ପର୍ଯ୍ୟନ୍ତ ଅପରାଜିତ ରହି ୬୫ ବଲରେ ୧୧୨ ରନର ଶତକୀୟ ପାଳି ଖେଳିଥିଲେ ।ଏହା ତାଙ୍କ ଆଇପିଏଲ୍ କ୍ୟାରିୟରର ପଞ୍ଚମ ଶତକ ଥିଲା। ତାଙ୍କ ଇନିଂସରେ ୧୪ ଚୌକା ଓ ୪ ଛକା ସାମିଲ ଥିଲା। ଫଳରେ ଦିଲ୍ଲୀ ୨୦ ଓଭରରେ ୩ ଉଇକେଟ ହରାଇ ୧୯୯ ରନ କରିବାକୁ ସକ୍ଷମ ହୋଇଛି ଗୁଜରାଟ ପକ୍ଷରୁ ଆର୍ଶଦ ଖାନ, ଆର ସାଇ କିଶୋର ଓ ପ୍ରସିଦ୍ଧ କ୍ରିଷ୍ଣା ଗୋଟିଏ ଲେଖାଏ ଉଇକେଟ ନେଇଥିଲେ।

ଜବାବରେ ଅଧିନାୟକ ଗିଲ ଓ ସୁଦର୍ଶନ ଦଳକୁ ବିସ୍ଫୋରକ ଆରମ୍ଭ ପ୍ରଦାନ କରିଥିଲେ ଦୁହେଁ ଅବିଭାଜିତ ପ୍ରଥମ ଉଇକେଟରେ ୨୦୫ ରନ କରି ଦଳକୁ ଜିତାଇଥିଲେ ସୁଦର୍ଶନ ୬୧ ବଲରେ ୧୨ ଚୌକା ଓ ୪ ଛକା ୧୦୮ ରନ କରିଥିଲେ। ଏହା ତାଙ୍କ ଆଇପିଏଲ୍ କ୍ୟାରିୟରର ଦ୍ୱିତୀୟ ଶତକ ଥିଲା ସେହିଭଳି ଗିଲ ୫୩ ବଲରେ ୩ ଚୌକା ଓ ୭ ଛକା ସହିତ ୯୩ ରନ କରି ଅପରାଜିତ ରହିଥିଲେ।



# ପ୍ଲେ ଅଫ୍‌ରେ ୩ଟି ଦଳ

**ନୂଆଦିଲ୍ଲୀ, ୧୮।୫ (ମହାଭାରତ):** ଆଇପିଏଲ୍ ୨୦୨୫ ପାଇଁ ମେ ୧୮ ତାରିଖ ଥିଲା ଗୁରୁତ୍ୱପୂର୍ଣ୍ଣ ଥିଲା। କାରଣ ରବିବାର ଖେଳା ଯାଇଥିବା ଦୁଇଟି ମ୍ୟାଚ୍‌ର ଫଳାଫଳ ପୂରା ଟୁର୍ଣ୍ଣାମେଣ୍ଟର ସମୀକରଣ ବଦଳାଇ ଦେଇଛି ୫୯ଟି ମ୍ୟାଚ୍ ଖେଳାଯିବା ପରେ ଯେଉଁଠି ଗୋଟିଏ ବି ଦଳ ପ୍ଲେ ଅଫ୍ ପାଇଁ କ୍ୱାଲିଫାଏ କରି ନ ଥିଲେ, ସେଠାରେ ୬୦ତମ ମ୍ୟାଚ୍‌ର ଫଳାଫଳ ପରେ ଏକା ଥରକେ ୩ଟି ଦଳ ପ୍ଲେ ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିଛନ୍ତି ଗୁଜରାଟ ଓ ଦିଲ୍ଲୀ ମ୍ୟାଚ୍‌ର ଫଳାଫଳ ପରେ ପ୍ଲେ ଅଫ୍‌ର ଚିତ୍ର ସ୍ପଷ୍ଟ ହୋଇଛି ।ଦିଲ୍ଲୀ କ୍ୟାପିଟାଲ୍ସକୁ ୧୦ ୱିକେଟ୍‌ରେ ହରାଇବା ପରେ ୧୮ ପଏଣ୍ଟ ସହ ଗୁଜରାଟ କେବଳ ପ୍ଲେ ଅଫ୍ ପାଇଁ ଯୋଗ୍ୟତା ଅର୍ଜନ କରିନି ତାହା ସହ ଆଉ ଦୁଇଟି ଦଳ ରୟାଲ ଚ୍ୟାଲେଞ୍ଜର୍ସ ବେଙ୍ଗାଲୁରୁ ଓ ପଞ୍ଜାବ କିଙ୍ଗ୍ସ ମଧ୍ୟ ପ୍ଲେ ଅଫ୍‌ରେ ପ୍ରବେଶ କରିଛନ୍ତି। ଏହି ଦୁଇଟି ଦଳକୁ ୧୭ ପଏଣ୍ଟରେ ପ୍ଲେ ଅଫ୍‌ର ଟିକେଟ୍ ମିଳିଛି।

**ଗୁଜରାଟର ତୃତୀୟ ଥର**

ଚଳିତ ସିଜିନରେ ପ୍ରଥମ ଦଳ ଭାବେ ପ୍ଲେ ଅଫ୍‌କୁ ପ୍ରବେଶ କରିଥିବା ଦଳ ହେଉଛି ଗୁଜରାଟ ଟାଇଟନ୍ସ ।ଦଳ ଦିଲ୍ଲୀକୁ ୧୦ ୱିକେଟ୍‌ରେ ହରାଇ ନବମ ବିଜୟ ହାସଲ କରିଛି। ଦଳ ୧୨ଟି ମ୍ୟାଚ୍ ଖେଳି ୯ଟି ବିଜୟ ସହ ୧୮ ପଏଣ୍ଟ ପାଇଛି ।ଗୁଜରାଟ ତୃତୀୟ ଥର ପ୍ଲେ ଅଫ୍‌ରେ ପ୍ରବେଶ କରିଛି ଦଳ ୨୦୨୨ରେ ଚାମ୍ପିଅନ ହୋଇଥିଲା, ୨୦୨୩ରେ ଉପ ବିଜେତା ରହିଥିଲା ଏବଂ ୨୦୨୪ରେ ଲିଗ୍ ଷ୍ଟେଜରୁ ବାଦ୍ ପଡ଼ିଥିଲା ଆଉ ୨୦୨୫ରେ ପ୍ଲେ ଅଫ୍‌ରେ ପ୍ରବେଶ କରି ସାରିଛି ।

**ବେଙ୍ଗାଲୁରୁକୁ ପ୍ଲେ ଅଫ୍‌ରେ ମିଳିଲା ସ୍ଥାନ**

ଆଇପିଏଲ୍ ୨୦୨୫ରେ ରଜତ ପାଟିଦାରଙ୍କ ନେତୃତ୍ୱାଧୀନ ଆରସିବି ୧୨ଟି ଖେଳି ୮ ବିଜୟ ଏବଂ ଗୋଟିଏ ମ୍ୟାଚ୍ ବର୍ଷା ଯୋଗୁଁ ଧୋଇଯିବା ପରେ ୧୭ ପଏଣ୍ଟ ପାଇ କ୍ୱାଲିଫାଏ କରିଛି। ଦଳ ସପ୍ତମ ଥର ପ୍ଲେ ଅଫ୍‌ରେ ପ୍ରବେଶ କରିବାରେ ସଫଳ ହୋଇଛି ।ଏଥିରୁ ଦଳ ତିନି ଥର ଫାଇନାଲ୍ ଖେଳିଛି।

**୧୧ ବର୍ଷ ପରେ ପ୍ଲେ ଅଫ୍‌ରେ ପଞ୍ଜାବ କିଙ୍ଗ୍ସ**

ପଞ୍ଜାବ କିଙ୍ଗ୍ସ ଆଇପିଏଲ୍‌ରେ ୧୧ ବର୍ଷ ପରେ ପ୍ଲେ ଅଫ୍‌ରେ ପହଞ୍ଚି ପାରିଛି। ଏହା ପୂର୍ବରୁ ଦଳ ୨୦୧୪ରେ ଫାଇନାଲ୍‌ରେ ପହଞ୍ଚିଥିଲା। ମାତ୍ର ଟାଇଟଲ୍ ମ୍ୟାଚ୍‌ରେ ହାରିଥିଲା। ଆଇପିଏଲ୍ ୨୦୨୫ରେ ଶ୍ରେୟସ ଆୟରଙ୍କ ନେତୃକଧୀନ ଦଳ ୧୨ଟି ଖେଳି ୮ ବିଜୟ ଏବଂ ଗୋଟିଏ ମ୍ୟାଚ୍ ବର୍ଷା ଯୋଗୁଁ ଧୋଇଯିବା ପରେ ୧୭ ପଏଣ୍ଟ ପାଇ ତୃତୀୟ ଦଳ ଭାବେ କ୍ୱାଲିଫାଏ କରିଛି। ପଞ୍ଜାବ ଦ୍ୱିତୀୟ ଥର ପ୍ଲେ ଅଫ୍‌ରେ ପ୍ରବେଶ କରିଛି ନଚେତ ଦଳ ପ୍ରତି ଥର ଲିଗ୍ ଷ୍ଟେଜରୁ ବାଦ୍ ପଡ଼ିଆସିଛି ।

# ଇଣ୍ଡିଜକୁ ମିଳିଲା ନୂଆ ଅଧିନାୟକ

ଜମାଇକା, ୧୮।୫ (ମହାଭାରତ): ରୋଷ୍ଟନ ଚେଜଙ୍କୁ ୱେଷ୍ଟଇଣ୍ଡିଜ ପୁରୁଷ ଟେଷ୍ଟ ଦଳର ନୂଆ। ଅଧିନାୟକ ଭାବେ ନିଯୁକ୍ତ କରାଯାଇଛି ୨ ବର୍ଷ ତଳେ ଅନ୍ତିମ ଟେଷ୍ଟ ଖେଳିଥିବା ୩୩ ବର୍ଷୀୟ ଚେଜ, କ୍ରେଗ ବ୍ରାଥୱେଟଙ୍କ ସ୍ଥାନ ନେବେ ବ୍ରାଥୱେଟ ଗତ ମାର୍ଚ୍ଚରେ ନିଜ ପଦରୁ ଇସ୍ତଫା ଦେଇଥିଲେ ଅଷ୍ଟ୍ରେଲିଆ। ବିପକ୍ଷ ଘରୋଇ ଟେଷ୍ଟ ସିରିଜ ସହିତ ଚେଜଙ୍କ ଅଧିନାୟକ କ୍ୟାରିୟର ଆରମ୍ଭ ହେବ। ଏହି ସିରିଜ୍ ସହିତ ଉଭୟ ଅଷ୍ଟ୍ରେଲିଆ। ଓ ୱେଷ୍ଟଇଣ୍ଡିଜ ଦଳର ନୂଆ। ୱାଲର୍ଡ ଟେଷ୍ଟ ଚାମ୍ପିୟନଶିପ୍ (ଡବ୍ଲ୍ୟୁଟିସି) ଅଭିଯାନ ଆରମ୍ଭ ହେବ ଜୋମେଲ ୱାରିକାନଙ୍କୁ ଉପ ଅଧିନାୟକ ନିଯୁକ୍ତ କରାଯାଇଛି ଦଳର ନୂଆ। ଅଧିନାୟକ ନିଯୁକ୍ତି ଲାଗି କ୍ରିକେଟ ୱେଷ୍ଟଇଣ୍ଡିଜ (ସିଡବ୍ଲ୍ୟୁଆଇ) ପକ୍ଷରୁ ଏକ ଇଣ୍ଟରଭ୍ୟୁ ପ୍ୟାନେଲ ଗଠନ କରାଯାଇଥିଲା ଏଥିରେ ମୁଖ୍ୟ କୋଚ୍ ଡାରେନ ସାମି, ଡାଇରେକ୍ଟର ଅଫ କ୍ରିକେଟ ମାଇଲ୍ସ ବାସ୍କମ୍ବେ ଓ ଚେୟାରମ୍ୟାନ ଅଫ କ୍ରିକେଟ ଷ୍ଟ୍ରାଟେଜୀ ଏନୋଚ ଲୁଇସ ସଦସ୍ୟ ଥିଲେ ଚେଜ ଏପର୍ଯ୍ୟନ୍ତ ୪୯ ଟେଷ୍ଟ ଖେଳି ୨୬.୩୩ ଆଭରେଜରେ ୫ ଶତକ ସହ ୨୨୬୫ ରନ କରିଛନ୍ତି ତାଙ୍କ ନାମରେ ୮୫ ଉଇକେଟ ମଧ୍ୟ ରହିଛି ଶାଇ ହୋପ ଦିନିକିଆ। ଓ ଟି୨୦ ଫର୍ମାଟରେ ୱେଷ୍ଟଇଣ୍ଡିଜ ଦଳର ଅଧିନାୟକ ଅଛନ୍ତି।

Printed & Published by Biswajit Samanta on behalf of Kusuma Samanta printed at Niyati Publication (P) Ltd., 166-B MANCHESWAR INDUSTRIAL ESTATE, BHUBANESWAR-751010 & Published From LP-115, PRASANTI VIHAR, HOUSING BOARD COLONY BHUBANESWAR-751 024. Tele: (0674)2546981 Fax: (0674)2546982
Mob.: 9937028982, 7847944970, 7008420927 , Email : odishamahabharata@gmail.com, orissamahabharat@rediffmail.com Editor: SURJIT KUMAR DHAL ସମ୍ପାଦକ: ସୁରଜିତ୍ କୁମାର ଧଳ